# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୯/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, June 19/2021 | ★★★★★★

୪୭ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ରବୀନ୍ଦ୍ର କୌଶିକଙ୍କ ବାୟୋପିକ୍‌ରେ ସଲମାନ

ସଲମାନ ଖାନ୍ ପ୍ରଥମ ଥର ପାଇଁ ଏକ ବାୟୋପିକ ଫିଲ୍ମ କରିବାକୁ ଯାଉଛନ୍ତି। ସେ ଭାରତୀୟ ଗୁପ୍ତଚର ରବୀନ୍ଦ୍ର କୌଶିକଙ୍କ ଭୂମିକାରେ ଅଭିନୟ କରିବେ।

୧୦

୧୨

## ଦିଲୀପଙ୍କୁ ନୂଆ ଦାୟିତ୍ୱ

ଓଡ଼ିଶାରେ ହକି ଖେଳର ପରିଚାଳନା ପାଇଁ ଗଠିତ ଆଡ୍‌ହକ କମିଟିର ଚେୟାରମ୍ୟାନ ହୋଇଛନ୍ତି ଦିଲୀପ ତିର୍କୀ।








# ଅନ୍‌ଲାଇନରେ ୟୁଜି, ପିଜି

ଭୁବନେଶ୍ୱର,୧୮।୬(ବ୍ୟୁରୋ)

- ଛାତ୍ରୀଛାତ୍ର ଘରେ ବସି ପରୀକ୍ଷା ଦେଇପାରିବେ
- ଅଗଷ୍ଟ ସୁଦ୍ଧା ପରୀକ୍ଷା, ସେପ୍ଟେମ୍ବରରେ ଫଳ ପ୍ରକାଶ
- ତାରିଖ ନିର୍ଦ୍ଧାରଣ କରିବେ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ କଲେଜ କର୍ତ୍ତୃପକ୍ଷ

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟରେ ୟୁଜି ଓ ପିଜି ଶେଷବର୍ଷ ପରୀକ୍ଷା ହେବ। ଛାତ୍ରୀଛାତ୍ରମାନେ ଫାଇନାଲ ସେମିଷ୍ଟର ପରୀକ୍ଷା ଦେବେ। ଚଳିତ ବର୍ଷ ପରୀକ୍ଷା କରିବାକୁ ପୂର୍ବରୁ ବିଭାଗ ସବୁଜ ସଙ୍କେତ ଦେଇଥିଲା। କରୋନା ସଙ୍କଟ ଭିତରେ କିପରି ହେବ ସେ ନେଇ ବିଚାର ବିମର୍ଶ ଚାଲିଥିଲା। କୁଳପତିଙ୍କ ସହ ଆଲୋଚନା ପରେ ପରୀକ୍ଷା ଅନ୍‌ଲାଇନ୍‌ରେ କରିବାକୁ ନିଷ୍ପତ୍ତି ନେଇଛି ବିଭାଗ। ଏ ନେଇ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ଶୁକ୍ରବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭର୍ଚ୍ଚୁଆଲରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁଲାଇ କିମ୍ବା ଅଗଷ୍ଟରେ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ହେବ। ଅଗଷ୍ଟ କିମ୍ବା ସେପ୍ଟେମ୍ବରରେ ପରୀକ୍ଷା ଫଳ ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।

ଯେଉଁ ଛାତ୍ରୀଛାତ୍ରଙ୍କର ପୂର୍ବ ସେମିଷ୍ଟର ବା ପୂର୍ବବର୍ଷ ପରୀକ୍ଷା ବାକି ରହିଛି କିମ୍ବା ବ୍ୟାକ୍‌ପେପର ଅଛି, ସେହିସବୁ ପରୀକ୍ଷା ମଧ୍ୟ ଅନ୍‌ଲାଇନ୍‌ରେ ଜୁଲାଇ କିମ୍ବା ଅଗଷ୍ଟ ସୁଦ୍ଧା ସରିବ। ପରୀକ୍ଷା ତାରିଖ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ନିର୍ଦ୍ଧାରଣ କରିବେ। ଛାତ୍ରୀଛାତ୍ର ଘରୁ କିମ୍ବା ଯେକୌଣସି ସୁବିଧାଜନକ ସ୍ଥାନରେ ରହି ଏହି ଅନ୍‌ଲାଇନ୍ ପରୀକ୍ଷା ଦେଇପାରିବେ। ଘର ପାଖରେ ଥିବା ଡିଗ୍ରୀ ମହାବିଦ୍ୟାଳୟକୁ ଯାଇ ପରୀକ୍ଷା ଦେଇପାରିବେ। ଅନ୍‌ଲାଇନ୍ ପରୀକ୍ଷା କିପରି ହେବ, ସେ ସମ୍ପର୍କରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଜଣାଇବେ। ଜୁଲାଇ ମଧ୍ୟଭାଗରୁ ଶେଷ ଭାଗ ପର୍ଯ୍ୟନ୍ତ ଇଣ୍ଟରଆକ୍ଟିଭ୍ ଡାଉଟ୍ କ୍ଲିୟରିଂ କ୍ଲାସ୍ ଚାଲିବ। ଉପରୋକ୍ତ ସବୁ ନିଷ୍ପତ୍ତି ଶେଷବର୍ଷ ବା ଫାଇନାଲ୍ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ଉଦ୍ଦିଷ୍ଟ। ଅନ୍ୟ ସେମିଷ୍ଟର କିମ୍ବା ଅନ୍ୟ ବର୍ଷର ଛାତ୍ରୀଛାତ୍ରଙ୍କ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ପରବର୍ତ୍ତୀ ☞ପୃଷ୍ଠା-୪

## ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଯୁକ୍ତ୨ ପରୀକ୍ଷା ଫଳ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

- ଦଶମ ପରୀକ୍ଷା ପ୍ରଦର୍ଶନ ଆଧାରରେ ମାର୍କ ଦିଆଯିବ
- ସନ୍ତୁଷ୍ଟ ନ ହେଲେ ପରୀକ୍ଷା ଦେବାକୁ ସୁଯୋଗ ମିଳିବ
- କରୋନା ସ୍ଥିତି ସୁଧୁରିଲେ ଅଫ୍‌ଲାଇନ୍‌ରେ ପରୀକ୍ଷା ହେବ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇବ। ଏ ନେଇ ପରିଷଦ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସେପଟେ ମୂଲ୍ୟାୟନ କିପରି ହେବ ସେ ନେଇ ମଧ୍ୟ ପରିଷଦ ସ୍ପଷ୍ଟ କରିଛି। ଦଶମ ପରୀକ୍ଷା ପ୍ରଦର୍ଶନକୁ ଆଧାର କରି ପରୀକ୍ଷା ଫଳ ପ୍ରକାଶ କରାଯିବ। ସେହିପରି ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ମାର୍କ ପୂର୍ବ ସିଏଚଏସ୍‌ଇ ପରୀକ୍ଷା ପ୍ରଦର୍ଶନ ଆଧାରରେ ପ୍ରସ୍ତୁତ ହେବ। ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ କମ୍ପୋନେଣ୍ଟ ପାଇଁ ଛାତ୍ରୀଛାତ୍ରଙ୍କ ଦଶମ ଶ୍ରେଣୀର ପ୍ରଦର୍ଶନ ଅନୁଯାୟୀ ମାର୍କ ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଫଳାଫଳରେ ଛାତ୍ରୀଛାତ୍ର ସନ୍ତୁଷ୍ଟ ନ ହେଲେ ପରେ ପରୀକ୍ଷା ଦେବା ପାଇଁ ସୁଯୋଗ ପାଇବେ। କରୋନା ସ୍ଥିତି ସୁଧୁରିବା ପରେ ☞ପୃଷ୍ଠା-୪

# ଅକ୍ଟୋବରରେ ତୃତୀୟ ଲହର

ବେଙ୍ଗାଲୁରୁ, ୧୮।୬

**ବିଶେଷଜ୍ଞଙ୍କ ମତ**

- ଅଧିକ ନିୟନ୍ତ୍ରଣାଧୀନ ରହିବ
- ସ୍ୱାସ୍ଥ୍ୟଜନିତ ବିପଦ ଆଉ ବର୍ଷେ
- ପିଲା ଅଧିକ ସଂକ୍ରମିତ ହୋଇପାରନ୍ତି

ଭାରତରେ କରୋନା ଭୂତାଣୁ ସଂକ୍ରମଣର ତୃତୀୟ ଲହର ଅକ୍ଟୋବର ସୁଦ୍ଧା ଆସିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦିଓ ବର୍ତ୍ତମାନର ସଂକ୍ରମଣଠାରୁ ତୃତୀୟ ଲହରକୁ ଅଧିକ ଭଲ ଭାବରେ ନିୟନ୍ତ୍ରଣ କରାଯାଇପାରିବ, ତେବେ ମହାମାରୀ ଅନ୍ୟୁନ ଆଉ ବର୍ଷେ ପାଇଁ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇ ରହିବ ବୋଲି ସେମାନେ କହିଛନ୍ତି। ରଏଟର୍ସ ପକ୍ଷରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଏଥିରେ ବିଶ୍ୱର ୪୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଡାକ୍ତର, ବୈଜ୍ଞାନିକ, ଭୂତାଣୁ ବିଜ୍ଞାନୀ, ମହାମାରୀ ବିଜ୍ଞାନୀ ଓ ପ୍ରଫେସରମାନଙ୍କ ମତାମତ ନିଆଯାଇଥିଲା। ଟିକାକରଣକୁ ଯଥେଷ୍ଟ ବଢ଼ାଗଲେ ନୂଆ ସଂକ୍ରମଣରୁ ସୁରକ୍ଷା ମିଳିପାରିବ ବୋଲି ଜୁନ୍ ୩ରୁ ୧୭ ମଧ୍ୟରେ ହୋଇଥିବା ସ୍ନାପ୍ ସର୍ଭେରେ କୁହାଯାଇଛି।

ଅକ୍ଟୋବର ସୁଦ୍ଧା ତୃତୀୟ ଲହର ଦେ ବ । ଲି



୨୪ ବିଶେଷଜ୍ଞଙ୍କ ମଧ୍ୟରୁ ୨୧ ଜଣ (୮୫%) କହିଥିବାବେଳେ ଅନ୍ୟ ୩ ଜଣ ଅଗଷ୍ଟରେ ଆସିବ ବୋଲି ମତ ଦେଇଛନ୍ତି। ସେପ୍ଟେମ୍ବରରେ ତୃତୀୟ ଲହର ଆସିପାରେ ବୋଲି ୧୨ ଜଣ ମତ ଦେଇଥିବାବେଳେ ଅନ୍ୟ ୩ ବିଶେଷଜ୍ଞ କହିଛନ୍ତି, ଏହା ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ଆସିବା ସମ୍ଭାବନା ରହିଛି। ତେବେ ନୂତନ ଲହର ବର୍ତ୍ତମାନ ଅପେକ୍ଷା ଭଲ ଭାବରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ୩୪ ବିଶେଷଜ୍ଞଙ୍କ ମଧ୍ୟରୁ ୨୪ ଜଣ (୭୦%) ମତ ଦେଇଛନ୍ତି। ଗତବର୍ଷ କରୋନା ପ୍ରଥମ ଲହର ଅପେକ୍ଷା ☞ପୃଷ୍ଠା-୪

# ଓଡ଼ିଶାରୁ ବୀରେନ୍ଦ୍ର, ଅମିତ ସାମିଲ

ଭୁବନେଶ୍ୱର, ୧୮।୬(କ୍ରୀଡ଼ା ପ୍ରତିନିଧି)

**ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷିତ**

ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଶୁକ୍ରବାର ଭାରତୀୟ ପୁରୁଷ ହକି ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା ଓ ପ୍ରତିଭାସମ୍ପନ୍ନ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଗୁରୁବାର ଘୋଷିତ ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ଏକମାତ୍ର ଦୀପ୍ ଗ୍ରେସ୍ ଏକ୍କା ସ୍ଥାନ ପାଇଥିଲେ। ବୀରେନ୍ଦ୍ରଙ୍କର ପୂର୍ବରୁ ୨୦୧୨ ଅଲିମ୍ପିକ୍ସ ଖେଳିବାର ଅଭିଜ୍ଞତା ରହିଛି। ଆଣ୍ଠୁରେ ଆଘାତ ଯୋଗୁ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିପାରି ନ ଥିଲେ। ମାତ୍ର ଅମିତଙ୍କ ପାଇଁ ଏହା ହେବ ପ୍ରଥମ ଅଲିମ୍ପିକ୍ସ। ଘୋଷିତ ୧୬ ଜଣିଆ ଦଳରେ ଅମିତଙ୍କ ସମେତ ୯ ଖେଳାଳି ପ୍ରଥମଥର ପାଇଁ ଅଲିମ୍ପିକ୍ସ ସ୍ୱାଦ ପାଇବେ। ସେମାନେ ହେଲେ ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ସୁମିତ, ସମଶେର ସିଂ, ଦିଲପ୍ରୀତ ସିଂ, ଗୁରଜାନ୍ତ ସିଂ ଓ ଲଳିତ କୁମାର ଉପାଧ୍ୟାୟ। ୨୦୧୬ ପରେ କ୍ରମାଗତ ଦ୍ୱିତୀୟ ଥର ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ୬ ଖେଳାଳି ହେଲେ ପୂର୍ବତନ ଅଧିନାୟକ ତଥା ଗୋଲକିପର ପି.ଆର. ଶ୍ରୀଜେଶ, ମିଡ୍‌ଫିଲ୍ଡର ମନ୍‌ପ୍ରୀତ ସିଂ, ଡିଫେଣ୍ଡର ☞ପୃଷ୍ଠା-୪



ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ

## ଜୁନ୍‌ରେ ବଢ଼ିଲାଣି ୧୦ ଥର


**ପେଟ୍ରୋଲ ୨୭,ଡିଜେଲ ୩୧ ପଇସା**

ନୂଆଦିଲ୍ଲୀ/ଭୁବନେଶ୍ୱର,୧୮।୬

ଦିନକର ବିରତି ପରେ ପୁଣି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଛି। ଚଳିତ ମାସ ପହିଲାରୁ ଅଦ୍ୟାବଧି ତେଲ ଦର ୧୦ ଥର ବୃଦ୍ଧି ଘଟିଲାଣି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୭ ପଇସା ବଢ଼ିଥିବା ବେଳେ ଡିଜେଲ ୩୧ ପଇସା ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବଡ଼ ଝଟକା


# ଭାରତୀୟ ଆଇନକୁ ପାଳନ କର

ନୂଆଦିଲ୍ଲୀ, ୧୮।୬

**ଟୁଇଟରକୁ ସଂସଦୀୟ କମିଟିର କଡ଼ା ବାର୍ତ୍ତା**

ଭାରତୀୟ ଆଇନ ଓ ନିୟମାବଳୀକୁ ଅନୁପାଳନ କରିବା ଲାଗି ସଂସଦୀୟ କମିଟି ଶୁକ୍ରବାର ଟୁଇଟର ଇଣ୍ଡିଆକୁ କଡ଼ା ବାର୍ତ୍ତା ଦେଇଛି। ନୂଆ ଆଇଟି ନିୟମାବଳୀକୁ ନେଇ କେନ୍ଦ୍ର ସରକାର ଓ ଟୁଇଟର ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଶୁକ୍ରବାର ଉକ୍ତ ମାଇକ୍ରୋବ୍ଲଗିଂ ସାଇଟ୍‌ର ଅଧିକାରୀମାନେ କଂଗ୍ରେସ ନେତା ଶଶୀ ଥରୁରଙ୍କ ନେତୃତ୍ୱାଧୀନ ସଂସଦୀୟ କମିଟି ଆଗରେ ହାଜର ହୋଇଥିଲେ। ଟୁଇଟର ନିଜ ନୀତିକୁ ପାଳନ କରୁଥିବା ଏହାର ପ୍ରତିନିଧି ସୂଚନା ଓ ପ୍ରଯୁକ୍ତି ଉପରେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ କହିଥିଲେ। ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ପ୍ରସଙ୍ଗରେ ଟୁଇଟର ଇଣ୍ଡିଆ ପ୍ରତିନିଧିଙ୍କୁ ହାଜର ହେବା ଲାଗି କୁହାଯାଇଥିଲା। ତୁରନ୍ତ ନୂଆ ଆଇଟି ନିୟମାବଳୀ ଅନୁପାଳନ କରିବା ଲାଗି ଚଳିତ ମାସ ☞ପୃଷ୍ଠା-୪

# ମିଲ୍‌ଖା ସିଂଙ୍କ ପରଲୋକ

ଚଣ୍ଡିଗଡ଼, ୧୮।୬

୧୯୫୮ କମନୱେଲ୍‌ଥ ଗେମ୍ସ ଚାମ୍ପିୟନ ତଥା ୧୯୬୦ ରୋମ ଅଲିମ୍ପିଆନ୍ ମିଲ୍‌ଖା ସିଂ ଆଉ ନାହାନ୍ତି। ଶୁକ୍ରବାର ରାତିରେ ଚଣ୍ଡିଗଡ଼ସ୍ଥିତ ପିଜିଆଇଏମ୍‌ଇଆର୍‌ରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଏହି କିମ୍ବଦନ୍ତୀ ଆଥଲେଟ୍‌ଙ୍କ ବିୟୋଗରେ ଦେଶର କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

୫ ଦିନ ପୂର୍ବରୁ ମିଲ୍‌ଖାଙ୍କ ସ୍ତ୍ରୀ ନିର୍ମଳା ସିଂ (୮୫)ଙ୍କର ପରଲୋକ ହୋଇଥିଲା। ମିଲ୍‌ଖା ମେ' ୨୦ରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କୁ ପଞ୍ଜାବର ମୋହାଲିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମେ' ୩୦ରେ ସେ ଉକ୍ତ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ପରେ ଅକ୍ସିଜେନ୍ ସ୍ତର କମିବାରୁ ଜୁନ୍ ୩ରେ ତାଙ୍କୁ ପିଜିଆଇଏମ୍‌ଆର୍‌ର ନେହେରୁ ହସ୍ପିଟାଲ ଏକ୍ସଟେନ୍‌ଶନରେ ଭର୍ତ୍ତି କରାଯାଇଥିଲା। ତେବେ ଗତ ଗୁରୁବାର କୋଭିଡ୍ ରିପୋର୍ଟ ନେଗେଟିଭ ଆସିବାରୁ ତାଙ୍କୁ କୋଭିଡ୍ ଆଇସିୟୁରୁ ମେଡିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ମିଲ୍‌ଖାଙ୍କ ମୃତ୍ୟୁ ସମ୍ପର୍କରେ ପୁଅ ଜୀବ୍ ମିଲ୍‌ଖା ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୧୯୨୮ ନଭେମ୍ବର ୩୦ରେ ପଞ୍ଜାବର ଗୋବିନ୍ଦପୁରା (ଅଧୁନା ପାକିସ୍ତାନ)ରେ ମିଲ୍‌ଖା ସିଂଙ୍କ ଜନ୍ମ। ୧୯୫୮ରେ ☞ପୃଷ୍ଠା-୪



# ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଦେହାନ୍ତ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଏଡିଜି ର୍‍ୟାଙ୍କର ଆଇପିଏସ୍ ଅଫିସର ତଥା ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ଶୁକ୍ରବାର ରାତି ୧୦ଟା ୧୫ରେ ପରଲୋକ ଘଟିଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ କୋଲକାତାର ମେଡିକା ସୁପର ସ୍ପେଶାଲିଟି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କରୋନାରେ ସଂକ୍ରମିତ ହୋଇ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କୁ ମେ ୨୯ରେ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୂର୍ବରୁ ମଧୁମେହ ରୋଗରେ ପୀଡ଼ିତ ଥିବାବେଳେ କରୋନା ଯୋଗୁ ତାଙ୍କ ଫୁସ୍‌ଫୁସ୍ ସଂକ୍ରମଣ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କର ଏକ୍‌ମୋ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ତେଣୁ ଦେବାଶିଷଙ୍କୁ ଗତ ୮ ତାରିଖରେ କୋଲକାତାର ମେଡିକା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଏୟାର ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ☞ପୃଷ୍ଠା-୪



ଦେବାଶିଷ ପାଣିଗ୍ରାହୀ

**ବ୍ରିଟେନରେ ସପ୍ତାହରେ ଡେଲ୍ଟା ବଢ଼ିଛି ୩୩,୬୩୦**

ପ୍ରଥମେ ଭାରତରେ ଦେଖାଯାଇଥିବା କୋଭିଡ୍-୧୯ର ଡେଲ୍ଟା ଭାରିଆଣ୍ଟ ବ୍ରିଟେନରେ ସପ୍ତାହକ ମଧ୍ୟରେ ୩୩,୬୩୦ ଜଣଙ୍କୁ ସଂକ୍ରମିତ କରିଛି। ଫଳରେ ସେଠାରେ ଏହି ଭୂତାଣୁରେ ସଂକ୍ରମିତଙ୍କ ସଂଖ୍ୟା ୭୫,୯୫୩ରେ ପହଞ୍ଚିଛି। ବ୍ରିଟେନରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୯୯% ଡେଲ୍ଟା ଭାରିଆଣ୍ଟ ଦ୍ୱାରା ଆକ୍ରାନ୍ତ ବୋଲି କୁହାଯାଉଛି।



## ସଂକ୍ଷେପରେ

### ଜାଲ୍ ଟିକା କ୍ୟାମ୍ପ୍ ମାମଲାରେ ୪ ଗିରଫ

**ମୁମ୍ବାଇ, ୧୮।୬:** ମୁମ୍ବାଇରେ ଏକ ହାଉସିଂ ସୋସାଇଟି ଦ୍ୱାରା ଜାଲ୍ ଟିକାକରଣ କ୍ୟାମ୍ପ ଚଳାଯିବା ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ମୁମ୍ବାଇ ପୋଲିସ ଉକ୍ତ ସୋସାଇଟିର ବାସିନ୍ଦାମାନଙ୍କ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ଜାଲ୍ କ୍ୟାମ୍ପ ଚଳାଇବା ଘଟଣାରେ ଚଳଚ୍ଚିତ୍ର ନିର୍ମାତା ରମେଶ ତୌରାନି ସନ୍ଦେହ ଘେରରେ ରହିଛନ୍ତି। ତାଙ୍କ କର୍ମଚାରୀମାନେ ଯେପରି ଟିକା ନେଇପାରିବେ ସେଥିପାଇଁ ଉକ୍ତ ଭାକ୍ସିନେଶନ କ୍ୟାମ୍ପ୍ ଆୟୋଜନ ହୋଇଥିଲା। ଟିପ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ମୁଖ୍ୟ ତୌରାନି ମେ' ୩୦ରୁ ଜୁନ୍ ୩ ମଧ୍ୟରେ ତାଙ୍କର ୩୬୫ କର୍ମଚାରୀଙ୍କ ପାଇଁ ଉକ୍ତ ଟିକାକରଣ କ୍ୟାମ୍ପ୍ର ଆୟୋଜନ କରିଥିଲେ। ହେଲେ କର୍ମଚାରୀମାନେ ଟିକା ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟିକା ସାର୍ଟିଫିକେଟ ପାଇନାହାନ୍ତି।

### ସୋନିଆଙ୍କୁ ଭେଟିଲେ ଷ୍ଟାଲିନ

**ନୂଆଦିଲ୍ଲୀ, ୧୮।୬:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଶୁକ୍ରବାର ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ତାମିଲନାଡୁରେ ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଡିଏମ୍କେ-କଂଗ୍ରେସ ମେଣ୍ଟ କ୍ଷମତାକୁ ଆସିବା ପରେ ସୋନିଆଙ୍କ ସହ ଏହା ହେଉଛି ଷ୍ଟାଲିନଙ୍କ ପ୍ରଥମ ଭେଟ। ସାକ୍ଷାତ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ନେତାମାନେ ନୂଆ ସରକାରର ଯୋଜନା ଓ ନୀତି ସମ୍ପର୍କରେ ଆଲୋଚନା କରିଥିଲେ।

### ମୁକୁଲ ରାୟଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ: ଶୁଭେନ୍ଦୁ



**କୋଲକାତା, ୧୮।୬:** ତୃଣମୂଳ କଂଗ୍ରେସ ନେତା ମୁକୁଲ ରାୟଙ୍କ ବିଧାୟକ ପଦକୁ ଅଯୋଗ୍ୟ ଘୋଷଣା କରିବା ପାଇଁ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ବାଚସ୍ପତିଙ୍କୁ ଆବେଦନ କରିଛନ୍ତି। ମୁକୁଲ ଭାଜପା ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ସେ ଭାଜପା ଛାଡ଼ି ଟିଏମ୍ସିରେ ସାମିଲ ହୋଇଛନ୍ତି। ସେଥିପାଇଁ ତାଙ୍କ ବିଧାୟକ ପଦକୁ ଅଯୋଗ୍ୟ ଘୋଷଣା କରିବା ଲାଗି ଭାଜପା ନେତା ଶୁଭେନ୍ଦୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ନନ୍ଦିଗ୍ରାମ ଆସନରେ ଶୁଭେନ୍ଦୁଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାଲକାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ୨୪ରେ ଏହାର ଶୁଣାଣି ହେବ।

### ତଳକୁ ଖସିଲା ମୋଦିଙ୍କ ରେଟିଂ

**ନୂଆଦିଲ୍ଲୀ, ୧୮।୬:** ବିଶ୍ୱସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରେଟିଂ ୬୬%କୁ ହ୍ରାସ ପାଇଛି। ଗତବର୍ଷ ତାଙ୍କ ରେଟିଂ ୭୫% ରହିଥିଲା। ଏହା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଏବଂ ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କ ସମେତ ୧୩ ବିଶ୍ୱ ନେତାଙ୍କ ମଧ୍ୟରେ ମୋଦିଙ୍କ ରେଟିଂ ସର୍ବାଧିକ ରହିଛି। ଆମେରିକାର ମର୍ନିଂ କନ୍ସଲ୍ଟ ଦ୍ୱାରା 'ଗ୍ଲୋବାଲ ଲିଡର ଆପ୍ରୁଭାଲ୍ ରେଟିଂ ଟ୍ରାକର' ସର୍ଭେ କରାଯାଇଥିଲା। ସାପ୍ତାହିକ ଭିତ୍ତିରେ ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣ କୋରିଆ, ସ୍ପେନ୍, ବ୍ରିଟେନ ଏବଂ ଆମେରିକାର ନେତାମାନଙ୍କ ଅନୁମୋଦିତ ରେଟିଂକୁ ଟ୍ରାକ୍ କରାଯାଇଥିଲା। ଜୁନ୍ ୧୭ରେ ସଂଶୋଧିତ ହୋଇଥିବା ଟ୍ରାକରରେ ମୋଦିଙ୍କୁ ୬୬% ଅନୁମୋଦନ ମିଳିଥିବାବେଳେ ୨୮% ତାଙ୍କୁ ସ୍ୱୀକୃତି ଦେଇ ନ ଥିଲେ। ୨୦୨୧ ମେ' ୧୦ରେ ଅଣସ୍ୱୀକୃତି ରେଟିଂ ୩୨% ରହିଥିଲା। ଗତବର୍ଷ ମେ' ୨-୩ରେ ମୋଦିଙ୍କ ଅନୁମୋଦନ ରେଟିଂ ୮୪% ରହିଥିଲା। ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବାର ୩ ମାସ ପରେ ୨୦୧୯ ଅଗଷ୍ଟରେ ଏହା ୮୨ % ରହିଥିଲା। ସର୍ଭେରେ ମାତ୍ର ୨,୧୨୬ ବୟସ୍କ ବ୍ୟକ୍ତି ଭାଗ ନେଇଥିଲେ। ରେଟିଂର ଦ୍ୱିତୀୟ ସ୍ଥାନରେ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି (୬୫% ରେଟିଂ) ଅଛନ୍ତି। ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡର (୬୩%), ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମାରିସନ(୫୪%), ଜର୍ମାନ ଚାନ୍ସେଲର ଆଞ୍ଜେଲା(୫୩%), ଆମେରିକା ରାଷ୍ଟ୍ରପତି ବାଇଡେନ୍ (୫୩%), କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ(୪୮%) ରହିଛନ୍ତି।



## ସଂସଦରେ ଯୋଗ ଶିକ୍ଷା ଦେବେ ପ୍ରଜ୍ଞା

ଜୁନ୍ ୨୧ରେ ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ। ଏହି ଅବସରରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ସାଂସଦମାନଙ୍କୁ ଯୋଗ ଶିକ୍ଷାର ଆୟୋଜନ କରାଯାଇଛି। ଭୋପାଳର ଭାଜପା ଏମ୍ପି ପ୍ରଜ୍ଞା ସିଂ ଠାକୁର ଅନ୍ଲାଇନ୍ରେ ଉଦ୍ବୋଧନ ଦେଇ ସାଂସଦମାନଙ୍କୁ ଯୋଗ ଶିଖାଇବେ। ଏହିଦିନ ମଧ୍ୟାହ୍ନ ୧୨ଟାରେ 'ଯୋଗ: ଏ ୱେ ଅଫ୍ ଲାଇଫ୍' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜସ୍ଥାନ ସିକର ଆସନର ଭାଜପା ଏମ୍ପି ସୁମେଧାନନ୍ଦ ସରସ୍ୱତୀ ଧ୍ୟାନ ଅଧିବେଶନ କରିବେ ବୋଲି ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ୨୦୦୮ ମାଲେଗାଓଁ ବିସ୍ଫୋରଣର ଅଭିଯୁକ୍ତ ପ୍ରଜ୍ଞା ଠାକୁର ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଥାନ୍ତି।

## କାନାଡା ସୁପ୍ରିମକୋର୍ଟରେ ଭାରତୀୟ ବଂଶୋଦ୍ଭବ



ଭାରତୀୟ ବଂଶୋଦ୍ଭବ ବିଚାରପତି ମହମ୍ମଦ ଜମାଲ ପ୍ରଥମ ଅଣଶ୍ୱେତାଙ୍ଗ ଭାବେ କାନାଡା ସୁପ୍ରିମକୋର୍ଟକୁ ମନୋନୀତ ହୋଇଛନ୍ତି। ୨୦୧୯ରୁ ଓଣ୍ଟାରିଓସ୍ଥିତ କୋର୍ଟ ଅଫ୍ ଅପିଲ୍ର ବିଚାରପତି ଥିବା ଜମାଲଙ୍କୁ ସର୍ବୋଚ୍ଚ ଅଦାଲତକୁ ପଦୋନ୍ନତି ଦିଆଯାଇଛି। ୧୯୬୭ରେ ନାଇରୋବିରେ ଜଷ୍ଟିସ୍ ଜମାଲଙ୍କ ଜନ୍ମ। ତାଙ୍କ ପୂର୍ବ ପିଢ଼ି ଭାରତରୁ ସେଠାକୁ ଚାଲିଯାଇଥିଲେ। ଏହା ପରେ ଉକ୍ତ ପରିବାର ବ୍ରିଟେନ ଯାଇଥିଲେ। ୧୯୮୧ରେ ଜଷ୍ଟିସ୍ ଜମାଲ ନିଜ ପରିବାର ସହ କାନାଡା ଯାଇ ୟୁନିଭର୍ସିଟି ଅଫ୍ ଟରଣ୍ଟୋରେ ପଢ଼ିଥିଲେ।

# ୨୮ ଖାଲି, ଅନେକ ଆଶାୟୀ

ନୂଆଦିଲ୍ଲୀ, ୧୮।୬

### କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ଆସନ୍ନ


ସର୍ବାନନ୍ଦ ସୋନୋୱାଲ


ଜ୍ୟୋତିରାଦିତ୍ୟ ସିନ୍ଧିଆ


ସୁଶୀଲ ମୋଦି

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଡିଏ)ରୁ ଶିବସେନା ଓ ଶିରୋମଣି ଅକାଳୀ ଦଳ ଓହରିଯିବା ଏବଂ ଲୋକ ଜନଶକ୍ତି ପାର୍ଟି (ଏଲ୍ଜେପି) ଅଧ୍ୟକ୍ଷ ରାମବିଲାସ ପାଶ୍ୱାନଙ୍କ ପରଲୋକ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳର କେତୋଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। କେତେଜଣ ମନ୍ତ୍ରୀ ଏକାଥରକେ ୩-୪ଟି ଲେଖାଏ ମନ୍ତ୍ରଣାଳୟର ଭାର ସମ୍ଭାଳୁଛନ୍ତି। ତେଣୁ ୨୦୨୨ ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ୫ ରାଜ୍ୟ ବିଧାନସଭା ଭୋଟ ଓ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଏବଂ ଏନ୍ଡିଏର କେତେଜଣ ଅନୁଭବୀ ନେତାଙ୍କୁ ଏହି ପଦରେ ଥଇଥାନ କରାଯାଇପାରେ। କ୍ୟାବିନେଟରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ସୁଶୀଲ ମୋଦିଙ୍କ ସମେତ କେତେଜଣ ନୂଆମୁହଁଙ୍କୁ ସାମିଲ କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। କାରଣ ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ କରୋନା କାଳରେ ହଠାତ୍ ଚଳଚଞ୍ଚଳ ହୋଇଉଠିଛି। ମନ୍ତ୍ରୀ ହେବା ପାଇଁ ମାଳ ମାଳ ଆଶାୟୀ ଦିଲ୍ଲୀରେ ଡେରା ପକାଇଛନ୍ତି। ୨୦୧୯ ମେ' ୩୦ରେ କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଆରମ୍ଭ ହୋଇଥିଲା। ସେତେବେଳେ ୫୭ ମନ୍ତ୍ରୀ ଶପଥ ନେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୨୪ କ୍ୟାବିନେଟ ମନ୍ତ୍ରୀ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଓ ୨୪ ରାଷ୍ଟ୍ରମନ୍ତ୍ରୀ। ପ୍ରଥମ ପାଳି କ୍ୟାବିନେଟଠାରୁ ଏହି ସଂଖ୍ୟା ୧୨ ଅଧିକ ଥିଲା। ବର୍ତ୍ତମାନ କ୍ୟାବିନେଟରେ ୨ ଡଜନରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି। ପ୍ରଧାନମନ୍ତ୍ରୀଙ୍କୁ ବାଦ୍ଦେଇ ୨୧ ଜଣ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ସେହିପରି ୯ ରାଷ୍ଟ୍ରମନ୍ତ୍ରୀ ଏବଂ ୨୩ ସ୍ୱାଧୀନ ଦାୟିତ୍ୱ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ପ୍ରଧାନମନ୍ତ୍ରୀ ଚାହିଁଲେ ଆଉ ସର୍ବାଧିକ ୨୮ ଜଣଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇପାରନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣ ହୋଇପାରେ। ଏଥିପାଇଁ ପ୍ରସ୍ତୁତି ଜୋର୍ ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ମନ୍ତ୍ରୀମାନଙ୍କୁ ଡକାଇ ଗୋଷ୍ଠୀଗତ ଭାବେ ସେମାନଙ୍କ କାର୍ଯ୍ୟ ସମୀକ୍ଷା କରୁଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକଗୁଡ଼ିକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଉପସ୍ଥିତ ରହୁଛନ୍ତି। ୪ ଦିନ ଭିତରେ ୨ ଥର ବୈଠକ ବସିଛି। କ୍ୟାବିନେଟ ସମ୍ପ୍ରସାରଣ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନ ଥିଲେ ହେଁ ମୋଦି ସରକାରରେ ମନ୍ତ୍ରୀମାନଙ୍କ ସଂଖ୍ୟା ୬୦ରୁ ୭୯କୁ ଉଠିଯାଇପାରେ। ଦୁର୍ବଳ ପ୍ରଦର୍ଶନକାରୀ ମନ୍ତ୍ରୀମାନଙ୍କୁ ବିଦା କରି ନୂଆ ମୁହଁଙ୍କୁ ସାମିଲ କରାଯିବ। ନିର୍ବାଚନ ହେବାକୁ ଥିବା ରାଜ୍ୟ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରର ନେତାମାନଙ୍କୁ କ୍ୟାବିନେଟରେ ଅଧିକ ପ୍ରତିନିଧିତ୍ୱ ମିଳିବ ବୋଲି ଚର୍ଚ୍ଚା ହେଉଛି।

### ଚର୍ଚ୍ଚାରେ ସମ୍ଭାବ୍ୟ ଚେହେରା

ମୋଦି କ୍ୟାବିନେଟରେ ସ୍ଥାନ ପାଇବାକୁ ଥିବା ନେତାଙ୍କ ମଧ୍ୟରୁ ୪ ଥର ଏମ୍ପି ହୋଇଥିବା ତଥା କଂଗ୍ରେସରୁ ଭାଜପାକୁ ଆସିଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି। ସେହିପରି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତେଜଣ ବରିଷ୍ଠ ଭାଜପା ନେତାଙ୍କୁ ଭେଟିଛନ୍ତି। ତାଙ୍କୁ ପୁଣି ଥରେ କେନ୍ଦ୍ରମନ୍ତ୍ରୀ କରାଯାଇପାରେ। ତୃଣମୂଳ କଂଗ୍ରେସରୁ ଭାଜପାକୁ ଆସିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦୀନେଶ ତ୍ରିବେଦୀ, ରାଜସ୍ଥାନରୁ ରାଜ୍ୟ ସଭାକୁ ଯାଇଥିବା ଭୂପେନ୍ଦର ଯାଦବ ଏବଂ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦିଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ସେହିପରି ପିଲିଭିଟ ଏମ୍ପି ବରୁଣ ଗାନ୍ଧୀ, ଲଦାଖ ଏମ୍ପି ସେରିଙ୍ଗ୍ ନମ୍ଗ୍ୟାଲ୍ ଓ ଅପନା ଦଳ ନେତ୍ରୀ ଅନୁପ୍ରିୟା ପଟେଲଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମ୍ମାନଜନକ ଭାଗ ମାଗୁଥିବାରୁ ଏହାକୁ ମଧ୍ୟ ଏଥିରେ ସାମିଲ କରାଯାଇପାରେ। ମହାରାଷ୍ଟ୍ରର ଭାଜପା ଏମ୍ପି ନାରାୟଣ ରାଣେ, ଉଦୟନରାଜେ ଭୋସ୍ଲେ ଓ ପ୍ରୀତମ ମୁଣ୍ଡେଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି।

## ଟୁଇଟର ଇଣ୍ଡିଆ ଏମ୍ଡିଙ୍କୁ ସମନ

ଗାଜିଆବାଦ, ୧୮।୬(ପି.ଟି.)

ଗାଜିଆବାଦ ପୋଲିସ ଟୁଇଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ମନୀଷ ମାହେଶ୍ୱରୀଙ୍କୁ ନୋଟିସ ପଠାଇ ମୁସଲମାନ ବୃଦ୍ଧଙ୍କୁ ଆକ୍ରମଣ ସହ ସମ୍ପୃକ୍ତ ମାମଲାର ତଦନ୍ତରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଛି। ଟୁଇଟର ଇଣ୍ଡିଆ ବିରୋଧରେ ଏତଲା ଦାଏର ହୋଇଥିବାରୁ ୭ ଦିନ ମଧ୍ୟରେ ଲୋନି ବର୍ଡର ଥାନାରେ ବୟାନ ରେକର୍ଡ କରାଇବାକୁ ମନୀଷଙ୍କୁ କୁହାଯାଇଛି। ତଦନ୍ତରେ ସହଯୋଗ କରିବା ଲାଗି ସିଆର୍ପିସିର ଧାରା ୧୬୬ରେ ଏହି ନୋଟିସ ପଠାଯାଇଛି। ଗତ ୫ ତାରିଖରେ କେତେଜଣ ଲୋକ ଅବଦୁଲ ସମାଦ ସୈଫି ନାମକ ମୁସଲମାନ ବୃଦ୍ଧଙ୍କୁ ଆକ୍ରମଣ କରିବା ସହ 'ଜୟ ଶ୍ରୀରାମ' ଉଚ୍ଚାରଣ କରିବା ପାଇଁ ବାଧ କରିଥିଲେ। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଉଦ୍ଦେଶ୍ୟରେ ଏହାର ଭିଡିଓ ଶେୟାର କରିବା ଅଭିଯୋଗରେ ପୋଲିସ ଜୁନ୍ ୧୫ରେ ଟୁଇଟର ଆଇଏନ୍ସି, ଟୁଇଟର କମ୍ୟୁନିକେଶନ୍ସ ଇଣ୍ଡିଆ, ଦି ୱେୟାର ନ୍ୟୁଜ୍ ୱେବସାଇଟ, ଖବରଦାତା ମହମ୍ମଦ ଜୁବାଇର ଏବଂ ରାଣା ଆୟୁବ, କଂଗ୍ରେସ ନେତା ସଲମାନ ନିଜାମି, ମସ୍କୁର ଉସମାନି, ଶର୍ମା ମହମ୍ମଦ ଏବଂ ଲେଖକ ସାବା ନକ୍ଭିଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## କୁଶଳୀ ହେବେ ଲକ୍ଷେ କୋଭିଡ୍ ଯୋଦ୍ଧା

ନୂଆଦିଲ୍ଲୀ, ୧୮।୬(ପି.ଟି.)

### ସଂକ୍ଷିପ୍ତ ପାଠ୍ୟକ୍ରମ ଶୁଭାରମ୍ଭ କଲେ ମୋଦି



ଦେଶର ଲକ୍ଷେରୁ ଊର୍ଦ୍ଧ୍ୱ କୋଭିଡ୍ ଯୋଦ୍ଧାଙ୍କୁ କୁଶଳୀ ତଥା ଅତିକୁଶଳୀ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ସଂକ୍ଷିପ୍ତ ଶିକ୍ଷା ପାଠ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। କରୋନା ଭୂତାଣୁ ଏବେ ବି ଆମ ଭିତରେ ରହିଛି ଏବଂ ଏହା ନୂଆ ରୂପ ନେବା ସମ୍ଭାବନା ଥିବାରୁ ସମସ୍ତେ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ। ଜୁନ୍ ୨୧ରୁ ସମସ୍ତଙ୍କୁ ମାଗଣାରେ କୋଭିଡ୍ ଟିକା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଆଗକୁ ଆସିବାକୁ ଥିବା ଚ୍ୟାଲେଞ୍ଜର ମୁକାବିଲା ଲାଗି ଆମର ପ୍ରସ୍ତୁତିକୁ ଆହୁରି ବଢ଼ାଇବାକୁ ହେବ। ଏହାକୁ ଲକ୍ଷ୍ୟରେ ରଖି ୧ ଲକ୍ଷ କୋଭିଡ୍ ଯୋଦ୍ଧାଙ୍କୁ ପ୍ରସ୍ତୁତି କରାଇବା ନିମନ୍ତେ ଦେଶରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ୧୫୦୦ ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସବୁ ଜିଲାରେ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଉଦ୍ୟମ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସଂକ୍ଷିପ୍ତ ପାଠ୍ୟକ୍ରମ ଜରିଆରେ କୋଭିଡ୍ ଯୋଦ୍ଧାମାନଙ୍କୁ ଗୃହ ଯତ୍ନ, ମୌଳିକ ଯତ୍ନ, ଅଗ୍ରିମ ଯତ୍ନ, ଜରୁରୀ ଯତ୍ନ, ନମୁନା ସଂଗ୍ରହ ଏବଂ ମେଡିକାଲ ଉପକରଣ ସହାୟତା ଉପରେ ତାଲିମ ଦିଆଯିବ। ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନା ୩.୦ରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏଥିପାଇଁ ୨୭୬ କୋଟି ଟଙ୍କା ବ୍ୟୟ ହେବ ବୋଲି ପିଏମ୍ଓ ପକ୍ଷରୁ କୁହାଯାଇଛି।

## ଲିଭ୍-ଇନ୍ ଯୋଡ଼ିଙ୍କୁ ସୁରକ୍ଷା ମିଳିବନି: ହାଇକୋର୍ଟ

ପ୍ରୟାଗରାଜ, ୧୮।୬

ଲିଭ୍-ଇନ୍ ରିଲେଶନରେ ରହୁଥିବା ଏକ ଯୋଡ଼ିଙ୍କ ସୁରକ୍ଷା ଆବେଦନକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ମହିଳା ପୂର୍ବରୁ ବିବାହ କରିଥିବାବେଳେ ଏବେ ଅନ୍ୟ ଜଣଙ୍କ ସହ ଲିଭ୍-ଇନ୍ ରିଲେଶନରେ ରହୁଛନ୍ତି। ଏହା ସମାଜରେ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବାରୁ ଏଭଳି ପିଟିଶନକୁ କିପରି ଅନୁମତି ଦିଆଯାଇପାରିବ ବୋଲି ହାଇକୋର୍ଟ କହିବା ସହ ଉକ୍ତ ଯୋଡ଼ି ୫,୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଭ୍-ଇନ୍ରେ ରହୁଥିବା ଆବେଦନକାରୀ ଯୋଡ଼ି ମେଜର। ସେମାନଙ୍କ ଶାନ୍ତିପୂର୍ଣ୍ଣ ଏକତ୍ର ବାସରେ ମହିଳାଙ୍କ ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟ ଯେପରି ହସ୍ତକ୍ଷେପ କରି ବ୍ୟାଘାତ ନ କରନ୍ତି, ସେଥିପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ସେମାନେ ହାଇକୋର୍ଟରେ ଆବେଦନ କରିଥିଲେ।



ଦକ୍ଷିଣ ଇଟାଲୀସ୍ଥିତ ସିସିଲି ଦ୍ୱୀପର କାଟାନିଆରେ ରହିଛି ୟୁରୋପର ସର୍ବବୃହତ୍ ଆଗ୍ନେୟଗିରି ମାଉଣ୍ଟ ଏଟ୍ନା। ଶୁକ୍ରବାର ଭୋର୍ ସମୟରେ ଗାର୍ଡିଆ ଚର୍ଚ୍ଚ ଫାଙ୍କରେ ଆଗ୍ନେୟଗିରି ଉଦ୍ଗିରଣ ବେଳର ଦୃଶ୍ୟ।


# ୨ ମାସରେ ସର୍ବନିମ୍ନ ମୃତ୍ୟୁ

ନୂଆଦିଲ୍ଲୀ, ୧୮।୬

### ଦିନକରେ ୧,୫୮୭ ମୃତ, ୬୨,୪୮୦ ସଂକ୍ରମିତ

ଦିନକ ଭିତରେ ୬୨,୪୮୦ ନୂଆ କରୋନା ଭାଇରସ୍ ସଂକ୍ରମଣ ସହ ଭାରତର ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୭,୬୨,୭୯୩ ଛୁଇଁଛି। ସେହିପରି କୋଭିଡ୍-୧୯ ଗତ ୨୪ ଘଣ୍ଟାରେ ୧,୫୮୭ ଜଣଙ୍କ ଜୀବନ ନେଇଛି। ଏହାକୁ ମିଶାଇ ଦେଶର ମୋଟ ମୃତ୍ୟୁସଂଖ୍ୟା ୩,୮୩,୪୯୦ରେ ପହଞ୍ଚିଛି। ଗତ ୬୧ ଦିନ ମଧ୍ୟରେ ଏହା ହେଉଛି ସର୍ବନିମ୍ନ ମୃତ୍ୟୁ। ଶୁକ୍ରବାର ସକାଳ ୮ଟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ଅପ୍ଡେଟ୍ କରାଯାଇଛି।

କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଦୀର୍ଘ ୭୩ ଦିନ ପରେ ଶୁକ୍ରବାର ଦେଶରେ ସକ୍ରିୟ ମାମଲା ୮ ଲକ୍ଷ ତଳକୁ ଖସିଛି। ସକ୍ରିୟ ମାମଲା ୨.୬୮% ହ୍ରାସ ପାଇ ୭,୯୮,୬୫୬କୁ ଯାଇଛି। ଜାତୀୟ ଆରୋଗ୍ୟ ହାର ୯୬% ଉପରେ ରହିଛି। ସେହିପରି ଗୁରୁବାର ୧୯,୨୯,୪୭୬ ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଫଳରେ ଦେଶରେ ମୋଟ କୋଭିଡ୍ ଟେଷ୍ଟ ସଂଖ୍ୟା ୩୮,୭୧,୬୭,୬୯୬ରେ ପହଞ୍ଚିଛି। ଦୈନିକ ପଜିଟିଭିଟି ରେଟ୍ ୩.୨୪% ରହିଛି। କ୍ରମାଗତ ୧୧ ଦିନ ଧରି ଏହା ୫% ତଳେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାରା ଦେଶରେ ଅଦ୍ୟାବଧି ୨୬,୮୯,୬୦,୩୯୯ ଡୋଜ୍ ଭାକ୍ସିନ ଦିଆଯାଇଛି। ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଖରେ ୨.୫୮ କୋଟିରୁ ଊର୍ଦ୍ଧ୍ୱ ଟିକା ମହଜୁଦ ରହିଛି। ଆସନ୍ତା ୩ ଦିନ ମଧ୍ୟରେ ଆହୁରି ୧୯,୯୫,୭୭୦ ଡୋଜ୍ କେନ୍ଦ୍ର ଯୋଗାଇଦେବ।



ଟିକାକରଣ ଯୋଗୁ ଦେଶର ହସ୍ପିଟାଲଗୁଡ଼ିକରେ ରୋଗୀ ଭର୍ତ୍ତି ହେବା ଆଶଙ୍କା ୭୫-୮୦% କମିଛି। ଏହାସହ ଅକ୍ସିଜେନ ଆବଶ୍ୟକତା ମଧ୍ୟ ୮% ହ୍ରାସ ପାଇଥିବା ଏକ ସରକାରୀ ଅଧ୍ୟୟନରୁ ଜଣାପଡ଼ିଛି। ଏବେ ଦେଶର ୫୧୩ ଜିଲାରେ ପଜିଟିଭ୍ ହାର ୫% ତଳେ ରହିଛି।

### ଝାଡ଼ଖଣ୍ଡରେ ଡେଲ୍ଟା ପ୍ଲସ୍ ଭାରିଆଣ୍ଟ

**ରାଞ୍ଚି, ୧୮।୬:** ଝାଡ଼ଖଣ୍ଡର ଅନେକ ରୋଗୀଙ୍କଠାରେ କରୋନା ଭୂତାଣୁର ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଚିହ୍ନଟ ହୋଇଛି। ଫଳରେ ଏହି ରାଜ୍ୟରେ ଖୁବ୍ଶୀଘ୍ର ସଂକ୍ରମଣର ତୃତୀୟ ଲହର ଆସିବା ସମ୍ଭାବନା ବୃଦ୍ଧି ପାଇଛି। ଝାଡ଼ଖଣ୍ଡରୁ କୋଭିଡ୍-୧୯ ପରୀକ୍ଷା ବେଳେ ସଂଗୃହୀତ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଭୁବନେଶ୍ୱରର ଆଇଏସ୍ଏଲ୍କୁ ପଠାଯାଇଥିଲା। ଭୂତାଣୁର ନୂଆ ଭାରିଆଣ୍ଟକୁ ଶୀଘ୍ର ଠାବ କରିବା ଲାଗି ଝାଡ଼ଖଣ୍ଡକୁ ଜିନୋମ ସିକ୍ୱେନ୍ସିଂ ମେଶିନ ଯୋଗାଇଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍)କୁ ଅନୁରୋଧ କରିଛନ୍ତି। ଅନ୍ୟ ଭାରିଆଣ୍ଟଠାରୁ ଡେଲ୍ଟା ପ୍ଲସ୍ ଅଧିକ ବିପଜ୍ଜନକ ବୋଲି ରାଜେନ୍ଦ୍ର ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡ. ମନୋଜ କୁମାର କହିଛନ୍ତି।

### ତୃତୀୟ ଲହର ପ୍ରସ୍ତୁତି

**ଏଲ୍ଜି-କେଜ୍ରିୱାଲ ଆଲୋଚନା**

ନୂଆଦିଲ୍ଲୀ, ୧୮।୬

ଜାତୀୟ ରାଜଧାନୀ ଦିଲ୍ଲୀରେ କୋଭିଡ୍-୧୯ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା କ୍ରମଶଃ ଖସିବାରେ ଲାଗିଥିଲେ ହେଁ ଭୂତାଣୁର ତୃତୀୟ ଲହର ଭୟ ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଦିଲ୍ଲୀ ଉପରାଜ୍ୟପାଳ (ଏଲ୍ଜି) ଅନିଲ ବୈଜାଲ ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସମ୍ଭାବ୍ୟ ସଂକ୍ରମଣର ମୁକାବିଲା ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି।

ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ, ଅଧିକ ସ୍ୱାସ୍ଥ୍ୟକର୍ମୀ ଓ ଶିଶୁଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ଦିଲ୍ଲୀ ସରକାରଙ୍କ ଆକ୍ସନ ପ୍ଲାନ୍ରେ ରହିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସ ପକ୍ଷରୁ ଟୁଇଟ୍ କରାଯାଇଛି। ସାକ୍ଷାତ ବେଳେ ବେଡ୍ ଓ ଅକ୍ସିଜେନ ପରିଚାଳନା, ଔଷଧର ଉପଲବ୍ଧତା ଓ ଟିକାକରଣ ନେଇ ମଧ୍ୟ ଆଲୋଚନା ହୋଇଛି। ଡାକ୍ତର ଓ ନର୍ସମାନଙ୍କୁ ସହାୟତା ଦେବା ପାଇଁ ଦିଲ୍ଲୀ ସରକାର ଜୁନ୍ ୨୮ରୁ ୫,୦୦୦ ଯୁବତୀ ଯୁବକଙ୍କୁ ତାଲିମ ଦେବେ।

## ପରଲୋକରେ ଜାମ୍ବିଆର ପ୍ରଥମ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୮।୬

ଜାମ୍ବିଆର ପ୍ରଥମ ରାଷ୍ଟ୍ରପତି କେନେଥ୍ କାଉଣ୍ଡାଙ୍କ ପରଲୋକ ହୋଇଯାଇଛି। ଜାମ୍ବିଆ ରାଷ୍ଟ୍ରପତି ଏଡ୍ଗାର ଲୁଙ୍ଗା ଫେସ୍ବୁକ୍ରେ ଗୁରୁବାର ରାତିରେ ଏହି ସୂଚନା ଦେଇଛନ୍ତି। ଆଫ୍ରିକୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ଉପନିବେଶବାଦ ବିରୋଧରେ ଲଢ଼ିଥିବା ନେତା କେନେଥ୍ଙ୍କୁ ୯୭ ବର୍ଷ ହୋଇଥିଲା। ସେ ୧୯୬୪ରୁ ୧୯୯୧ ପର୍ଯ୍ୟନ୍ତ ରାଷ୍ଟ୍ରପତି ହୋଇଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୋକ ବ୍ୟକ୍ତ କରିଛନ୍ତି। କେନେଥ୍ ଭାରତର ଜଣେ ଉତ୍ତମ ବନ୍ଧୁ ଏବଂ ନନ୍-ଏଲାଇନ୍ଡ ମୁଭ୍ମେଣ୍ଟର ଅଗ୍ରଦୂତ ଥିଲେ ବୋଲି ସୋନିଆ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜୁନ୍, ୨୦୨୧



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୮୩,୯୨,୧୯୦ | ୩୮,୬୧,୮୬୬ | ୧୬,୨୯,୨୪,୦୭୭ |
| ଭାରତ | ୨,୯୮,୨୧,୦୨୮ | ୩,୮୫,୧୧୯ | ୨,୮୬,୬୬,୦୭୨ |
| ଓଡ଼ିଶା | ୮,୭୦,୪୯୮ | ୩୫୦୮(+୫୩) | ୮,୨୯,୮୫୧ |

ଶୁକ୍ରବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୯ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବରଗଡ଼ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୨ ତାରିଖରୁ ଉପକୂଳ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୧୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୮.୬, ସମ୍ବଲପୁର ୨୩.୬, ହୀରାକୁଦ ୧୯.୪ ଏବଂ ମାଲକାନଗିରିରେ ୨୮.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ସୁକିନ୍ଦା ତହସିଲଦାର ନିଲମ୍ବିତ କରୋନା ନିୟମ ଉଲ୍ଲଂଘନ ଅଭିଯୋଗ

**ଯାଜପୁର ଅଫିସ/କାଳିଆପାଣି, ୧୮।୬(ଡି.ଏନ.ଏ.):** ଯାଜପୁର ଜିଲା ସୁକିନ୍ଦା ତହସିଲଦାର ବୁଲ୍‌ବୁଲ୍ ବେହେରାଙ୍କୁ ରାଜ୍ୟ ସରକାର ଶୁକ୍ରବାର ନିଲମ୍ବନ କରିଥିବା ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ଗତ ମେ ୨୧ରେ ତହସିଲଦାର ବେହେରା ନିଜ ଭାଇ ବାହାଘର ପାଇଁ ବରଯାତ୍ରୀ ସହ ଜଗତସିଂହପୁର ଜିଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁକୁ ଯାଇଥିଲେ। କିନ୍ତୁ ସେଠାରେ ଜଣେ ରାଜସ୍ୱ ଅଧିକାରୀ ହୋଇ ବି କରୋନା ଆଇନକୁ ଉଲ୍ଲଂଘନ କରି ଶତାଧିକ ଲୋକଙ୍କ ସମାଗମରେ ନୃତ୍ୟ ପ୍ରଦର୍ଶନ କରିଥିବା ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଏପରିକି ନିଜେ ମାସ୍କ ମଧ ପିନ୍ଧି ନ ଥିବା ନେଇ ସେତେବେଳେ ଜୋର ଚର୍ଚ୍ଚା ହୋଇଥିଲା। ସ୍ଥାନୀୟ ସରପଞ୍ଚ ସିଲାରାଣୀ ଖଣ୍ଡୁଆଳଙ୍କ ଲିଖିତ ଅଭିଯୋଗ କ୍ରମେ ଜଗତସିଂହପୁର ପୋଲିସ ଏକ ମାମଲା ରୁଜୁ କରିଥିଲା। ଏହାସହ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଏହି ଅଭିଯୋଗ ଉପରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା।

### କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କୁ ୧ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ କଳାକାର କଲ୍ୟାଣ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯାଇଛି। କିଛିଦିନ ପୂର୍ବରୁ ତପୁ କରୋନାରେ ଆକ୍ରାନ୍ତ ହୋଇଥିଲେ। କରୋନାରୁ ସୁସ୍ଥ ପରେ ଏବେ ଫୁସ୍‌ଫୁସ ସଂକ୍ରମିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁ ନ ଥିବାରୁ ତାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ଅନୁରୋଧ କରିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଜଣେ ଭର୍ସାଟାଇଲ ଫିମେଲ ପ୍ଲେ-ବ୍ୟାକ୍ ସିଙ୍ଗର ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

### ପିଏମ୍‌ସି ବ୍ୟାଙ୍କକୁ ଅଧିଗ୍ରହଣ କରିବ ସେଣ୍ଟ୍ରମ ଫାଇନାନ୍ସିଆଲ

**ନୂଆଦିଲ୍ଲୀ,୧୮।୬:** ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ(ପିଏମ୍‌ସି) ବ୍ୟାଙ୍କକୁ ସେଣ୍ଟ୍ରମ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ଅଧିଗ୍ରହଣ କରିବ। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଏହି ପ୍ରସ୍ତାବକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ଋଣ ଠକେଇ ଦ୍ୱାରା ସମସ୍ୟାରେ ରହିଥିବା ଏହି ବ୍ୟାଙ୍କକୁ ଅଧିଗ୍ରହଣ ଲାଗି ସେଣ୍ଟ୍ରମ ମଧ ଦୌଡ଼ରେ ରହିଥିଲା। ଘରୋଇ କ୍ଷେତ୍ରରେ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ନିୟମ ଅଧୀନରେ ଏଭଳି ମଞ୍ଜୁରୀ ପ୍ରଦାନ କରାଯାଇଛି। ଆର୍‌ବିଆଇ ରଖିଥିବା ସମସ୍ତ ସର୍ତ୍ତ ସେଣ୍ଟ୍ରମ ପୂରଣ କରିଥିବା ଜଣାପଡିଛି। ୨୦୧୯ ସେପ୍ଟେମ୍ବରରେ ଆର୍‌ବିଆଇ ପିଏମ୍‌ସି ଉପରେ କଟକଣା ଲଗାଇଥିଲା। ବିଭିନ୍ନ ଆର୍ଥିକ ଅନିୟମିତତା ଏବଂ ଏନ୍‌ପିଏ ବୃଦ୍ଧି ଯୋଗୁ ଏହି ବ୍ୟାଙ୍କ ବନ୍ଦ ହେବା ସ୍ଥିତିକୁ ଚାଲିଯାଇଥିଲା। ବ୍ୟାଙ୍କର ବୋର୍ଡକୁ ବରଖାସ୍ତ କରାଯିବା ସହ ଉଠାଣ ଉପରେ କେନ୍ଦ୍ରୀୟ ବ୍ୟାଙ୍କ କଟକଣା ଲଗାଇଥିଲା। ରିୟଲ ଇଷ୍ଟେଟ କମ୍ପାନୀ ଏଚ୍ ଡିଆଇଏଲ୍‌କୁ ବୃହତ୍ ପରିମାଣର ଋଣ ଦେଇ ପିଏମ୍‌ସି ବ୍ୟାଙ୍କ ଦେବାଳିଆ ସ୍ଥିତିକୁ ଚାଲିଯାଇଥିବା ଜଣାପଡିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭର୍ଚୁଆଲ ମାଧ୍ୟମରେ ୮ ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ୮ ଜିଲାରେ ଅକ୍ସିଜେନ୍ ପ୍ଲାଣ୍ଟ ଶିଳାନ୍ୟାସ

## ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ: ତୃତୀୟ ଲହର ପାଇଁ ପ୍ରସ୍ତୁତ ରୁହ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

**ଡବଲ ମାସ୍କ ପିନ୍ଧିବା, ଟିକା ନେବାକୁ ନିବେଦନ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ୮ ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉଦ୍‌ଘାଟନ କରିବା ସହ ତରଳ ମେଡିକାଲ ଅକ୍ସିଜେନ୍ (ଏଲ୍‌ଏମ୍‌ଓ) ପ୍ଲାଣ୍ଟ ଓ ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ ଉତ୍ପାଦନ ବ୍ୟବସ୍ଥା (ପିଏସ୍‌ଏ ପ୍ଲାଣ୍ଟ)ର ଶିଳାନ୍ୟାସ କରିଛନ୍ତି। ରାଜ୍ୟରେ ୨୦ଟି ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ ଉତ୍ପାଦନ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ପିଏସ୍‌ଏ ପ୍ଲାଣ୍ଟରୁ ପ୍ରତି ମିନିଟ୍‌ରେ ୨୪ ହଜାର ଲିଟର ମେଡିକାଲ ଅକ୍ସିଜେନ ଉତ୍ପାଦନ ହୋଇପାରିବ। ତନ୍ମଧ୍ୟରୁ ଜୁନ୍ ୯ରେ ୭ଟିର ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଝାରସୁଗୁଡ଼ା, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, ସୋନପୁର, ନୟାଗଡ଼, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ଭାବ୍ୟ ତୃତୀୟ ଲହର ସମ୍ପର୍କରେ ସତର୍କ କରାଇ କହିଲେ, ରାଜ୍ୟରେ କୋଭିଡ୍ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଆସିଛି। ତଥାପି ଆହୁରି ସାବଧାନ ହେବାକୁ ପଡ଼ିବ। କରୋନାର ତୃତୀୟ ଲହର ମୁକାବିଲା ଲାଗି ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିବାକୁ ପଡ଼ିବ। ଏଥିସହିତ ଡବଲ ମାସ୍କ ପରିଧାନ ସହିତ ନିଶ୍ଚିତ ଭାବେ ଟିକା ନେବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏପ୍ରିଲରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଲହରରେ ରୋଗୀଙ୍କ ଅକ୍ସିଜେନସ୍ତର କମିବା ବଡ଼ ସମସ୍ୟା ଭାବେ ଉଭାହୋଇଛି। ଏହାର ପ୍ରତିକାର ଲାଗି ରାଜ୍ୟର ସମସ୍ତ ହସ୍ପିଟାଲରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହା ହେଉଛି ସରକାରଙ୍କ ସବୁ ବିପର୍ଯ୍ୟୟ ପରିଚାଳନାର ମୂଳ ଆଧାର। ତଦନୁଯାୟୀ ସବୁ କରୋନା ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। କରୋନା ମୁକାବିଲାରେ ଆଗଧାଡ଼ିରେ ରହି କାର୍ଯ୍ୟ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ବିଭିନ୍ନ ସ୍ଥାନରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ସଭା ସଦସ୍ୟ ଏବଂ ବିଧାୟକମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ କମିଶନର ପି.କେ. ଜେନା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଏବଂ ବିଭିନ୍ନ ଜିଲାର ଜିଲାପାଳମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଲରୁ ବାହାରିଲେ ଅଭୟକାନ୍ତ ପାଠକ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

**ମୁକୁଳି ପାରିଲେନି ପୁଅ ଆକାଶ**



ଗିରଫ ହେବାର ଦୀର୍ଘ ୬ମାସ ପରେ ଶୁକ୍ରବାର ଜେଲରୁ ମୁକୁଳିଛନ୍ତି ଆଇଏଫ୍‌ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ସ୍କାଏ କିଙ୍ଗ୍ ଟ୍ରାଭେଲ୍ସରେ ଠକେଇ ଓ ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ଆଦି ବିଭିନ୍ନ ମାମଲାରେ ଛନ୍ଦି ହୋଇ ଜେଲ ଯାଇଥିବା ଅଭୟଙ୍କୁ ଗୁରୁବାର ହାଇକୋର୍ଟରୁ ଜାମିନ ମିଳିଥିଲା। ତେବେ ତାଙ୍କ ନାମରେ ଥିବା ସମସ୍ତ ୪ ମାମଲାରେ ଜାମିନ ମିଳିଥିବାରୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଅଭୟକାନ୍ତ ଝାରପଡ଼ା ଜେଲରୁ ବାହାରିଥିଲେ। ତେବେ ଝାରପଡ଼ା ଜେଲରେ ଥିବା ତାଙ୍କ ପୁଅ ଆକାଶ ପାଠକଙ୍କ ନାମରେ କ୍ରାଇମ୍‌ବ୍ରାଞ୍ଚ ମାମଲା ବିଚାରାଧୀନ ଥିବାରୁ ସେ ମୁକୁଳିପାରିନାହାନ୍ତି।

ସୂଚନା ଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ତଥା ଠକେଇ ଅଭିଯୋଗରେ ୨୦୨୦ ନଭେମ୍ବର ୨୭ରେ ଅଭୟକାନ୍ତ ଓ ତାଙ୍କ ପୁଅ ଆକାଶ ଗିରଫ ହୋଇଥିଲେ। ଅଭୟକାନ୍ତଙ୍କୁ ଭିଜିଲାନ୍ସ ଓ ଆକାଶଙ୍କୁ କ୍ରାଇବ୍ରାଞ୍ଚ ଗିରଫ କରିଥିଲା। ସ୍କାଇ କିଙ୍ଗ୍ ଟ୍ରାଭେଲ୍ସ ଠକେଇ ନେଇ ଖାରବେଳନଗର ଥାନାରେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସରେ ଏବଂ ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ ଘଟଣାରେ ଗଞ୍ଜାମ ଗୋଳନ୍ଥରା ଓ ବ୍ରହ୍ମପୁର ବୈଦେଶ୍ୱର ଥାନାରେ ମାମଲା ରୁଜୁ ହୋଇଥିଲା।

## ବାହାଘର ପୂର୍ବରୁ ଉଠିଲା କୋକେଇ

ଭଦ୍ରକ ଅଫିସ, ୧୮।୬




ଶୁକ୍ରବାର ଥିଲା ବାହାଘର। ଏଥିପାଇଁ ଘରେ ଚାଲିଥିଲା ପ୍ରସ୍ତୁତି। ବେଶ୍ ଖୁସି ଥିଲେ ପରିବାର ଲୋକ। ହେଲେ ବିଧିର ବିଧାନ ଥିଲା ଭିନ୍ନ। ବାହାଘରର ୪ ଦିନ ପୂର୍ବରୁ ଉଠିଲା କୋକେଇ। କରୋନା ଛଡ଼ାଇ ନେଲା ଖୁସି। ଘରେ ଏବେ ଶୋକର ଛାୟା। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ଅଞ୍ଚଳର ନାଥସାହିରେ।

ପ୍ରକାଶ ଯେ, ପ୍ରାଣବନ୍ଧୁ ନାଥଙ୍କ ପୁଅ ଚନ୍ଦ୍ରମଣି (୨୮)ଙ୍କର ଗତ ୧୧ ତାରିଖରେ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଏହାର ୩ ଦିନ ପୂର୍ବରୁ ଲଗ୍ନ ହୋଇଥିଲା। ହେଲେ ପରଦିନ ହଠାତ୍ ଜ୍ୱର ହେବାରୁ କରୋନା ଟେଷ୍ଟ କରାଯିବା ପରେ ପଜିଟିଭ୍ ବାହାରିଥିଲା। ସେଥିପାଇଁ ବିବାହ ଘୁଞ୍ଚାଇ ୧୮ ତାରିଖ ଅର୍ଥାତ୍ ଶୁକ୍ରବାରକୁ ଧାର୍ଯ୍ୟ କରିଥିଲେ ଉଭୟ ପରିବାର। ହେଲେ ହଠାତ୍ ୧୪ ତାରିଖରେ ଚନ୍ଦ୍ରମଣି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ପରିବାର ଲୋକେ ଘରକୁ ଡାକ୍ତର ଡାକି ଦେଖିଲେ ଚନ୍ଦ୍ରମଣିଙ୍କର ଅକ୍ସିଜେନ ଲେଭଲ କମି କମି ଯାଉଛି। ତାଙ୍କୁ ଡାକ୍ତରଖାନା ନେବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଚନ୍ଦ୍ରମଣିଙ୍କର ମୃତ୍ୟୁ ଘଟିଥିଲା। କରୋନା ଭୟରେ ଶେଷକୃତ୍ୟ ପାଇଁ ଗ୍ରାମବାସୀ କେହି ଆସି ନ ଥିଲେ। ସ୍ଥାନୀୟ ସରପଞ୍ଚ ନିମାଇଁ ଚରଣ ନାୟକ, ବ୍ଲକ ପ୍ରଶାସନ ଓ ମେଡିକାଲ କର୍ମଚାରୀଙ୍କ ସହଯୋଗରେ ଅନ୍ତିମ ସଂସ୍କାର କରାଯାଇଥିଲା। ଯେଉଁଠି ସାହାନାଇର ସ୍ୱରରେ କମ୍ପିଥାଆନ୍ତା ଏବେ ସମ୍ପୂର୍ଣ୍ଣ ନୀରବି ଯାଇଛି ନାଥସାହି। ଏଭଳି ଏକ ଦୁଃଖଦ ଘଟଣା ଅଞ୍ଚଳବାସୀଙ୍କୁ ମ୍ରିୟମାଣ କରିଛି।

## ୪ ଥର ହେବ ସେବାୟତଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ

ପୁରୀ ଅଫିସ,୧୮।୬

**ସ୍ନାନଯାତ୍ରା, ରଥଯାତ୍ରା ପାଇଁ ପଦକ୍ଷେପ**
- ନିଯୁକ୍ତି ପାଇବେ ୩ ନୋଡାଲ ଅଫିସର
- ନିୟୋଜିତ ହେବେ ଅତିରିକ୍ତ ସ୍ୱାସ୍ଥ୍ୟ କର୍ମଚାରୀ

କୋଭିଡ୍ ଗାଇଡ୍‌ଲାଇନ୍‌କୁ ପ୍ରାଥମିକତା ଦେଇ ରଥଯାତ୍ରା କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ରଥଯାତ୍ରା ନୀତିକାନ୍ତିରେ ସାମିଲ ହେବାର ୪୮ ଘଣ୍ଟା ପୂର୍ବରୁ ସମ୍ପୃକ୍ତ ସେବାୟତ, ଶ୍ରୀମନ୍ଦିର କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବ। ୪ଟି ପର୍ଯ୍ୟାୟରେ ଅର୍ଥାତ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପୂର୍ବରୁ ଏବଂ ନୀଳାଦ୍ରି ବିଜେର ୧୫ ଦିନ ପରେ ନୀତିକାନ୍ତି ସହ ସମ୍ପୃକ୍ତ ସେବାୟତ ଓ ପୋଲିସ କର୍ମଚାରୀମାନଙ୍କ କୋଭିଡ୍ ଟେଷ୍ଟ କରାଯିବ। କେବଳ ନେଗେଟିଭ୍ ଆସିଥିବା ବ୍ୟକ୍ତିଙ୍କୁ ହିଁ କାର୍ଯ୍ୟ ସମ୍ପାଦନ ପାଇଁ ଅନୁମତି ମିଳିବ। ରଥଯାତ୍ରା ପୂର୍ବରୁ ଟିକାକରଣ ଶେଷ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମ କରୁଛି। ସେହିଭଳି ୩ ଜଣ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ରଥଯାତ୍ରା ସମୟରେ ସ୍ୱତନ୍ତ୍ର ମେଡିକାଲ ପୋଷ୍ଟ ନିର୍ମାଣ କରାଯିବ। ସେଠାରେ ଅତିରିକ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିୟୋଜିତ ହେବେ। ସ୍ନାନଯାତ୍ରା ଓ ରଥଯାତ୍ରା ବେଳେ ସେବାୟତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଯଥେଷ୍ଟ ପରିମାଣର ମାସ୍କ, ସାନିଟାଇଜର ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସେବାୟତମାନେ କିଭଳି କୋଭିଡ୍ କଟକଣା ପାଳନ କରିବେ ସେନେଇ ବିଭିନ୍ନ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ପୃଥକ ପୃଥକ ଭାବେ ଆଲୋଚନା କରିବ। ଏନେଇ ସେବାୟତମାନଙ୍କୁ ହ୍ୟାଣ୍ଡ ଆଉଟ୍ ଦିଆଯିବ। ନିଯୋଗ କର୍ମକର୍ତ୍ତାମାନେ କୋଭିଡ୍ ଗାଇଡଲାଇନ୍ ଆଧାରରେ କାର୍ଯ୍ୟ କରିବେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ।


## ସରକାର ଲୁଚାଉଛନ୍ତି କୋଭିଡ୍ ମୃତ୍ୟୁ ସଂଖ୍ୟା

କଟକ ଅଫିସ, ୧୮।୬

- ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ଦାବି
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ରାଜ୍ୟରେ ବାସ୍ତବ ପକ୍ଷେ ଯେତିକି କୋଭିଡ୍‌ଜନିତ ମୃତ୍ୟୁ ଘଟୁଛି ସରକାର ତାହାକୁ ଦର୍ଶାଉ ନାହାନ୍ତି। ଏହି ମୃତ୍ୟୁସଂଖ୍ୟାକୁ ରାଜ୍ୟ ସରକାର ଲୁଚାଉଛନ୍ତି। ତେଣୁ ଏହାର ସ୍ୱତନ୍ତ୍ର ଅଡିଟ କରାଯିବାକୁ ଶୁକ୍ରବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏଥିସହ ଗ୍ରାମାଞ୍ଚଳରେ କୋଭିଡ୍ ଟେଷ୍ଟ ଓ ଟିକାକରଣ ବ୍ୟାପକ କରାଯିବାକୁ ଦାବି କରାଯାଇଛି। ହାଇକୋର୍ଟ ଏ ନେଇ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିଶିକାନ୍ତ ମିଶ୍ର ତାଙ୍କ ପିଟିଶନରେ ନିବେଦନ କରିଛନ୍ତି।

ପିଟିଶନରେ ଉଲ୍ଲେଖ ହୋଇଛି ଯେ, କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗ୍ରାମାଞ୍ଚଳରେ ସଂକ୍ରମଣ ହାର ବଢିଛି। ରାଜ୍ୟରେ ହେଉଥିବା ପ୍ରକୃତ ମୃତ୍ୟୁର ତଥ୍ୟ ଲୁଚାଇବାକୁ ସରକାର ଚେଷ୍ଟା କରୁଛନ୍ତି। ଆବେଦନକାରୀ ମିଶ୍ର ଗତ ଏପ୍ରିଲ ୨୫ରେ ସତୀଚଉରା ଶ୍ମଶାନ ପରିଦର୍ଶନ କରି ସିଏମ୍‌ସି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେହିଦିନ ଅତିକମ୍‌ରେ ୪୪ ମୃତଦେହ ସତ୍କାର କରାଯାଇଥିବାବେଳେ ସରକାରୀ ଭାବେ ମାତ୍ର ୩ ବୋଲି ଦର୍ଶାଯାଇଥିଲା। ସେହିପରି ଏପ୍ରିଲ ୨୬ରେ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଅତିକମ୍‌ରେ ୪୦ ଶବଦାହ ହୋଇଥିବାବେଳେ ଧାଡ଼ିରେ ୮ରୁ ୯ ମୃତଦେହ ରହିଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାର ନୂଆପଡ଼ାରେ ଗତ ଏପ୍ରିଲରେ କୋଭିଡ୍ ପଜିଟିଭ ହାର ୩୫ ପ୍ରତିଶତ ରହିଥିଲା। ଅର୍ଥାତ ୩ଜଣରେ ଜଣେ ଆକ୍ରାନ୍ତ ଥିଲେ। ସରକାରୀ ଭାବେ ୪ଜଣ ମୃତ୍ୟୁ ଦର୍ଶାଯାଇଥିବାବେଳେ ଜିଲାର କୋଭିଡ୍ ହସ୍ପିଟାଲ ପକ୍ଷରୁ ୮୨ ମୃତ୍ୟୁ ହୋଇଥିବା ରିପୋର୍ଟ ମିଳିଥିଲା। ସମ୍ବଲପୁର ଜିଲାରେ କୋଭିଡ୍‌ଜନିତ ମୃତ୍ୟୁ ୧୯୧ ବୋଲି ହସ୍ପିଟାଲ ପକ୍ଷରୁ ଜଣାପଡ଼ିଥିବାବେଳେ ସରକାରୀ ତଥ୍ୟରେ ୮୨ବୋଲି ଦର୍ଶାଯାଇଥିଲା। ଅନ୍ୟପଟେ, ଦ୍ୱିତୀୟ ଲହରରେ ନୟାଗଡ଼ ଜିଲାରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୯୭ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ମୁଖ୍ୟ ଜିଲା ଚିକିତ୍ସାଧିକାରୀ ତଥ୍ୟ ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ପୋର୍ଟାଲରେ ୫୯ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ ଜଣଙ୍କର କୋଭିଡ୍‌ଜନିତ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି।



**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କରିବାର ନୈତିକ କର୍ତ୍ତୃତ୍ୱ ହରାଇଛନ୍ତି। ଚିକିତ୍ସା ସହାୟତା ଚାହୁଁଥିବା ଲୋକମାନଙ୍କ ସହ ଛିଡ଼ାହେବାରେ ସେ ବିଫଳ ହୋଇଛନ୍ତି। **-କପିଲ ସିବଲ, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଡୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁଲାଇ ୧ରୁ ଶତ ପ୍ରତିଶତରେ ଚାଲିବ ରାଜଧାନୀର ସରକାରୀ କାର୍ଯ୍ୟାଳୟ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ପହିଲାରୁ ରାଜଧାନୀ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶତପ୍ରତିଶତ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ। ତେବେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ କର୍ମଚାରୀମାନଙ୍କୁ କୋଭିଡ୍-୧୯ ଟିକାର ଦୁଇଟି ଡୋଜ୍ ନେବା ବାଧ୍ୟତାମୂଳକ କରାଯାଇଛି। ସମସ୍ତ ବିଭାଗ, ବିଭାଗୀୟ ଉଚ୍ଚ ଓ ଅଧସ୍ତନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗଗୁଡ଼ିକରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ଟିକାର ଦୁଇଟି ଡୋଜ୍ ନେବାକୁ ପଡ଼ିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି । ସରକାରୀ କର୍ମଚାରୀଙ୍କ ପାଇଁ ଟିକାକରଣ ସକାଶେ

### ଦୁଇଟି ଡୋଜ୍ ବାଧ୍ୟତାମୂଳକ

ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଜୁନ୍ ୧୦ ତାରିଖରୁ ଏହି ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଏହା ଜୁନ୍ ୨୦ ଯାଏ ଚାଲିବ। ଇତିମଧ୍ୟରେ ୬ ହଜାର କର୍ମଚାରୀଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଛି। ଜୁନ୍ ୧୭ ତାରିଖରୁ ଦ୍ୱିତୀୟ ଡୋଜ୍ ଟିକାକରଣ ଚାଲୁ ରହିଛି। ଏହି ସମୟରେ ସମସ୍ତ କର୍ମଚାରୀ ଦୁଇଟି ଡୋଜ୍ ଟିକା ନେବାକୁ କୁହାଯାଇଛି। ସମସ୍ତ କର୍ମଚାରୀ ଯେପରି ଟିକା ନେବେ ସେ ନେଇ ପ୍ରତ୍ୟେକ ବିଭାଗର ନୋଡାଲ ଅଫିସରମାନଙ୍କୁ ନିଶ୍ଚିତ କରିବାକୁ କୁହାଯାଇଛି। କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ପାଇଁ ସୁରକ୍ଷିତ ବାତାବରଣ ସୃଷ୍ଟି କରିବାକୁ ଏଭଳି ପଦକ୍ଷେପ ନିଆଯାଉଥିବା ବିଜ୍ଞପ୍ତିରେ କୁହାଯାଇଛି। ଯଦି କୌଣସି କର୍ମଚାରୀ ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ କୌଣସି କାରଣରୁ ଟିକା ନେଇ ନ ଥିବେ ତେବେ ସେହି କର୍ମଚାରୀମାନଙ୍କୁ ଏହାର ଉପଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିବ। ପ୍ରତ୍ୟେକ କର୍ମଚାରୀଙ୍କର କେସ୍ ଟୁ କେସ୍ ମାମଲାର ଯାଞ୍ଚ କରାଯିବ। ଯଦି କର୍ମଚାରୀମାନେ ଟିକା ନେଇ ନ ଥିବାର ଉପଯୁକ୍ତ କାରଣ ଦର୍ଶାଇପାରିବେ ନାହିଁ ତେବେ ସେମାନଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ଦିଆଯିବ ନାହିଁ । ଏପରି କି ସେମାନଙ୍କର ଅନୁପସ୍ଥିତିକୁ ଇଚ୍ଛାକୃତ ଧରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ମୁମ୍ବାଇ ଗଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍

### ନକଲି କରୋନା ଔଷଧ ଜବତ ମାମଲା

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**



କଟକରୁ ବିପୁଳ ପରିମାଣର ନକଲି କରୋନା ଔଷଧ ଜବତ ଘଟଣାରେ ଏବେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଖୋଳତାଡ଼ କରୁଛି। ଗୁରୁବାର ଔଷଧ ଜବତ ହୋଇଥିବା ସଂସ୍ଥାର ମାଲିକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ଶୁକ୍ରବାର ଏସ୍‌ଟିଏଫ୍‌ର ଏକ ଟିମ୍ ତଦନ୍ତ ପାଇଁ ମୁମ୍ବାଇ ଯାଇଛି। ଏସ୍‌ଟିଏଫ୍ ସେଠାରେ ମୁମ୍ବାଇ ପୋଲିସ ହାତରେ ଧରାପଡ଼ିଥିବା ମାକ୍ସ ରିଲିଫ୍ ହେଲ୍‌ଥ କେୟାର କମ୍ପାନୀର ମୁଖ୍ୟ ସୁଦୀପ ମୁଖାର୍ଜୀଙ୍କୁ ଜେରା କରିବ। ସୁଦୀପ ଡ୍ରଗ୍ସ ଲାଇସେନ୍ସ ଠକେଇ ମାମଲାରେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ସୁଦୀପଙ୍କ ମାକ୍ସ କମ୍ପାନୀରୁ ନକଲି ଔଷଧ କଟକକୁ ଆସିଥିଲା। ତେଣୁ ପୋଲିସ ସୁଦୀପଙ୍କଠାରୁ ଓଡ଼ିଶାରେ ଏହି ନକଲି ଔଷଧ କାରବାରର ଚେର ଖୋଜିବା ସହ ଲିଙ୍କରେ ଥିବା ସମସ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ଆଶା ରଖିଛି।

ସୂଚନା ଯୋଗ୍ୟ, ଗତ ୧୧ ତାରିଖରେ କଟକ କନିକା ଛକ ନିକଟରେ ଥିବା ଶିବ ପ୍ରସନ୍ନ ଜେନାଙ୍କ ଔଷଧ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ପ୍ରାୟ ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ 'ଫାଭିପିରାଭିର' ଓ ଅନ୍ୟ କିଛି ଔଷଧ ଜବତ କରାଯାଇଥିଲା। ମାକ୍ସ ରିଲିଫ ହେଲ୍‌ଥ କେୟାର ସଂସ୍ଥାରୁ ଏହି ଔଷଧ ଉକ୍ତ ଗୋଦାମକୁ ଆସୁଥିଲା। ଏଠାରୁ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲ୍ ଓ ଔଷଧ ଦୋକାନଗୁଡ଼ିକୁ ପଠାଯାଉଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଡ୍ରଗ୍ସ କଣ୍ଟ୍ରୋଲ ସ୍କ୍ୱାଡ୍ ରାଉରକେଲା, ବଲାଙ୍ଗୀର, ବୌଦ୍ଧ, ରାୟଗଡ଼ା, ବାଲେଶ୍ୱରର ବିଭିନ୍ନ ମେଡିସିନ ଷ୍ଟୋର ଓ ଗୋଦାମରେ ଚଢାଉ କରି ବିପୁଳ ନକଲି ଔଷଧ ଜବତ କରିଥିଲା। ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ଜୋର୍‌ଦାର କରିଛି।

## ପ୍ରଥମ ପୃଷ୍ଠାରୁ...

### ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ...

ଏଥିପାଇଁ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରୁ ଭୁବନେଶ୍ୱର ବିମାନ ବନ୍ଦର ଯାଏ ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଥିଲା। ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦେବାଶିଷଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପାଇଁ ଦିବାରାତ୍ର ପ୍ରୟାସ ଜାରି ରଖିଥିଲେ ବି ତାଙ୍କୁ ବଞ୍ଚାଇ ପାରି ନ ଥିଲେ । ଦେବାଶିଷ ୧୯୬୫ ଅଗଷ୍ଟ ୨୯ରେ ବାଲେଶ୍ୱର ଜିଲା ନୀଳଗିରିରେ ଜନ୍ମଗ୍ରହଣ କରିଥିଲେ। ୧୯୯୧ରେ ସେ ଓଡ଼ିଶା କ୍ୟାଡରର ଭାରତୀୟ ପୋଲିସ ସେବା(ଆଇପିଏସ୍)ରେ ଯୋଗଦେଇଥିଲେ। ସେ କେନ୍ଦୁଝର, ଭୁବନେଶ୍ୱର, ପୁରୀ, ଗଞ୍ଜାମ, କଟକ ଏସ୍‌ପି ଭାବେ ସୁଚାରୁରୂପେ କାର୍ଯ୍ୟ ତୁଲାଇଥିଲେ। ଏହାସହ ଡିଆଇଜି ପୋଲିସ, ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ଆଇଜି ପୋଲିସ ମଡର୍ନାଇଜେଶନ, ଆଇଜି ଅଫ୍ ପୋଲିସ ପର୍ସୋନେଲ୍, ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଡିଜି ପଦବୀରେ ରହିବା ସହ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ବର୍ତ୍ତମାନ କାର୍ଯ୍ୟ କରୁଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ହାସଲ କରିଥିବାବେଳେ ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ରେ ଏମ୍‌ଫିଲ୍ କରିଥିଲେ। ଏଥିସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏଲ୍ଏଲ୍‌ବିରେ ଉତ୍ତୀର୍ଣ୍ଣ ହେବା ସହ ରାଜନୀତି ବିଜ୍ଞାନରେ ଡକ୍ଟରେଟ କରିଥିଲେ। ଦେବାଶିଷ ଏକାଧାରରେ ଜଣେ ଉତ୍ତମ ଛାତ୍ର ତଥା ସୁବକ୍ତା ଥିଲେ। ସାରସ୍ୱତ ଜଗତରେ ମଧ୍ୟ ସେ ଜଣେ ପରିଚିତ ଥିଲେ। ୯ଟି ଉପନ୍ୟାସ ଓ ୭ଟି କ୍ଷୁଦ୍ରଗଳ୍ପ ରଚନା କରି ବେଶ୍ ପାଠକୀୟ ଆଦୃତି ପାଇପାରିଥିଲେ। କ୍ଷୁଦ୍ରଗଳ୍ପ 'ତଥାକଥିତ' ପାଇଁ ସେ ୨୦୦୨ରେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ଅନ୍ୟ ରଚନା ମଧ୍ୟରେ 'ଜୀବନ ସାହିତ୍ୟ ସମ୍ପର୍କ', 'ଅନାମିକା', 'ଅଭିଭାବକ', 'ରାସେଶ୍ୱରୀ', 'ପତର ଫାଙ୍କର ସୂର୍ଯ୍ୟ', 'ଅତିନ୍ଦ୍ରିୟ' ଆଦି ପୁସ୍ତକ ସାହିତ୍ୟ ମହଲରେ ଚର୍ଚ୍ଚିତ ହୋଇଥିଲା। ତାଙ୍କର ଗଳ୍ପ ଇଂଲିଶ, ହିନ୍ଦୀ, ବଙ୍ଗଳା, ତେଲୁଗୁ ଓ କନ୍ନଡ ଆଦି ଭାଷାରେ ଅନୁବାଦିତ ହୋଇଛି। ତାଙ୍କ ସହଧର୍ମିଣୀ ହେଉଛନ୍ତି ବିଶିଷ୍ଟ ଗାୟିକା ତଥା ଅଧ୍ୟାପିକା ଡ. ଝୁମୁକି ରଥ। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

### ଅନ୍‌ଲାଇନ୍‌ରେ ଯୁକ୍ତି, ...

ସମୟରେ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତି ଓ ପିଜି ପରୀକ୍ଷା ସଂକ୍ରାନ୍ତରେ ଗତ ୧୨ ତାରିଖରେ କୁଳପତିଙ୍କ ସହ ପ୍ରଥମ ବୈଠକ ହୋଇଥିଲା। ପରୀକ୍ଷା ହେବା ନେଇ ସୂଚନା ଦିଆଯିବା ସହ ୧୮ତାରିଖରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ କୁଳପତିମାନେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସରକାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଥିଲା। ସେମାନଙ୍କ ମତାମତକୁ ନେଇ ଶୁକ୍ରବାର ଦ୍ୱିତୀୟ କୁଳପତି ବୈଠକରେ ଆଲୋଚନା ହୋଇ ଏହି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।

### ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ...

ଅଫ୍‌ଲାଇନ୍‌ରେ ପରୀକ୍ଷା ହେବ। ଏଥିପାଇଁ ପରିଷଦର ୱେବ୍‌ସାଇଟ୍‌ରେ ନିର୍ଦ୍ଧାରିତ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ସୂଚନାଯୋଗ୍ୟ, କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଥିଲେ। ତେବେ କେଉଁ ଆଧାରରେ ମୂଲ୍ୟାୟନ ହେବ ସେ ନେଇ ପରିଷଦ ନିଷ୍ପତ୍ତି ନେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ପରିଷଦ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲା। ଇତିମଧ୍ୟରେ କମିଟି ତିନିଥର ବୈଠକ କରିଛି। ଗୁରୁବାର କମିଟିର ଶେଷ ବୈଠକରେ ମୂଲ୍ୟାୟନ ଓ ଫଳ ପ୍ରକାଶ ସଂକ୍ରାନ୍ତରେ ଉପରୋକ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ଘୋଷଣା କରାଯାଇଛି।

### ଅକ୍ଟୋବରରେ ତୃତୀୟ...

ଦ୍ୱିତୀୟ ଲହର ଅଧିକ ମାରାତ୍ମକ ହୋଇଥିଲା। ଟିକା, ଔଷଧ, ଅକ୍ସିଜେନ ଏବଂ ହସ୍ପିଟାଲ ବେଡ୍ ଅଭାବ ଅଧିକ ସମସ୍ୟା ସୃଷ୍ଟି କରିଥିଲା। ତେବେ ତୃତୀୟ ଲହର ଆସିବା ବେଳକୁ ଅଧିକାଂଶ ଲୋକ କୋଭିଡ୍ ଟିକା ନେଇସାରିଥିବେ। ଏଥିସହିତ ଦ୍ୱିତୀୟ ଲହରରୁ ଲୋକମାନଙ୍କଠାରେ ପ୍ରାକୃତିକ ଭାବେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥିବ। ସେଥିପାଇଁ ତୃତୀୟ ଲହର ଅଧିକ ନିୟନ୍ତ୍ରଣାଧୀନ ହେବ ବୋଲି ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ କହିଛନ୍ତି।

ଭାରତରେ ୯୫ କୋଟି ଯୋଗ୍ୟ ହିତାଧିକାରୀଙ୍କୁ ଟିକାକରଣ କରିବା ଯୋଜନା ଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୫ ପ୍ରତିଶତ ସମ୍ପୂର୍ଣ୍ଣ ଟିକା ନେଇଛନ୍ତି। ଏବେ ବି କୋଟି କୋଟି ଲୋକଙ୍କ ପ୍ରତି ସଂକ୍ରମଣ ଭୟ ରହିଛି। ଆଗାମୀ ଦିନରେ ଟିକାକରଣ ଅଭିଯାନ ଯଥେଷ୍ଟ ବଢ଼ିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ସଂକ୍ରମଣ କମିବାରୁ କେତେକ ରାଜ୍ୟ ତରବରିଆ ଭାବେ କଟକଣା ହଟାଇ ଦେଇଛନ୍ତି। ଏପରି ନ କରିବା ପାଇଁ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଶିଶୁ ଏବଂ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ତୃତୀୟ ଲହର ଅଧିକ ବିପଦ ବୋଲି ଦୁଇ-ତୃତୀୟାଂଶ ବିଶେଷଜ୍ଞ (୪୦ ଜଣରୁ ୨୬) କହିଛନ୍ତି। ଏହାର କାରଣ ହେଲା ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବୟସ ବର୍ଗର ପିଲାମାନଙ୍କ ପାଇଁ ଟିକା ଉପଲବ୍ଧ ହୋଇନାହିଁ। ଯଦି ଅଧିକ ସଂଖ୍ୟାରେ ଶିଶୁ ସଂକ୍ରମିତ ହୁଅନ୍ତି ଏବଂ ଆମେ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ନ ହେବା, ତେବେ ଶେଷ ମୁହୂର୍ତ୍ତରେ କିଛି କରିହେବ ନାହିଁ ବୋଲି ନାରାୟଣ ହେଲ୍‌ଥର ଡ. ଦେବୀ ସେଟ୍ଟୀ କହିଛନ୍ତି। ଏପରି ହେଲେ ଦେଶରେ ସମ୍ପୂର୍ଣ୍ଣ ଭିନ୍ନ ଧରଣର ସମସ୍ୟା ସୃଷ୍ଟି ହେବ। ଖୁବ୍ କମ୍ ଶିଶୁରୋଗ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ ବେଡ୍ ରହିଥିବାରୁ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ତୃତୀୟ ଲହର ପିଲାଙ୍କ ପାଇଁ ବିପଦ ନୁହେଁ ବୋଲି ୧୪ ଜଣ ବିଶେଷଜ୍ଞ କହିଛନ୍ତି। ଭୂତାଣୁର ନୂଆ ରୂପ ବର୍ତ୍ତମାନର ଟିକାକୁ ଅକାମୀ କରିବ ନାହିଁ ବୋଲି ୩୮ ଜଣଙ୍କ ମଧ୍ୟରୁ ୨୫ ଜଣ ମତ ଦେଇଛନ୍ତି। ସେହିପରି ଭାରତରେ ସ୍ୱାସ୍ଥ୍ୟଜନିତ ବିପଦ ଅନ୍ୟୁନ ଆଉ ବର୍ଷେ ରହିବ ବୋଲି ୩୦ ଜଣ ବିଶେଷଜ୍ଞ କହିଛନ୍ତି। ବିପଦ ବର୍ଷେରୁ କମ୍ ସମୟ ରହିବ ବୋଲି ୧୧ ଜଣ କହିଥିବାବେଳେ ୨ ବର୍ଷରୁ କମ୍ ରହିବା ନେଇ ୧୫ ଜଣ ମତ ଦେଇଛନ୍ତି। ୨ ବର୍ଷରୁ ଅଧିକ ଦିନ ବିପଦ ରହିପାରେ ବୋଲି ୧୩ ଜଣ ମତ ରଖିଥିବାବେଳେ କରୋନା ଜନିତ ବିପଦ ସବୁଦିନ ପାଇଁ ରହିବ ବୋଲି ୨ ଜଣ ବିଶେଷଜ୍ଞ କହିଛନ୍ତି।

### ଭାରତୀୟ ଆଇନକୁ...

ଆରମ୍ଭରେ କେନ୍ଦ୍ର ସରକାର ଟୁଇଟରକୁ ଶେଷ ସୁଯୋଗ ଦେଇଥିଲେ। ଯଦି ଉକ୍ତ ୱେବ୍‌ସାଇଟ ନିୟମାବଳୀ ଅନୁପାଳନ କରିବାରେ ବିଫଳ ହୁଏ, ତେବେ ଏହା ଆଇଟି ଆଇନରେ ଉତ୍ତରଦାୟିତ୍ୱରୁ ମୁକ୍ତି ସୁଯୋଗ ହରାଇବ ବୋଲି ସତର୍କ କରିଦିଆଯାଇଥିଲା। ପ୍ଲାଟ୍‌ଫର୍ମର ଅପବ୍ୟବହାର ଏବଂ ନାଗରିକ ଅଧିକାରର ସୁରକ୍ଷା ପ୍ରସଙ୍ଗରେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଗତ ସପ୍ତାହରେ ଟୁଇଟରକୁ ସମନ କରିଥିଲା। ଟୁଇଟର ଇଣ୍ଡିଆର ପବ୍ଲିକ୍ ପଲିସୀ ମ୍ୟାନେଜର ଶଗୁଫ୍‌ତା କମ୍ରାନ ଏବଂ ଆଇନ ପରାମର୍ଶଦାତା ଆୟୁଷୀ କପୁର ଶୁକ୍ରବାର ସଂସଦୀୟ କମିଟି ଆଗରେ ହାଜର ହୋଇଥିଲେ। ମାଇକ୍ରୋବ୍ଲଗିଂ ସାଇଟ୍ ଭାରତୀୟ ଆଇନକୁ ମାନୁଛି କି ବୋଲି କମିଟି ପ୍ରଶ୍ନ କରିବାରୁ ସେମାନେ ନିଜ ନୀତି ଅନୁଯାୟୀ କାର୍ଯ୍ୟ କରୁଥିବା କହିଥିଲେ। ଗୁରୁତ୍ୱପୂର୍ଣ୍ଣ ନୀତି ନିଷ୍ପତ୍ତି ନେବା ପାଇଁ କେତେଜଣ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ରହିଛନ୍ତି ବୋଲି କମିଟି ଜାଣିବାକୁ ଚାହିଁଥିଲା। ଭାରତୀୟ ଆଇନ ସବୁଠୁ ଊର୍ଦ୍ଧ୍ୱରେ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଏହାକୁ ଅନୁପାଳନ କରିବାକୁ ହେବ ବୋଲି ଟୁଇଟର ଇଣ୍ଡିଆ ପ୍ରତିନିଧିଙ୍କୁ ସଂସଦୀୟ କମିଟି କହିଥିଲା।

### ଜୁନ୍‌ରେ ବଢ଼ିଲାଣି ...

ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୭.୬୯ ଟଙ୍କା ଏବଂ ଡିଜେଲ ୯୫.୫୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୮.୦୧ ଟଙ୍କା ଏବଂ ଡିଜେଲ ୯୫.୮୭ ଟଙ୍କାରେ ଖାଉଟି କ୍ରୟ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶାର କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ଡିଜେଲ ଦର ମଧ୍ୟ ୧୦୦ଟଙ୍କା ନିକଟବର୍ତ୍ତୀରେ ବିକ୍ରି କରାଯାଉଛି। ତେବେ ମାଲକାନଗିରି ଜିଲାର ସମସ୍ତ ବ୍ଲକରେ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଟପିଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନଙ୍କ ପକ୍ଷରୁ ସୂଚନା ମିଳିଛି। ଗତ ମେ ୪ରୁ ଜୁନ୍ ୧୮ ସୁଦ୍ଧା ପେଟ୍ରୋଲ ଲିଟର ପିଛା ୬.୫୭ ଟଙ୍କା ଏବଂ ଡିଜେଲ ୭.୫୮ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲ ୨୮ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୬.୯୩ ଟଙ୍କା ଏବଂ ଡିଜେଲ ୮୭.୬୯ ଟଙ୍କାରେ ପହଞ୍ଚିଛି। ମେ ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬.୫୩ ଟଙ୍କା ଏବଂ ଡିଜେଲ ୬.୯୬ ଟଙ୍କା ବୃଦ୍ଧି ଘଟିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୮.୧୪ ଟଙ୍କା, ୯୬.୮୪ ଟଙ୍କା ଏବଂ ୧୦୩.୦୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୨.୩୩ ଟଙ୍କା, ୯୦.୫୪ଟଙ୍କା ଏବଂ ୯୫.୧୪ ଟଙ୍କା ଛୁଇଁଥିବା ଜଣାପଡ଼ିଛି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ,କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଏବଂ ଲଦାଖ ଭଳି କେନ୍ଦ୍ର ଶାସିତ ଅଞ୍ଚଳରେ ପେଟ୍ରୋଲ ଦର ୧୦୦ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ମହାମାରୀ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୮ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ମଧ୍ୟ ୧୦୧ ଟଙ୍କା ଛୁଇଁବାକୁ ଯାଉଥିବା ସୂଚନା ମିଳିଛି।

### ଓଡ଼ିଶାରୁ ବୀରେନ୍ଦ୍ର, ...

ହରମନପ୍ରୀତ ସିଂ, ରୂପିନ୍ଦରପାଲ ସିଂ, ସୁରେନ୍ଦର କୁମାର ଓ ମନଦୀପ ସିଂ। ଅଧିନାୟକଙ୍କ ନାମ ଘୋଷଣା ହୋଇ ନ ଥିଲେ ହେଁ ମନ୍‌ପ୍ରୀତ ଦଳର ନେତୃତ୍ୱ ନେବା ସମ୍ଭାବନା ଅଧିକ ରହିଛି।

ଦଳରେ ଜଣେମାତ୍ର ଗୋଲକିପରଙ୍କୁ ନିଆଯାଇଥିବାରୁ ପ୍ରତିଭାସମ୍ପନ୍ନ କ୍ରିଷ୍ଣନ ବାହାଦୁର ପାଠକ ସୁଯୋଗ ପାଇନାହାନ୍ତି। ଦଳରେ ୫ ଜଣ ଲେଖାଏ ଡିଫେଣ୍ଡର, ମିଡ୍‌ଫିଲ୍ଡର ଏବଂ ଫରୱାର୍ଡଙ୍କୁ ନିଆଯାଇଛି। ରିଓରେ ଖେଳିଥିବା ଆକାଶଦୀପ ସିଂ ଏବଂ ରମଣଦୀପ ସିଂଙ୍କ ପରି ନାମୀ ଖେଳାଳି ଏଥର ଦଳରେ ନାହାନ୍ତି।

ଅଲିମ୍ପିକ୍ସରେ ଭାରତ ୮ ସ୍ୱର୍ଣ୍ଣ ପଦକ ପାଇଛି। ଶେଷଥର ପାଇଁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ମାତ୍ର ୪ ଦଶନ୍ଧି ଧରି ପଦକ ଶୂନ୍ୟତା ରହିଛି। ଟୋକିଓ ଅଲିମ୍ପିକ୍ସର ପୁଲ୍-ଏ'ରେ ଏଥର ଭାରତ ରହିଛି। ଏହି ପୁଲ୍‌ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା, ୩ ଥର ବିଶ୍ୱ ଚାମ୍ପିୟନ ତଥା ବିଶ୍ୱର ନମ୍ବର ୱାନ ଟିମ୍ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ପେନ ଏବଂ ଆୟୋଜକ ଜାପାନ।

#### ଭାରତୀୟ ଦଳ

ଗୋଲକିପର: ପି.ଆର. ଶ୍ରୀଜେଶ

ଡିଫେଣ୍ଡର: ହରମନପ୍ରୀତ ସିଂ, ରୂପିନ୍ଦରପାଲ ସିଂ, ସୁରେନ୍ଦର କୁମାର, ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରା।

ମିଡ୍‌ଫିଲ୍ଡର: ହାର୍ଦ୍ଦିକ ସିଂ, ମନ୍‌ପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ସୁମିତ।

ଫରୱାର୍ଡ: ସମଶେର ସିଂ, ଦିଲପ୍ରୀତ ସିଂ, ଗୁରଜାନ୍ତ ସିଂ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ।

### ମିଲ୍‌ଖା ସିଂଙ୍କ ...

କାର୍ଡିଫ୍‌ରେ ଅନୁଷ୍ଠିତ ବ୍ରିଟିଶ ଏମ୍ପାୟାର ଆଣ୍ଡ କମନୱେଲ୍‌ଥ ଗେମ୍ସରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ସେ ଥିଲେ ପ୍ରଥମ ଭାରତୀୟ। ସେ ୪୬.୬ ସେକେଣ୍ଡରେ ୪୦୦ ମିଟର ଫାଇନାଲରେ ଦକ୍ଷିଣ ଆଫ୍ରିକାର ମାଲକୋମ୍ ସ୍ପେନ୍ସଙ୍କୁ ହରାଇ ବିଜୟୀ ହୋଇଥିଲେ। ମିଲ୍‌ଖା ସିଂଙ୍କ କ୍ରୀଡ଼ା ଜୀବନ ଦୁଃସାହସପୂର୍ଣ୍ଣ ଥିଲା। ସେ ଜୀବନରେ କେବେ ହାର ମାନି ନ ଥିଲେ। ସେ ୪ ଥର ଏସିଆନ ଗେମ୍ସରେ ଗୋଲ୍ଡ ମେଡାଲ ଜିତିଥିଲେ। ମିଲ୍‌ଖାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଝିଅମାନେ ହେଲେ ଡ. ମୋନା ସିଂ, ଆଲିଜା ଗ୍ରୋଭର ଏବଂ ସୋନିଆ ସନ୍‌ୱାଲ୍‌କା। ପୁଅ ଜୀବ୍ ମଧ୍ୟ ଜଣେ ଗଲ୍ଫର।

କ୍ରୀଡ଼ାଜଗତ ପ୍ରତି ମିଲ୍‌ଖାଙ୍କ ଅତୁଳନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୧୯୫୯ରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ମିଲ୍‌ଖା ସିଂଙ୍କ ଆତ୍ମଜୀବନୀ 'ଦି ରେସ୍ ଅଫ୍ ମାଇଁ ଲାଇଫ' ପୁସ୍ତକ ଉପରେ ଆଧାରିତ ଫିଲ୍ମ 'ଭାଗ୍ ମିଲ୍‌ଖା ଭାଗ୍' ୨୦୧୩ରେ ମୁକ୍ତିଲାଭ କରି ଦର୍ଶକୀୟ ଆଦୃତି ପାଇଥିଲା। ଏହି କାହାଣୀ ପାଇଁ ମିଲ୍‌ଖା ପ୍ରଯୋଜକଙ୍କଠାରୁ ମାତ୍ର ୧ ଟଙ୍କା ନେଇଥିଲେ। କିନ୍ତୁ ଫିଲ୍ମ ଆୟର ଏକ ଲାଭାଂଶ ମିଲ୍‌ଖା ସିଂ ଚାରିଟେବଲ୍ ଟ୍ରଷ୍ଟକୁ ଦେବା ପାଇଁ ସେ ସର୍ତ୍ତ ରଖିଥିଲେ। ୨୦୦୩ରେ ଗଠିତ ଏହି ଟ୍ରଷ୍ଟ କ୍ରୀଡ଼ାଜଗତ ସହ ଜଡ଼ିତ ଗରିବ ଓ ଅଭାବୀ ଲୋକଙ୍କୁ ସହାୟତା ଦେଇଆସୁଛି।

## ଜଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁହାଯାଇ ଥାଇ ସିନା**
**ତୁହାଇ ତୁହାଇ ପୁଟ ଦେଉଥିଲେ**
**ଲୁହା କି ହୋଇବ ସୁନା ?**

କହିବା କଥା ଦୂରେ ଥାଉ, ଯିଏ ଯାହା ସିଏ ସେଇଆ। ଯେତେ ଯାହା କଲେ ମଧ୍ୟ ଲୁହା ସୁନା ହୋଇପାରି ନ ଥାଏ। ଗୁଣ ଅପରିବର୍ତ୍ତିତ। ପରୋକ୍ଷରେ ମଧୁର କଥା କହି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚାହିଁଲେ ବା ପରକୁ ଆପଣାର କରିବାକୁ ଚାହିଁଲେ ତାହା କେବେ ବି ସମ୍ଭବପର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସାକୁ ତାଟିଆ ଝାଇଁ**
**ନୂଆ ଦେଖିକରି ଭୁଲି ପଡ଼ିଲ**
**ପୁରୁଣା କି ମନେ ନାହିଁ ?**

ନୂଆ ପ୍ରତି ସଭିଙ୍କ ମନରେ ଅହେତୁକ ଆଦର ଭାବ ରହିଥାଏ। ନୂଆ ନୂଆ ସଭିଙ୍କୁ ଖୁବ୍ ଭଲ ଓ ସୁନ୍ଦର ଲାଗିଥାଏ। ନୂଆ ପାଇଲେ ପୁରୁଣାରୁ ମନ ଛାଡ଼ିଯାଏ। ପରୋକ୍ଷରେ ନୂଆ ତରୁଣୀକୁ ଦେଖି ପୁରୁଣା ପ୍ରେମୀକୁ ଉପେକ୍ଷା କରି ବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


## classifieds Everyday 0674-2580101, 2549302





**SALE**

1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891. D-20803

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-20844





Rent 1BHK Hall, Dining, Kitchen fully furnished with interior A/C inverter & bed at Patia near Big Bazar. Contact: 7008671282, 9437636236. D-20913





Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱାଦଶସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଯୋଗୁ ସକାଳୁ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ଦିନଟି ଆପଣଙ୍କ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ବୃଦ୍ଧି କରିବ। ଯେ କୌଣସି ପରିସ୍ଥିତିରେ ନିଜକୁ ଚଳାଇନେଇ ପାରିଲେ କୃତକାର୍ଯ୍ୟ ହେବେ। ଅପରାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ।

**ବୃଷ** – ଶୁକ୍ର ଅଷ୍ଟମାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଘରୋଇ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି ସଫଳତା ପାଇବେ। ସାଧାରଣ ସ୍ୱାର୍ଥତ୍ୟାଗ ଦ୍ୱାରା ଅନ୍ୟକୁ ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ** – କର୍ମସ୍ଥାନରୁ କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଯିବ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସମ୍ଭାବନା ରହିଛି। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡୋଶୀଙ୍କ ସହ ଏକ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ** – ଆଜି ଦକ୍ଷତାଜନିତ ପ୍ରଶଂସାଭାଜନ ହେବାରୁ ନିଜକୁ ଗୌରବାନ୍ୱିତ ମନେକରିବାର ସୁଯୋଗ ଲଭିବେ। ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ବହୁ ମାତ୍ରାରେ ସାହାଯ୍ୟ କରିବ। ସଭାସମିତି ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲଭିବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିବନ୍ଧକ କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ** – ରାହୁଯୁକ୍ତ ବୁଧ ହେତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ମାନକୁ ଅସ୍ଥିର କରିବ। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ସହ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** – ଅତୀତଘଟଣା ମନକୁ ବିଚଳିତ କରିବ। ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ।

**ତୁଳା** – ଭାଗ୍ୟସ୍ଥାନରେ ଲାଭାଧିପ ସହ ଶୁକ୍ର ରହିଥିବାରୁ ସଫଳତା ହାସଲରେ ଅସୁବିଧା ରହିବନାହିଁ। କଳା, ସାଂସ୍କୃତିକ କାମ, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ଅଫିସରେ ଅଫିସରଙ୍କ ସହ ମତଭେଦ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** – ବୃହସ୍ପତିଙ୍କ ସୁପ୍ରଭାବରେ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ,ଫଳରେ ସାଧାରଣ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି। ପରିଜନ କିମ୍ବା ବନ୍ଧୁଙ୍କଠାରୁ ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** – ଗୁରୁଙ୍କ କେନ୍ଦ୍ରାଧିପତି ଦୋଷ କାରଣରୁ ବାହାର ଲୋକମାନେ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ମାନିବା ଠିକ୍ ହେବ।

**ମକର** – ଚତୁର୍ଥାଧିପତି ଓ ରାଶ୍ୟାଧିପ ପରସ୍ପର ବିପରୀତ ଗୁଣଧର୍ମ ହେତୁ ସମ୍ପର୍କୀୟଙ୍କ ଦ୍ୱାରା ହଇରାଣ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ଅସ୍ଥିରତା ଦେଖାଦେବା ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ। ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ।

**କୁମ୍ଭ** – କର୍ମାଧିପ ମଙ୍ଗଳ ଦୁର୍ବଳ ହେତୁ କୌଣସି କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସୁଧାରିବାକୁ ଚେଷ୍ଟାକଲେ ମଧ୍ୟ ସୁଫଳ ପାଇବା କଷ୍ଟକର ହୋଇପାରେ । ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** – ପାପଗ୍ରହ ମଧ୍ୟସ୍ଥ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ରର ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ନବମୀ ଶନିବାର, ଜୁନ୍ ୧୯ ତାରିଖ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୨.୦୦ମି. ଗତେ ଘ.୦୩.୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୨ମି. ଗତେ ଘ.୦୬.୦୪ମି. ମଧ୍ୟେ, ଘ.୦୯.୩୬ମି. ଗତେ ଘ.୧୨.୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୮.୩୦ମି. ଗତେ ଘ.୧୦.୦୯ମି. ମଧ୍ୟେ ରାହୁ କାଳ।

**ନନ୍ଦନକାନନକୁ ଆସିଲା ୨ ପାଣିଗୋଧି**

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନକୁ ଶୁକ୍ରବାର ରାଜନଗରରୁ ୨ଟି ପାଣି ଗୋଧି ଆସିଛି। ଏମାନଙ୍କୁ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ପରେ ନନ୍ଦନକାନନ ସରୀସୃପ ଉଦ୍ୟାନର ପାଣିଗୋଧି ଖୁଆଡ଼ରେ ଛଡ଼ାଯାଇଛି। ଏହି ଗୋଧିଙ୍କୁ ପ୍ରଜନନ ଉଦ୍ଦେଶ୍ୟରେ ଅଣାଯାଇଛି ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସାଧାରଣତଃ ଏମାନେ ଆର୍ଦ୍ରଭୂମି ତଥା ହେନ୍ତାଳ ଜଙ୍ଗଲରେ ଦେଖାଯାଆନ୍ତି। ଏହାବ୍ୟତୀତ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ନାଗାଲାଣ୍ଡ, ବାଂଲାଦେଶ, ଶ୍ରୀଲଙ୍କା ଆଦି ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ୨.୫ମିଟର ଲମ୍ବ ହୁଅନ୍ତି। ହେନ୍ତାଳ ଜଙ୍ଗଲରେ ତାଳପତ୍ରରେ ତିଆରି ବସାରେ ତଥା ଅନ୍ୟ ଅଞ୍ଚଳରେ ଗାତରେ ଅଣ୍ଡା ଦେଇଥାନ୍ତି। ବର୍ଷସାରା ଏମାନେ ଅଣ୍ଡା ଦିଅନ୍ତି। ଦୁଇ ବର୍ଷରେ ପ୍ରଜନନକ୍ଷମ ହୋଇ ଥରକେ ୨୦ଟି ଅଣ୍ଡା ଦେଇଥାନ୍ତି।

# ରାଜଧାନୀରୁ ୬୦ ଲକ୍ଷର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

- ଜଣେ ଗିରଫ, ର୍‍ୟାକେଟରେ ଇଞ୍ଜିନିୟରିଂ ଛାତ୍ର
- କିଙ୍ଗ୍‌ପିନ୍ ଓ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ

କରୋନା କଟକଣା ଭିତରେ ରାଜ୍ୟରେ ବେଧଡ଼କ ଚାଲିଛି ନିଶା କାରବାର। ବିଶେଷକରି ବ୍ରାଉନସୁଗାର ଚୋରା ଚାଲାଣ ର୍‍ୟାକେଟ ବାଲେଶ୍ୱରରୁ ଭୁବନେଶ୍ୱର ଲମ୍ବିଛି। କିଛି ଦିନର ବ୍ୟବଧାନ ପରେ ପୁଣି ରାଜଧାନୀରୁ ବିପୁଳ ବ୍ରାଉନସୁଗାର ଜବତ ହୋଇଛି। ବଡଗଡ ଥାନା ଅନ୍ତର୍ଗତ ବ୍ରିଟ୍ କଲୋନୀରେ କ୍ୟୁଏଟି ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ୫୭୭.୬୬ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅରଡବଜାର ଅଞ୍ଚଳର ବିଟୁ ଖାନ୍। ତାଙ୍କୁ ପଚରା ଉଚରାବେଳେ କିଙ୍ଗ୍‌ପିନ୍ ଓ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ବିଟୁ ପାଠ ପଢିବା ସହ ମାଛ ବେପାର କରୁଛନ୍ତି। ତେବେ ପ୍ରଥମଥର ଜଣେ ବ୍ରାଉନସୁଗାର ଡିଲର ତାଙ୍କୁ ଏହି କାରବାରରେ ସାମିଲ କରିଥିବା ସେ ପୋଲିସକୁ କହିଛନ୍ତି। ର୍‍ୟାକେଟର କିଙ୍ଗ୍‌ପିନ୍ ଭୁବନେଶ୍ୱରର କେତେଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମାଧ୍ୟମରେ ଏହି କାରବାର ଚଳାଇଥିବା ସୂଚନା ମିଳିବା ପରେ ସେମାନଙ୍କୁ ଧରିବାକୁ ଚଢ଼ାଉ ଚାଲିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି। ବିଟୁଙ୍କଠାରୁ ବ୍ରାଉନସୁଗର ସହ ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଓ ଏକ ସ୍କୁଟି ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ପ୍ରାୟ ୬୦ଲକ୍ଷ ଟଙ୍କା ହେବ। ଏନେଇ ଏକ ମାମଲା (ନଂ.୨୧୭/୨୧) ରୁଜୁ କରାଯାଇ ଶୁକ୍ରବାର ବିଟୁଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି। ସୂଚନା ମୁତାବକ, ବାଂଲାଦେଶ ଓ କୋଲକାତାରୁ ବ୍ରାଉନସୁଗାର ବାଲେଶ୍ୱରକୁ ଆସୁଛି। ସେଠାରୁ ଭୁବନେଶ୍ୱର ସମେତ ରାଜ୍ୟ ତଥା ବାହାରକୁ ପଠାଯାଉଛି। ଏବେ ରାଜ୍ୟ ବାହାରକୁ ଚୋରା ଚାଲାଣ କଷ୍ଟକର ହେଉଥିବାରୁ ରାଜ୍ୟରେ ଏହି ର୍‍ୟାକେଟ ଅଧିକ ସକ୍ରିୟ ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ଏବେ ବ୍ରାଉନସୁଗାର ବ୍ୟବସାୟର ବଡ଼ ବଜାର ପାଲଟିଛି। ଭୁବନେଶ୍ୱରକୁ ବ୍ରାଉନସୁଗାର ଚାଲାଣ ସଂକ୍ରାନ୍ତରେ କ୍ୟୁଏଟି ନିକଟରେ ଖବର ପହଞ୍ଚିବା ପରେ ମିଳିତ ଟିମ୍ ବଡଗଡ ବ୍ରିଟ କଲୋନୀ ଚାରିଛକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜାଲ ବିଛାଇଥିଲା। ଅଭିଯୁକ୍ତ ବିଟୁ ଏକ ସ୍କୁଟିରେ ପହଞ୍ଚିବା ପରେ ପୋଲିସ ତାଙ୍କୁ କାବୁ କରିନେଇଥିଲା।



ଗିରଫ ଅଭିଯୁକ୍ତ।

## ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

ବାଲିପାଟଣା,୧୮।୬(ଡି.ଏନ୍.ଏ.): ବାଲିପାଟଣା ଥାନା ମଝିହରା ସ୍ଥିତ ଲକ୍ଷ୍ମୀବିଳାସ ବ୍ୟାଙ୍କରୁ ଲୁଟ ଉଦ୍ୟମ ବିଫଳ ହୋଇଛି। ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ବ୍ୟାଙ୍କ ଝରକା ଗ୍ରୀଲ୍ ଭାଙ୍ଗି ଲୁଟ ଉଦ୍ୟମ କରିଥିଲେ। ବ୍ୟାଙ୍କରେ ଲାଗିଥିବା ଏକ ସିସି କ୍ୟାମେରାକୁ ମଧ ଭାଙ୍ଗିଦେଇଥିଲେ। ଶେଷରେ ସିସି କ୍ୟାମେରା ଓ ସର୍ଭର ନେଇ ପଳାଇଯାଇଥିଲେ। ଏହି ସମସ୍ତ ଦୃଶ୍ୟ ନିକଟରେ ଥିବା ଏକ ସିସିଟିଭିରେ କଏଦ ହୋଇଛି। ଶୁକ୍ରବାର ସକାଳେ ଝରକା ଭଙ୍ଗାଯାଇଥିବା ବ୍ୟାଙ୍କ କର୍ମଚାରୀମାନେ ଆସି ଦେଖିବାକୁ ପାଇଥିଲେ। ଖବରପାଇ ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛନ୍ତି।

# ଉପାନ୍ତ ଅଞ୍ଚଳରେ ଟିକା ପହଞ୍ଚାଇବ ଡ୍ରୋନ୍




କଟକ ଅଫିସ,୧୮।୬

ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ଟିକା ଯୋଗାଇବ ଡେଲଟା ୪୦୦ ଡ୍ରୋନ୍। ଏହି ଡ୍ରୋନ୍‌କୁ କଟକ ଖପୁରିଆ ଆଇଟିଆଇର ଛାତ୍ରୀଛାତ୍ର ତିଆରି କରିଛନ୍ତି। ଆଇଜି ଡ୍ରୋନ୍ସ ଏବଂ ଖପୁରିଆ ଆଇଟିଆଇ ସହଯୋଗରେ ଏହି ଡ୍ରୋନ ପ୍ରସ୍ତୁତ କରାଯାଇଛି। ଆଇଟିଆଇର ପ୍ରିନ୍ସିପାଲ ହୃଷୀକେଶ ମହାନ୍ତି ଦେଇଥିବା ସୂଚନା ଅନୁଯାୟୀ, ଏହି ଡ୍ରୋନ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଗତି କରିବ । ଏଥିସହ ଥରେ ଚାର୍ଜ କଲେ ଏହା ୩ ଘଣ୍ଟା କାର୍ଯ୍ୟ କରିବ । ଏହି ଡ୍ରୋନ ୫ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ଉଠାଇ ୧୨୦ରୁ ୧୮୦ ଫୁଟ ଉଚ୍ଚତାରେ ଉଡ଼ିପାରିବ । ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ୨ମାସ ମଧ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଭଳି ସଫଳତା ଦ୍ୱାରା ଛାତ୍ରୀଛାତ୍ର ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜ୍ଞାନକୌଶଳରେ କାମ କରିବାର ସୁଯୋଗ ପାଇବେ। ସେହିପରି ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇବା ସହ ଭଲ ସ୍ଥାନରେ ନିଯୁକ୍ତି ମିଳିପାରିବ ବୋଲି ପ୍ରିନ୍ସିପାଲ କହିଛନ୍ତି। ସେହିପରି କଟକସ୍ଥିତ ଆଇଜି ଡ୍ରୋନସର ଅଧିକାରୀ ସମ୍ବିତ ପରିଡ଼ା କହିଛନ୍ତି, ଏହି ଡ୍ରୋନରେ ଦୁଇ ପ୍ରକାର କ୍ୟାମେରା ବ୍ୟବହାର କରାଯାଇଛି। ପ୍ରଥମଟି ୪୮ ମେଗା ପିକ୍ସେଲ ବିଶିଷ୍ଟ ହାଇ ରିଜୋଲ୍ୟୁଶନ ଆର୍‌ଜିବି କ୍ୟାମେରା। ଏଥିରେ ଦିନ ବେଳା ଫଟୋ ଓ ଭିଡିଓ କରିହେବ। ଦ୍ୱିତୀୟଟି ହେଉଛି ଇନଫ୍ରାରେଡ କ୍ୟାମେରା। ଏହାଦ୍ୱାରା ଡ୍ରୋନ ରାତିରେ ସହଜରେ ଉଡିପାରିବା ସହ ଫଟୋ ଓ ଭିଡିଓ କରିପାରିବ। ତେବେ ପ୍ରଥମେ ଏହା ଖଣି ଅଞ୍ଚଳରେ କାର୍ଯ୍ୟ କରିବ ବୋଲି ଯୋଜନା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଉପାନ୍ତ ଅଞ୍ଚଳରେ ଟିକା ଯୋଗାଣ କାର୍ଯ୍ୟରେ ନିୟୋଜିତ କରାଯିବ।

**ଖପୁରିଆ ଆଇଟିଆଇ ଛାତ୍ରୀଛାତ୍ରଙ୍କ ସଫଳତା**

# ଆଇଏମ୍‌ଏ କଟକ ଶାଖା ପକ୍ଷରୁ ଧାରଣା

**ଡାକ୍ତରଙ୍କୁ ଆକ୍ରମଣର ପ୍ରତିବାଦ**

କଟକ ଅଫିସ, ୧୮।୬




କରୋନା ସମୟରେ ଡାକ୍ତରମାନେ କୋଭିଡ୍ ଯୋଦ୍ଧା ଭାବେ ରୋଗୀଙ୍କ ସେବା ଜାରି ରଖିଛନ୍ତି। ମାତ୍ର ଏଭଳି ସ୍ଥିତିରେ ଡାକ୍ତରମାନଙ୍କ ପ୍ରତି ହିଂସାତ୍ମକ ବ୍ୟବହାର କରାଯାଉଛି। ଏପରି ଅଶୋଭନୀୟ କାର୍ଯ୍ୟ ରୋକିବା ପାଇଁ ଦୃଢ଼ ନିୟମ ପ୍ରଣୟନ ଦାବିରେ ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍‌ଏ) ଶୁକ୍ରବାର ଦେଶବ୍ୟାପୀ ଜାତୀୟ ପ୍ରତିବାଦ ଦିବସ ପାଳନ କରିଛି। ଏହାକୁ ସମର୍ଥନ ଜଣାଇ ଆଇଏମ୍‌ଏର କଟକ ଶାଖା ପକ୍ଷରୁ ଡାକ୍ତରମାନେ ରାଣୀହାଟସ୍ଥିତ ଆଇଏମ୍‌ଏ ହାଉସ୍ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। ଏହି ଧାରଣାରେ ରାଜ୍ୟ ସଭାପତି ଡା. ନିବେଦିତା ପାଣି, ରାଜ୍ୟ ସମ୍ପାଦକ ଡା. ବ୍ରଜକିଶୋର ଦାଶ, ଅର୍ଥ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଯୁଗ୍ମ ସମ୍ପାଦକ ଦେବ ପ୍ରସାଦ ମହାନ୍ତି, ଡା. ସମ୍ରାଟ କର, ଡା. କିଶୋର ମହାପାତ୍ର, ଡା. ସୁମିତା ମହାନ୍ତି, ଡା. ଅଭିଷେକ ବିଶ୍ୱାଳ, ଶିଶୁ ସୁରକ୍ଷା କମିଟି ସଦସ୍ୟ ଜନ୍ମେଜୟ ମହାପାତ୍ର, କଟକ ଆଇଏମ୍‌ଏ ଶାଖା ସମ୍ପାଦକ ଡା. ଶକ୍ତିପ୍ରସାଦ ଦାସ ପ୍ରମୁଖ ସାମିଲ ଥିଲେ। ତେବେ ରୋଗୀଙ୍କ ଚିକିତ୍ସାରେ କୌଣସି ବ୍ୟାଘାତ ସୃଷ୍ଟି ନ କରି ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ କେତେକ ରାଜ୍ୟରେ ଡାକ୍ତରମାନଙ୍କ ଉପରେ ଆକ୍ରମଣ ହୋଇଛି।

## ଏସ୍‌ସିବି ଜୁନିୟର ଡାକ୍ତର ସଂଘର ନିନ୍ଦା

ଡାକ୍ତରଙ୍କ ଉପରେ ଆକ୍ରମଣକୁ ଏସ୍‌ସିବି ଜୁନିୟର ଡାକ୍ତର ସଂଘ ନିନ୍ଦା କରିଛି। ଆକ୍ରମଣ ଏବଂ ଏଭଳି ଅଶୋଭନୀୟ ବ୍ୟବହାରରୁ ଡାକ୍ତରଙ୍କୁ ସୁରକ୍ଷା ଦେବା ପାଇଁ କଡ଼ା ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। ଶୁକ୍ରବାର ଏ ନେଇ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଡା. ରାମଚନ୍ଦ୍ର ସାହୁ, ଉପସଭାପତି ଚୁନୁରାମ ସୋରେନ ଏବଂ ସାଧାରଣ ସମ୍ପାଦକ ଡା. କ୍ଷୀତିଶ ରଞ୍ଜନ ଦାସ କହିଛନ୍ତି, କୋଭିଡ୍ ସମୟରେ ଡାକ୍ତରମାନେ ନିଜ ଜୀବନକୁ ବାଜିଲଗାଇ ସେବା ଯୋଗାଇ ଦେଉଛନ୍ତି। ଏହାସତ୍ତ୍ୱେ ଡାକ୍ତରମାନଙ୍କ ପ୍ରତି ହିଂସାତ୍ମକ ବ୍ୟବହାର କରାଯାଉଛି। ଗତ ଦୁଇ ସପ୍ତାହ ମଧ୍ୟରେ ଆସାମ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ କର୍ନାଟକରେ ଡାକ୍ତରମାନଙ୍କ ଉପରେ ଆକ୍ରମଣ ହୋଇଛି। ଏହା ଅତି ନିନ୍ଦନୀୟ। ଆଗାମୀ ଦିନରେ ଆକ୍ରମଣ ଓ ଅଶୋଭନୀୟ ବ୍ୟବହାରରୁ ଡାକ୍ତରଙ୍କୁ ସୁରକ୍ଷା ଦେବା ପାଇଁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏଥିସହ ଆକ୍ରମଣ ପ୍ରତିବାଦରେ ଶୁକ୍ରବାର ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ସମ୍ପାଦନ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡା. ପାର୍ଥ ସିଂ, ଡା. ପାର୍ଥସାରଥି ସାହୁ, ଡା. ବ୍ରହ୍ମଜ୍ୟୋତି ଦାସ, ଡା. ସଞ୍ଜୟ ପାଣିଗ୍ରାହୀ, ଡା. ସୁଚିତ୍ରା ସାମଲ, ଡା. ରବିନ୍ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୧୮।୬(ଡି.ଏନ୍.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ଶୁକ୍ରବାର ସମ୍ପନ୍ନ ହୋଇଛି। ପ୍ରାତଃରୁ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟାଧୂପରେ ଶ୍ରୀଲିଙ୍ଗରାଜ ଓ ମା'ପାର୍ବତୀ ପାଲିଙ୍କିରେ ବିଜେ କରିଥିଲେ। ଠାକୁରାଣୀ ସନ୍ଧ୍ୟାଧୂପ ପରେ ଶ୍ରୀଜୀଉ ବାସୁଦେବ ମନ୍ଦିର ନିକଟ ବ୍ରହ୍ମାଘାଟକୁ ବିଜେ କରିଥିଲେ। ସ୍ନାନ, ବସ୍ତ୍ର ପରିଧାନ, ଚନ୍ଦନ ଲେପନ ପରେ ବାସୁଦେବ ମନ୍ଦିରକୁ ବିଜେ କରିଥିଲେ। ଦେବଦମ୍ପତିଙ୍କ ପଞ୍ଚ ଉପଚାରରେ ଭୋଗନୈବେଦ୍ୟ ପରେ ବସୁଦେବଙ୍କ ସହ ଭେଟ ଆଳତି କରାଯାଇଥିଲା। ପରେ ଭଉଣୀ ଘର କାମାକ୍ଷା ଦେବୀ ମନ୍ଦିରକୁ ଯାଇ ଭୋଗନୈବେଦ୍ୟ, ଭେଟ ଆଳତି ସରିବା ପରେ ଫେରିଥିଲେ। ମନ୍ଦିରରେ ଥିବା ବେହରଣ ମଣ୍ଡପରେ ଖଟୁଲିରେ ଦେବଦମ୍ପତି ବସିଥିଲେ। ପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶଙ୍କ ଦ୍ୱାରା ଚତୁର୍ଥୀ ହୋମ ସମାପନ କରାଯାଇଥିଲା।


**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**
Odishaର ପ୍ରତ୍ୟେକ ଅଞ୍ଚଳରୁ ପ୍ରାର୍ଥୀ / ପ୍ରାର୍ଥିନୀ ଆବଶ୍ୟକ।
ଯୋଗ୍ୟତା 10th/+2 above
ଦରମା - 7,000/- ରୁ 42,000/-
8895029591



**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ୪୨୭୦-ଜିଆରସି-ସିଭ-ସି-II-୦୮-୨୦୨୧, ତାରିଖ: ୧୮।୦୬।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଏନ୍)/II/, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ରାଉରକେଲା-ଝାରସୁଗୁଡ଼ା ୩ୟ ଲାଇନ୍: ଡେପୁଟି ସିଇ/ସିଏନ୍/ଝାରସୁଗୁଡ଼ା, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ଝାରସୁଗୁଡ଼ା ୟାର୍ଡ (କିମି ୫୧୬/୦୦)ରୁ ଇଏକ୍ସ. ସୋଗ୍ରା (କିମି ୪୫୭.୦୦) ମଧ୍ୟରେ ବଳକା ଏ.ଟି. ୱେଲ୍‌ଡିଂ କାର୍ଯ୍ୟ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ। **ଆନୁମାନିକ ମୂଲ୍ୟ:** ₹୯୭.୪୨ ଲକ୍ଷ। **ସମାପ୍ତି ଅବଧି:** ୬ ମାସ। **ବନ୍ଦ ହେବା ତାରିଖ:** ତା୧୨।୦୭।୨୦୨୧ରିଖ। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-125)



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆରଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୫-୨୧-୨୨, ତାରିଖ: ୦୨।୦୬।୨୦୨୧
**କାର୍ଯ୍ୟ:** ସିନିୟର ଡିଇଏନ୍/ଉତ୍ତର, ବିଳାସପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରୋବୋଟିକ୍ ପଦ୍ଧତି ଦ୍ୱାରା କ୍ରସିଂର ରିକଣ୍ଡିସନିଂ। **ଟେଣ୍ଡର ମୂଲ୍ୟ (ଟଙ୍କାରେ):** ₹୭୨,୦୩,୩୭୨.୦୦/-। **ଇଏମ୍‌ଡି (ଟଙ୍କାରେ):** ₹୦୦.୦୦/-। **ସମାପ୍ତି ଅବଧି:** ୧୨ ମାସ।
ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୮।୦୬।୨୦୨୧ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ୧୨।୦୭।୨୦୨୧, ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ବାବଦରେ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.)
CPR/10/59 ଏସ୍.ଇ.ସି. ରେଳପଥ/ବିଏସ୍‌ପି
South East Central Railway @Secrail



**ARMY INSTITUTE OF MANAGEMENT (AIMK)**
New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA offers 2-Year Full Time Residential MBA Programme with Specialisations in Marketing, HR, Finance, Business Analytics, MIS & Operations.

Admission for 2021-23 Session open to students from Army & Non-Army background.

MBA aspirants may appear in the upcoming JEMAT-2021 of MAKAUT for admission.
For further details of JEMAT-2021, please visit the link: https://cetmat.examflix.in/
Candidates with valid CAT-2020 score can also apply.

Complementary training for students aiming for commission in the Indian Armed Forces.

Contact us: 9051034040, 7980010533, 9477123072 | Email: admission_cell@aim.ac.in

THE AIMK ADVANTAGE

1. 24 years of academic excellence. 2. Affordability: best return on investment. 3. Brand new campus with state of the art facilities. 4. Army connect: leadership, management & control. 5. Near 100 percent placement. 6. Ranked B-School in India. 7. Reputed faculty with corporate and academic experience. 8. Cosmopolitan student profile.



**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ୍ ନଂ. ୦୬୭୪-୨୪୩୧୬୧୧, ୨୪୩୧୬୧୨

**ଧର୍ମପଦ ପୁରସ୍କାର ପାଇଁ ପ୍ରସ୍ତାବ ଆହ୍ୱାନ**
ଶେଷ ତାରିଖ: ୨୦ ଜୁଲାଇ ୨୦୨୧

ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଚଳିତବର୍ଷ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ରାଜ୍ୟର ବୟୋଜ୍ୟେଷ୍ଠ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଆବେଦନକାରୀ ଶିଳ୍ପୀଙ୍କର ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରସ୍ତାବକାରୀ ନିଜର ନାମ କିମ୍ବା ଅନ୍ୟ ଶିଳ୍ପୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ, ପ୍ରମାଣ ପତ୍ର ସହ ଆସନ୍ତା ତା୨୦।୦୭।୨୦୨୧ରିଖ ମଧ୍ୟରେ ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪ କିମ୍ବା E-mail: **odishalka1962@gmail.com** ଜରିଆରେ ପଠାଇବାକୁ ଅନୁରୋଧ କରାଯାଉଛି। ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଏକାଡେମୀ ଦ୍ୱାରା ଗ୍ରହଣୀୟ ହେବ ନାହିଁ।

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ


# ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା କରାଯାଉ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

କଟକ ଅଫିସ, ୧୮।୬

କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ପାଇଁ ଅନୁମତି ଦେବା ଲାଗି ଶୁକ୍ରବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ମନ୍ଦିରର ସେବାୟତ ରଞ୍ଜନ କୁମାର ସୁଆର ଏବଂ ଅନ୍ୟ ୪ଜଣ ସେବାୟତ ଏହି ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, କୋଭିଡ୍ କଟକଣା ସହ ପୁରୀ ଢାଞ୍ଚାରେ କେନ୍ଦ୍ରାପଡ଼ାରେ ରଥଯାତ୍ରା କରିବାକୁ ଅନୁମତି ଦେବାପାଇଁ ହାଇକୋର୍ଟରେ ମାମଲା ଦାଏର କରାଯାଇଛି। ପୁରୀରେ ରଥଯାତ୍ରା ପାଇଁ ଅନୁମତି ଦିଆଯାଇଥିବାବେଳେ ଅନ୍ୟ ମନ୍ଦିରକୁ ଅଣଦେଖା କରାଯାଉଥିବା ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ୫ ଶହ ସେବାୟତଙ୍କୁ ନେଇ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ପାଇଁ ଅନୁମତି ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ବୋମାମାଡ଼ କରିଥିବା ଅଭିଯୁକ୍ତ ଗିରଫ

ବାଲିଅନ୍ତା,୧୮।୬(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର-କୂଳସାହି ରାସ୍ତାରେ ମଙ୍ଗଳବାର ରାତି ୧୦ଟାରେ ଧାନ ବ୍ୟବସାୟୀ ସଦାଶିବ ମିଶ୍ରଙ୍କ ଉପରକୁ ବୋମାମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ପ୍ରତାପରୁଦ୍ରପୁର ଗ୍ରାମର ଲକ୍ଷ୍ମୀଧର ନନ୍ଦ। ଏହି ଘଟଣାରେ ଫେରାର ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏହାସହ ଏକ ଗାଡ଼ିକୁ ଜବତ କରିଛି।

# ଆଇଏମ୍‌ଏମ୍‌ଟିରେ ଇ-ୱାର୍କଶପ୍

ଭୁବନେଶ୍ୱର,୧୮।୬

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି(ଆଇଏମ୍‌ଏମ୍‌ଟି) ପକ୍ଷରୁ ଇ-ୱାର୍କଶପ୍ ଭର୍ଚୁଆଲ ଭାବେ ଶୁଭାରମ୍ଭ ହୋଇଛି। ଇନୋଭେଶନ ଏବଂ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟିର ବିଭିନ୍ନ ଦିଗ ଉପରେ ଏନ୍‌ସିଏଲ୍ ଇନୋଭେଶନର ଚିଫ୍ ସାଇଣ୍ଟିଷ୍ଟ ଡ. ପ୍ରନଥ ଭେନୁଗୋପାଲନ ଏଠାରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ଟିକାଲ ଏକ୍ସପେରିଏନ୍ସ, କେସ୍ ଷ୍ଟଡି, ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ସମ୍ପର୍କିତ ଟ୍ରେନିଂ ସହ ଅନେକ ସେସନ ରହିଛି। ଆଇପିଆର୍ ଫାର୍ମ, ଏକାଡେମି, ସାଇଣ୍ଟିଫିକ ଏବଂ ଇଣ୍ଡିଆନ ପ୍ୟାଟେଣ୍ଟ ଆଦିରୁ ୨୨ ଜଣ ବିଶେଷଜ୍ଞ ଆଇପି ଇକୋସିଷ୍ଟମର ବିଭିନ୍ନ ଦିଗ ଉପରେ ଏଠାରେ ଆଲୋଚନା କରିବେ। ଏଭଳି କାର୍ଯ୍ୟକ୍ରମ ଫଳରେ ଶିକ୍ଷାନୁଷ୍ଠାନ, ରିସର୍ଚ୍ଚ, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ସହ ବିଭିନ୍ନ ସଂସ୍ଥାର ବ୍ୟକ୍ତି ବିଶେଷ ଲାଭବାନ ହୋଇପାରିବେ ବୋଲି ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଏସ୍.ବାସୁ କହିଛନ୍ତି। ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ଇନ୍‌କ୍ୟୁବେଶନ ସେଣ୍ଟର ଇନ୍‌ଟେକ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଇନ୍‌ଟେକ୍‌ର ସିଇଓ ଡ.ଅଶୋକ ସାହୁ, ପିଏମ୍‌ଇ ହେଡ୍ ଡ.ଏସ୍. ଜେନା ଏବଂ ସିନିୟର ସାଇଣ୍ଟିଷ୍ଟ ପବନ କୁମାରଙ୍କ ସହ ବିଭିନ୍ନ କ୍ଷେତ୍ରରୁ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥିଲେ।

# ମୂର୍ତ୍ତି ପ୍ରତିଷ୍ଠା, ରକ୍ଷଣାବେକ୍ଷଣ ପାଇଁ ନୀତି ପ୍ରଣୟନ ଦାବି

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

ବରପୁତ୍ରଙ୍କ ପ୍ରତିମୂର୍ତ୍ତି ହେଉ କିମ୍ବା ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ପ୍ରତୀକ ହେଉ, ଏହାର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟରେ ସ୍ୱଷ୍ଟ ନୀତି ରହିବା ଆବଶ୍ୟକ। ଏହି ନୀତି ପ୍ରଣୟନ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଗତ ୨୦୦୭ରୁ ଦାବି ହୋଇ ଆସୁଛି। ବରପୁତ୍ର କିମ୍ବା ଭାସ୍କର୍ଯ୍ୟର ପ୍ରତିମୂର୍ତ୍ତି କେବେ ଓ କେଉଁଠାରେ ପ୍ରତିଷ୍ଠା ହେବ, ଏହାର ରକ୍ଷଣାବେକ୍ଷଣ କିଏ କରିବେ, ସ୍ଥାନାନ୍ତର ପାଇଁ ଆବଶ୍ୟକ ହେଲେ କେମିତି ନିଷ୍ପତ୍ତି ନିଆଯିବ ଓ ବରପୁତ୍ରଙ୍କୁ ସମ୍ମାନ ଜଣାଇବା ପାଇଁ କେଉଁ କେଉଁ ଦିନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଓ ତାହା କିଏ କରିବେ ଏ ସମସ୍ତ ବିଷୟ ଏହି ନୀତିରେ ସ୍ୱଷ୍ଟ ଭାବେ ରହିବା ଆବଶ୍ୟକ ବୋଲି ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି। ୨୦୦୦ ମସିହା ପୂର୍ବରୁ ରାଜଧାନୀରେ କେତେଜଣ ଜାତୀୟ ବରପୁତ୍ରଙ୍କ ସହିତ ଜଣେ ଦୁଇଜଣ ଓଡ଼ିଆ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଥିଲା। ମାତ୍ର ଏବେ ଭୁବନେଶ୍ୱରରେ ଶହେରୁ ଅଧିକ ପ୍ରତିମୂର୍ତ୍ତି ସହିତ ରାଜ୍ୟରେ ହଜାରେରୁ ଅଧିକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇ ସାରିଲାଣି। ଏଣୁ ରାଜ୍ୟରେ ପ୍ରତିମୂର୍ତ୍ତି ପାଇଁ ପ୍ରଥମେ ନୀତି ନିର୍ଦ୍ଧାରଣ ହେଉ ଓ ପରେ ପ୍ରତିଷ୍ଠା କିମ୍ବା ସ୍ଥାନାନ୍ତର କରାଯାଉ। ସେହିଭଳି ମାଷ୍ଟରକ୍ୟାଣ୍ଟିନ ଛକରୁ ଐତିହ୍ୟ ଘୋଡା ମୂର୍ତ୍ତି ପାଇଁ ନୀତି ନିର୍ଦ୍ଧାରଣ ପରେ ନିଷ୍ପତ୍ତି ନିଆଯାଉ ବୋଲି ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି ।


**क्षेत्रिय शिक्षा संस्थान, भुवनेश्वर**
**REGIONAL INSTITUTE OF EDUCATION, BHUBANESWAR**
(राष्ट्रिय शैखिक अनुसंधान और प्रशिक्षण परिषद्)
(National Council of Educational Research & Training)
Sachivalaya Marg, Bhubaneswar-751022

**ADMISSION NOTICE 2021-22**

Advt. No: 399 Dated: 31.05.2021

The Regional Institute of Education, NCERT, Bhubaneswar will offer the following programmes/ courses for the academic session 2021-22.

(1)B.Sc., B.Ed.(Four year)
(2)B.A, B.Ed. (Four year)
(3)B.Ed. (Two year)
(4)M.Ed.(Two year)
(5)M.Phil. in Education

For admission to above programmes / courses except M.Phil in Education, online applications are invited from eligible applicants to appear in common Entrance Examination (CEE). Regional Institute of Education (RIE), Bhopal is the Nodal Centre for CEE-2021. The online application/registration of the candidates for various programmes will be done through **https://www.cee.ncert.gov.in**. The process of application/registration of CEE-2021 is open from **20.05.2021** and the last date of application / registration is **30.06.2021**. For any query, please contact CEE-2021 Helpdesk phone numbers 0755-20661467/ 07552661468 or the e-mail ID. **cee2021help@gmail.com** of RIE, Bhopal.
For admission to M.Phil. in Education, a separate Notice will be issued by this Institute / Utkal University.

**PRINCIPAL**



**OFFICE OF THE REGULATED MARKET COMMITTEE, BHANJANAGAR**
**Dist.- GANJAM, Pin-761126**
**"e" Procurement Notice**
**Bid Identification No. RMC- BHANJANAGAR-01/2021-22**
**TCN No. 403 Dt.18.06.2021**

The Sub-Collector, Bhanjanagar-cum-Chairman, R.M.C., BHANJANAGAR - invites percentage rate bids in Single & Double cover system (TECHNICAL BID & PRICE BID) in online mode for the work in the table below from the eligible contractors as follows:

| Sl. No. | Name of the work | Approximate value of work (Rs.) | EMD @ 1% Rs. (Approx.) Online | Cost of tender paper Rs. (Online) | Class of contractor | Period of completion | Cover System |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| i | Cluster-I: Construction of Model Mandi at Tanarada Market yard under RMC, Bhanjanagar | 2,62,91,959.00 | NA (Bid Security Declaration) | 10,000.00 | 'A' & 'B' | 10 (Ten) calendar months | Double cover |
| ii | Cluster-II: Construction of agri-market infrastructure at Buguda MY, RMC, Bhanjanagar | 90,78,927.00 | NA (Bid Security Declaration) | 10,000.00 | 'A' & 'B' | 10 (Ten) calendar months | Double cover |
| iii | Cluster-III: Construction of agri-market infrastructure at Sheragada MY, RMC, Bhanjanagar | 48,84,014.00 | NA (Bid Security Declaration) | 10,000.00 | 'A' & 'B' | 8 (Eight) calendar months | Single cover |

1. Date & time of availability of bid documents in the portal: From 05.00 P.M. of 22.06.2021 to 05.00 P.M. of 08.07.2021.
2. Last date/time of receipt of bids in the portal: 05.00 P.M. of 08.07.2021.
3. Date & time of opening of technical bids: 11.00 A.M. of 15.07.2021.
4. Further details can be seen from the e-procurement portal https://tenderodisha.gov.in.
5. Any addendum / corrigendum / cancellation of tender can also be seen in the said website only.

Sd./- Sub Collector, Bhanjanagar cum Chairman
RMC, Bhanjanagar

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। -ଶ୍ରୀଅରବିନ୍ଦ

# ବଡ଼ ଝଟକା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏୟାର ଇଣ୍ଡିଆର ପୁଞ୍ଜିପ୍ରତ୍ୟାହାର ବା ଘରୋଇକରଣ ପ୍ରକ୍ରିୟା ଅଟକି ରହିଛି। କୋଭିଡ୍ ମହାମାରୀ ଏହାକୁ ଆହୁରି ବିଳମ୍ବ ବି କରିଦେଇଛି। ଜଟିଳ ପରିସ୍ଥିତିରେ ଥିବା ଏୟାର ଇଣ୍ଡିଆକୁ କିଣିବାକୁ ଚାହୁଁଥିବା ଲୋକଙ୍କ ଅଭାବ ନ ଥିବାବେଳେ,ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବାବୁମାନେ ଏବେ ଏକ ନୂଆ ଝଟ୍‌କା ବା ବାଧାର ସମ୍ମୁଖୀନ ହୋଇଛନ୍ତି। କେୟର୍ନ ଏନର୍ଜୀ ଦ୍ୱାରା ଏୟାର୍ ଇଣ୍ଡିଆର ସମ୍ପତ୍ତି ଜବତ ହେବାର ସମ୍ଭାବନା ରହିଥିବାରୁ ଏହି ପରିସ୍ଥିତି ଉପୁଜିଛି। ଇଣ୍ଟର୍‌ନ୍ୟାଶନାଲ ଆର୍ବିଟ୍ରେସନ ଟ୍ରିବ୍ୟୁନାଲରେ କମ୍ପାନୀ ବିରୋଧରେ ଭାରତ ଟିକସ ବିବାଦ ମାମଲାରେ ହାରିବା ପରେ ଏହି ପରିସ୍ଥିତି ଦେଖାଦେଇଛି। ବାସ୍ତବରେ ଏହାକୁ ନେଇ ଏବେ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା ଏହାକୁ କିଭଳି ସମ୍ପାଦନ କରିବେ ତାହାକୁ ନେଇ ତାଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୋଇଯାଇଛି। କାରଣ ସରକାର ଏୟାର ଇଣ୍ଡିଆର ଅଂଶଧନ ବିକ୍ରି କିମ୍ବା ଏହାର ସମ୍ପତ୍ତିର ମୂଲ୍ୟାଙ୍କନ କାର୍ଯ୍ୟ ଶେଷ କରିବା ପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ଏଯାବତ ବହୁତ କିଛି କରିବାକୁ ବି ବାକି ରହିଛି। କେୟର୍ନ ସହ କେସ୍ ହାରିବା ଏକ ବଡ଼ ଝଟକା। ଏହା ମଧ୍ୟ ମୋଦି ସରକାରର ଭାବମୂର୍ତ୍ତି ନଷ୍ଟ କରିଛି। ତେବେ କେନ୍ଦ୍ର କହୁଛି,ଏୟାର ଲାଇନର ସମ୍ପତ୍ତି ନେବାକୁ କେୟର୍ନ ଦ୍ୱାରା କରାଯାଉଥିବା ଯେ କୌଣସି ଉଦ୍ୟମକୁ ପ୍ରତିବାଦ କରିବ । ବାସ୍ତବରେ ସରକାର ଟ୍ରିବ୍ୟୁନାଲର ରାୟକୁ ଚ୍ୟାଲେଞ୍ଜ କରିଛନ୍ତି। କିନ୍ତୁ ମାମଲା ସମାଧାନ ନ ହେବା ଏବଂ ରାୟ ଭାରତ ସପକ୍ଷରେ ନ ଆସିବା ପର୍ଯ୍ୟନ୍ତ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ଖରୋଲା ଏବଂ ତାଙ୍କ ସାଥୀମାନେ ଆରାମରେ ବସି ପାରିବେ ନାହିଁ। ତେବେ ଏହି ନୂଆ ନ୍ୟାୟିକ ବିପଦକୁ ଟାଳିବା ବା ସମାଧାନ କରିବା ପାଇଁ ବେସାମରିକ ବିମାନ ଚଳାଚଳ ବାବୁମାନେ ସେମାନଙ୍କ ମନ୍ତ୍ରଣାଳୟ ଏବଂ ଆଇନ ମନ୍ତ୍ରଣାଳୟ ମଧ୍ୟରେ ଧାଁଧପଡ଼ କରୁଛନ୍ତି। ଏହା କାହାଣୀ ଆଉ କିଛି ଦିନ ଲମ୍ବି ପାରେ।

### ୟୁପି ମନସ୍କ ଭାଜପା

ପୂର୍ବତନ ଉତ୍ତରପ୍ରଦେଶ(ୟୁପି) ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେଙ୍କୁ ଭାରତର ନୂଆ ନିର୍ବାଚନ କମିଶନର ଭାବେ ଆଶ୍ଚର୍ଯ୍ୟଜନକ ଢଙ୍ଗରେ ସରକାର ନିଯୁକ୍ତ କରିଛନ୍ତି। ଏହାକୁ ନେଇ ଦୁଇ ଭାଜପା ଶାସିତ ରାଜ୍ୟରେ ଅବସର ନେବାକୁ ଥିବା ବରିଷ୍ଠ ବାବୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ବାବୁଙ୍କ ମଧ୍ୟରେ ଝଗଡ଼ା ପଦାକୁ ଆସିବା ପୂର୍ବରୁ ଦିଲ୍ଲୀରେ ସ୍ପଷ୍ଟତଃ ଏହି କାର୍ଯ୍ୟ ହୋଇଥିଲା। ଅନେକେ ପାଣ୍ଡେଙ୍କ ନିଯୁକ୍ତିକୁ ଭିନ୍ନ ଦୃଷ୍ଟିରେ ବିଚାର କରୁଛନ୍ତି। ଉତ୍ତରପ୍ରଦେଶରେ ପୁଣି କ୍ଷମତା ହାସଲ କରିବା ଉପରେ ଧ୍ୟାନ ଦେଇ ଆଗାମୀ ବିଧାନସଭା ନିର୍ବାଚନକୁ ଦିଲ୍ଲୀରୁ ନିୟନ୍ତ୍ରଣ କରିବାକୁ ଏହି ନିଯୁକ୍ତି ଏକ ପ୍ରାରମ୍ଭିକ ପଦକ୍ଷେପ ବୋଲି ସେମାନେ କହୁଛନ୍ତି। ନିର୍ବାଚନ କମିଟିରେ ସୁଶୀଲ ଚନ୍ଦ୍ରା ଏବଂ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ସହ ପାଣ୍ଡେ ଯୋଗ ଦେଇଛନ୍ତି। ପାଣ୍ଡେଙ୍କ ନିଯୁକ୍ତିକୁ ନେଇ ତାଙ୍କ ପୃଷ୍ଠଭୂମି ଉପରେ ଉଠୁଥିବା ପ୍ରଶ୍ନଗୁଡ଼ିକରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତିନି ନିର୍ବାଚନ କମିଶନର ହେଉଛନ୍ତି ଉତ୍ତରପ୍ରଦେଶର। ଏବକାର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ଉତ୍ତରପ୍ରଦେଶର ରାଜସ୍ୱ ବିଭାଗରେ ବହୁଦିନ ଧରି କାର୍ଯ୍ୟ କରିଥିଲେ। ନିର୍ବାଚନ କମିଶନର ରାଜୀବ କୁମାର ଥିଲେ ରାଜ୍ୟର ପୂର୍ବତନ ଅର୍ଥ ସଚିବ। ପାଣ୍ଡେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧୀନରେ ୨୦୧୯ ଯାଏ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ରାଜ୍ୟର ଶିଳ୍ପ ବିକାଶ କମିଶନର ରହିଥିଲେ। ନିର୍ବାଚନ ପାଖେଇ ଆସୁଥବାରୁ ଉତ୍ତରପ୍ରଦେଶ ଓ ଆଖପାଖରେ ଅଧିକ ବାବୁଙ୍କର ଆଶ୍ଚର୍ଯ୍ୟଜନକ ନିଯୁକ୍ତି ଦେଖିବାକୁ ପ୍ରସ୍ତୁତ ରୁହ।

### ବାବୁ ସଙ୍କଟ

ମୋଦି ସରକାରରେ ଏବେ ବାବୁଙ୍କ ସଙ୍କଟ ଦେଖାଦେଇଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସଚିବ ଦୀପକ ଖାଣ୍ଡେକର ତାଙ୍କର ସଂଖ୍ୟାଧିକ ଅଧିକାରୀମାନଙ୍କୁ ସୂଚିତ କରିଛନ୍ତି ଯେ, କେନ୍ଦ୍ରରେ ଅଧିକ ବାବୁଙ୍କୁ ପ୍ରତିନିଯୁକ୍ତି ପାଇଁ ପଠାଇବାକୁ ରାଜ୍ୟଗୁଡ଼ିକୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କେହି କିଛି ପଦକ୍ଷେପ ନେଉନାହାନ୍ତି କି କେହି ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଡେପୁଟି ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ସଚିବ ସ୍ତରୀୟ ପଦବୀରେ ଅଧିକ ଅଧିକାରୀଙ୍କୁ ପ୍ରତିନିଯୁକ୍ତି ଦେବାକୁ ଡିଓପିଟି କହିଛି। ତେବେ ଅଧିକାଂଶ ରାଜ୍ୟ କହିଛନ୍ତି ଯେ, ସେମାନେ କମ୍ ଅଧିକାରୀଙ୍କୁ ନେଇ କାମ କରୁଛନ୍ତି। ଫଳରେ ଅନେକ ରାଜ୍ୟରେ ବରିଷ୍ଠ ଅଧିକାରୀମାନେ ବହୁ ପଦ ଭାର ସମ୍ଭାଳୁଛନ୍ତି; ଯଦିଓ ଏବେ କର୍ଣ୍ଣାଟକ ଏବଂ ହିମାଚଳପ୍ରଦେଶ ସାହାଯ୍ୟ କରିବା ପାଇଁ କଥା ଦେଇଛନ୍ତି। ମାସ ମାସ ଧରି ଏ ବାବଦରେ ବାରମ୍ବାର ଆଲୋଚନା ଚାଲି ଆସୁଥିଲେ ବି ଏବେ କେନ୍ଦ୍ରକୁ ରାଜ୍ୟମାନଙ୍କର ପ୍ରତିକ୍ରିୟା ଯାହା ମିଳିଛି ତାହା ଅତ୍ୟନ୍ତ ନିରୁତ୍ସାହଜନକ। ସୂତ୍ରରୁ ଜଣାପଡ଼ିଛି ଯେ, ଗତ ସପ୍ତାହରେ ଡିଓପିଟି ପୁଣି ରାଜ୍ୟଗୁଡ଼ିକୁ ଅନୁରୋଧ କରିଛି। ସେମାନେ କେନ୍ଦ୍ରର ଅନୁରୋଧ ଉପରେ ଉଚିତ୍ ପ୍ରତିକ୍ରିୟା ଜଣାଉ ନ ଥିବାରୁ ଏହା କେନ୍ଦ୍ର ପାଇଁ ଏକ କ୍ୟାଡର ପରିଚାଳନା ସମସ୍ୟା ସୃଷ୍ଟି କରୁଛି। ଏହି ଘଟଣା ଉପରେ ରାଜ୍ୟଗୁଡ଼ିକୁ ମୋଦି ସରକାରଙ୍କ ଏବକାର ଚିଠି ଏକ ନୂଆ ସତର୍କ ସୂଚନା ବୋଲି ଜଣାପଡ଼ିଛି। ଡିଓପିଟିର ଏହି ଚିଠିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଯେଉଁ ରାଜ୍ୟ ସେମାନଙ୍କ କ୍ୟାଡରରୁ ବିଭିନ୍ନ ସେଣ୍ଟ୍ରାଲ ଷ୍ଟାଫିଂ ସ୍କିମ୍ ପାଇଁ ପର୍ଯ୍ୟାପ୍ତ ନୋମିନେଶନ ପଠାଇନାହାନ୍ତି ସେମାନଙ୍କୁ ଭବିଷ୍ୟତରେ କମ୍ ଅତିରିକ୍ତ ବରିଷ୍ଠ ଡେପୁଟି ପୋଷ୍ଟ ପାଇଁ ବୁଝାମଣା କରିବାକୁ ପଡ଼ିବ। ରାଜ୍ୟଗୁଡ଼ିକୁ ଏହା ଉପରେ ଗୁରୁତ୍ୱ ଦେବେ ତ?

Email: dilipcherian@gmail.com

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | 2 | | | 1 |
| | | | 6 | | 3 | | | |
| | | 8 | 4 | | | | | |
| 8 | 9 | 2 | | | 4 | | | |
| | 4 | | | | 6 | | 8 | |
| | | | | | 7 | 2 | | |
| | 8 | 7 | | | | 9 | | |
| | | | 9 | 3 | | | 7 | |
| 3 | | | | | | 5 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 9 | 5 | 8 | 6 | 4 | 2 |
| 5 | 8 | 4 | 2 | 6 | 1 | 7 | 3 | 9 |
| 2 | 9 | 6 | 4 | 7 | 3 | 5 | 8 | 1 |
| 9 | 2 | 8 | 7 | 3 | 5 | 1 | 6 | 4 |
| 6 | 3 | 7 | 1 | 2 | 4 | 9 | 5 | 8 |
| 1 | 4 | 5 | 8 | 9 | 6 | 3 | 2 | 7 |
| 7 | 5 | 9 | 3 | 8 | 2 | 4 | 1 | 6 |
| 8 | 1 | 3 | 6 | 4 | 7 | 2 | 9 | 5 |
| 4 | 6 | 2 | 5 | 1 | 9 | 8 | 7 | 3 |

ଗତକାଲିର ଉତ୍ତର

# ବାକ୍ ସ୍ୱାଧୀନତା ବନାମ ମିଥ୍ୟା ଖବର



ଅନିଲ କୁମାର ବିଶ୍ୱାଳ

କୋଭିଡ୍‌ର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ, କୋଭିଡ୍ ସମ୍ବନ୍ଧିତ ଖବରଗୁଡ଼ିକୁ ଛାଡ଼ିଦେଲେ ଆଉ ଯେଉଁ ଅଳ୍ପ କେତୋଟି ପ୍ରସଙ୍ଗ ଦେଶର ଜନମାନସକୁ ବିଶେଷ ପ୍ରଭାବିତ କରିଛି, ଏହାକୁ ନେଇ ସାଧାରଣରେ ବିତର୍କ ତିଆରି ହୋଇଛି। ସେଥିରୁ ଗୋଟିଏ ହେଲା ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟୁଇଟର ସହିତ ସରକାରଙ୍କର ବିବାଦ। ବାସ୍ତବରେ ଏହି ବିବାଦ କେବଳ ଏକ ଘରୋଇ ବ୍ୟବସାୟ ପ୍ରତିଷ୍ଠାନ ସହିତ ସରକାରଙ୍କର ବିବାଦ ବୋଲି କୁହାଯାଇ ଏହାକୁ ସୀମିତ କରାଯାଇପାରିବ ନାହିଁ କାରଣ ଏହି ବିବାଦ ଏବେ ଦେଶର ରାଜନୀତି ପାଣିପାଗକୁ ଗରମ କରିବା ସହିତ ମାମଲା ହାଇକୋର୍ଟକୁ ଗଲାଣି। ଏହି ନୂଆ ଆଇଟି ନିୟମକୁ ନେଇ ଟୁଇଟର ଓ କେନ୍ଦ୍ର ସରକାରଙ୍କ ଭିତରେ ଚାଲିଥିବା ବିବାଦ ଦିନକୁ ଦିନ ଆଗକୁ ବଢୁଛି। ଟୁଇଟର ବାକ୍ ସ୍ୱାଧୀନତାର ସୁରକ୍ଷା କଥା କହୁଥିବା ବେଳେ କେନ୍ଦ୍ର ସରକାର ମିଥ୍ୟା ଖବର ରୋକିବା କଥା କହୁଛନ୍ତି। ଦୁଇଟି ଯାକ ପ୍ରସଙ୍ଗ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅତିବ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ବିବିଧତା ସମ୍ପନ୍ନ ଦେଶରେ ଏହା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ। ବାକ୍ ସ୍ୱାଧୀନତାରେ ରୋକ୍ ଲାଗିଗଲେ ବା ସେଭଳି ପ୍ଲାଟଫର୍ମଗୁଡ଼ିକ ଉପରେ ଅଙ୍କୁଶ ଲାଗିଗଲେ ଲୋକମାନଙ୍କର ସ୍ୱର ଦୁର୍ବଳ ହୋଇଯିବ, ଶାସନତନ୍ତ୍ର ସ୍ୱେଚ୍ଛାଚାରୀ ହୋଇଯିବ। ସେହିପରି ମିଥ୍ୟା ଖବରର ପ୍ରଚାର ମଧ୍ୟ ଦେଶର ଜନଜୀବନର କ୍ଷତି କରିପାରେ। ଆଗରୁ ହୋଇଥିବା ଅନେକ ଦଙ୍ଗା ପଛରେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ମିଥ୍ୟା ଖବର ପ୍ରମୁଖ କାରଣ ପାଲଟିଛି। ବିବାଦର କାରଣ ହେଉଛି ଫେବୃୟାରୀ ୨୫ରେ ସରକାର ଆଣିଥିବା ନୂଆ ଆଇଟି ନିୟମ ଅନୁସାରେ ଯେଉଁ ସାମାଜିକ ଗଣମାଧ୍ୟମଗୁଡ଼ିକର ୫୦ ଲକ୍ଷରୁ ଅଧିକ ବ୍ୟବହାରକାରୀ ଅଛନ୍ତି ସେମାନେ ଭାରତରେ ଅଭିଯୋଗ ଗ୍ରହଣ କରିବା ଓ ଅଧିକାରୀ ନିଯୁକ୍ତ କରିବା ପାଇଁ ବାଧ୍ୟ; ଯାହାକୁ ଫେସ୍‌ବୁକ, ହ୍ୱାଟ୍‌ସଆପ, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମଗୁଡ଼ିକ ମାନିସାରିଥିବା ବେଳେ କେବଳ ଟୁଇଟର ମାନିନାହିଁ। ବାସ୍ତବରେ ଉଭୟ ଦିଗରୁ ଦେଖିଲେ ଜଣେ ବାକ୍ ସ୍ୱାଧୀନତାର ଆଳ ଦେଖାଇ ମିଥ୍ୟା ଖବର ପ୍ରସାରଣରେ ରୋକ୍ ଲଗାଇବା ପାଇଁ ବହୁତ ଗୁରୁତ୍ୱର ସହିତ ଚାହୁଁନାହିଁ, ଆଉ ଜଣେ ମିଥ୍ୟା ଖବରକୁ ବନ୍ଦ କରିବା ପାଇଁ ଚାହୁଁଛି କିନ୍ତୁ ବାକ୍ ସ୍ୱାଧୀନତାକୁ ସେତେ ଗୁରୁତ୍ୱର ସହିତ ନେଉ ନାହିଁ। ବିବାଦ ଏହି ଦୁଇଟି ସ୍ପର୍ଶକାତର ବିଷୟରେ ଅଟକି ଯାଇଛି।

ଅଭିବ୍ୟକ୍ତିର ସ୍ୱାଧୀନତାକୁ ସମ୍ବିଧାନରେ ମୌଳିକ ଅଧିକାରର ମାନ୍ୟତା ଦିଆଯାଇଛି। ହେଲେ ବି ଏହା ଆଇନର ଗଣ୍ଡି ଭିତରେ ବନ୍ଧା। ବାକ୍ ସ୍ୱାଧୀନତା ଆଳରେ କେହି ମିଥ୍ୟା ଖବର ପ୍ରସାରଣ କରିପାରିବେ ନାହିଁ କି କାହାକୁ ମିଛରେ ଆକ୍ଷେପ କରିପାରିବେ ନାହିଁ । କାହାକୁ ସମାଲୋଚନା କଲା ବେଳେ ସମାଲୋଚିତ ହେଉଥିବା ବ୍ୟକ୍ତି ବା ଅନୁଷ୍ଠାନର ସାମ୍ବିଧାନିକ ଅଧିକାର ପ୍ରତି ଧ୍ୟାନ ଦେବାକୁ ହେବ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଜିର ଟେକ୍ନୋଲୋଜି ଯୁଗରେ ସାମାଜିକ ଗଣମାଧ୍ୟମ ଅଭିବ୍ୟକ୍ତିର ସ୍ୱାଧୀନତାରେ ନୂଆ ସ୍ୱରୂପ ପାଲଟିଛି। ଆଗରୁ ଗଣମାଧ୍ୟମ ଏହି କାମକୁ କରୁଥିଲା। ଗଣମାଧ୍ୟମକୁ ଲୋକେ ଖାଲି ପଢ଼ିଲେ, ଶୁଣିଲେ, ହେଲେ ପ୍ରତିକ୍ରିୟା ଦେଇପାରିଲେ ନାହିଁ। ସାଧାରଣ ଲୋକଟିର ପ୍ରତିକ୍ରିୟାକୁ ଯେତେବେଳେ ପାରମ୍ପରିକ ଗଣମାଧ୍ୟମ ସାଉଁଟି ପାରିଲାନି ସେତେବେଳେ ଯେଉଁ ଶୂନ୍ୟସ୍ଥାନ ତିଆରି ହେଲା ତାକୁ ପୂରଣ କରିଲା ସାମାଜିକ ଗଣମାଧ୍ୟମ। ପରେ ସାମାଜିକ ଗଣମାଧ୍ୟମଗୁଡ଼ିକର ରାଜନୈତିକ ରୁଚି ବଢ଼ିଥିଲା। ଉଦାହରଣ ସ୍ୱରୂପ ଗତ ଆମେରିକା ନିର୍ବାଚନରେ ଟୁଇଟର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍‌ଡ ଟ୍ରମ୍ପ ଓ ତାଙ୍କ ସମର୍ଥକମାନଙ୍କ ଆକାଉଣ୍ଟଗୁଡ଼ିକୁ ପ୍ରତିବନ୍ଧିତ କରିଥିଲା। ଖାଲି ଆମେରିକା ନୁହେଁ ବରଂ ୨୦୧୭ରେ ଜର୍ମାନୀ ନିର୍ବାଚନ, ୨୦୧୯ରେ ବ୍ରିଟିଶ ନିର୍ବାଚନରେ ଟୁଇଟରର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଥିଲା। ମଧ୍ୟପ୍ରାଚ୍ୟରେ ଚାଲିଥିବା 'ଆରବ ସ୍ପ୍ରିଙ୍ଗ' ଆନ୍ଦୋଳନ ପଛରେ ଫେସ୍‌ବୁକ ଓ ଟୁଇଟରର ପ୍ରଚ୍ଛନ୍ନ ହାତ ରହିଥିବା ପ୍ରଭାବିତ ହୋଇଥିବା ଦେଶର ସରକାରଗୁଡ଼ିକ ଅଭିଯୋଗ କରିଥିଲେ। ସେହିପରି ଅତୀତରେ ବିଭିନ୍ନ ସମୟରେ ଦେଖାଯାଇଛି ଯେ, ନିର୍ବାଚିତ ସରକାରଗୁଡ଼ିକ ସରକାରଙ୍କୁ ଭଲ ଲାଗୁ ନ ଥିବା ଖବରକୁ ବରଦାସ୍ତ କରିବା ମାନସିକତାରେ ନାହାନ୍ତି। ସରକାରଙ୍କୁ ଅଡୁଆରେ ପକାଇଲା ଭଳି ଖବର ବା ମତକୁ ସରକାର ଆଇନର ଅପପ୍ରୟୋଗ ମାଧ୍ୟମରେ ଚାପି ଦେବା ପାଇଁ ଚାହାନ୍ତି। ଏମିତି ଅନେକ ଥର ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ବାକ୍ ସ୍ୱାଧୀନତାର ସୁରକ୍ଷା ପାଇଁ ଅଦାଲତକୁ ହସ୍ତକ୍ଷେପ କରିବାକୁ ପଡ଼ିଛି।

ବାହାରକୁ ସାମାଜିକ ଗଣମାଧ୍ୟମ ସାଧାରଣ ଲୋକଙ୍କ ପାଇଁ ଏକ ଖୋଲା ପ୍ଲାଟଫର୍ମ ଭଳି ଲାଗେ କିନ୍ତୁ ବାସ୍ତବରେ ଏଠାରେ ମଧ୍ୟ ସବୁକିଛି ସେନ୍‌ସର ହୋଇପାରେ। କେଉଁ ଲେଖା ପ୍ଲାଟଫର୍ମରେ ରହିବ, କେଉଁଟି ପ୍ରତିବନ୍ଧିତ ହୋଇରହିବ, କେଉଁଟି ସମ୍ପୂର୍ଣ୍ଣ ପ୍ରତିବନ୍ଧିତ ହେବ ଏସବୁ ଲୋକମାନେ ନିୟନ୍ତ୍ରଣ କରନ୍ତି ନାହିଁ କି ସମ୍ପୃକ୍ତ ଦେଶର ଆଇନ ନିୟନ୍ତ୍ରଣ କରେ ନାହିଁ ବରଂ ସମ୍ପୃକ୍ତ ପ୍ଲାଟଫର୍ମଗୁଡ଼ିକ ନିୟନ୍ତ୍ରଣ କରନ୍ତି। ଆଜିର ଦିନରେ ବହୁତ ପ୍ରସଙ୍ଗରେ ଚର୍ଚ୍ଚାର ଦିଗକୁ ସାଧାରଣ ବ୍ୟବହାରକାରୀମାନେ ନୁହନ୍ତି ବରଂ ଅନେକାଂଶରେ ସାମାଜିକ ଗଣମାଧ୍ୟମଗୁଡ଼ିକ ମଧ୍ୟ ନିଜେ ନିୟନ୍ତ୍ରଣ କରିପାରନ୍ତି। ଟୁଇଟର ହେଉ ବା ହ୍ୱାଟ୍‌ସଆପ ହେଉ ଏମାନେ ସବୁ ହେଉଛନ୍ତି ବ୍ୟବସାୟିକ ସଂସ୍ଥା ଆଉ ସବୁଗୁଡ଼ିକର ମାଲିକାନା ଆମେରିକାରେ। ଆମେରିକାର ବିଶ୍ୱ ରାଜନୀତିକୁ ନିଜ ଅକ୍ତିଆରରେ ରଖିବାର ବଦ୍ ଅଭ୍ୟାସ ବହୁ ଆଗରୁ ରହିଛି। କେତେବେଳେ ସାମରିକ ଶକ୍ତି ମାଧ୍ୟମରେ, କେତେବେଳେ ଅର୍ଥନୀତି ମାଧ୍ୟମରେ, କେତେବେଳେ ରାଜନୈତିକ ଦଳଗୁଡ଼ିକ ମାଧ୍ୟମରେ ଆମେରିକା ଅନେକ ଦେଶର ରାଜନୀତିକୁ ନିୟନ୍ତ୍ରଣ କରିଆସିଛି । ଆଜିର ସାମାଜିକ ଗଣମାଧ୍ୟମ ଯୁଗରେ ସୋସିଆଲ ମେଡ଼ିଆ ଆଉ ଏକ ବିକଳ୍ପ ଶକ୍ତି, ଯାହା ମାଧ୍ୟମରେ ଦେଶର ଜନତାଙ୍କର ମାନସିକତାକୁ ନିୟନ୍ତ୍ରଣ କରାଯାଇପାରେ। ଆମେରିକାରେ ଡୋନାଲ୍‌ଡ ଟ୍ରମ୍ପଙ୍କୁ ହରାଇବା ପାଇଁ ବ୍ୟବସାୟୀମାନେ ଜୋ ବାଇଡେନ୍‌ଙ୍କ ପାଇଁ ସାମାଜିକ ଗଣମାଧ୍ୟମରେ ଲବି କରିଥିଲେ ବୋଲି ଆମେରିକାର ଖବରକାଗଜର ଏକ ପ୍ରମୁଖ ଖବର ଭାବରେ ବାହାରିଥିଲା। ଦୈନିକ ଖବରକାଗଜ ନ୍ୟୁୟର୍କ ପୋଷ୍ଟରେ ଜୋ ବାଇଡେନଙ୍କ ପୁଅ ହଣ୍ଟର ବାଇଡେନଙ୍କ କଳାକାରନାମା ବିଷୟରେ ବାହାରିଥିବା ଏକ ଖବରକୁ ଟୁଇଟର ଏବଂ ଫେସ୍‌ବୁକ ସେମାନଙ୍କର ପ୍ଲାଟଫର୍ମରେ ପ୍ରତିବନ୍ଧିତ କରିଥିଲେ। ନାଇଜେରିଆର ରାଷ୍ଟ୍ରପତିଙ୍କ ଏକ ବୟାନକୁ ଟୁଇଟର ତା'ର ପ୍ଲାଟଫର୍ମରୁ ହଟାଇ ଦେଇଥିଲା। ଟୁଇଟର କେବେ ବି ମିଡିଲ ଇଷ୍ଟରେ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ନେତାମାନଙ୍କୁ ପ୍ରତିବନ୍ଧିତ କରିନାହିଁ।

ଗୋଟିଏ ସାର୍ବଭୌମ ରାଷ୍ଟ୍ରରେ ଉଭୟ ବାକ୍ ସ୍ୱାଧୀନତାର ସଂରକ୍ଷଣ ଏବଂ ମିଥ୍ୟା ଖବରକୁ ରୋକିବାର କାମ କାହାର? କାହା ଉପରେ ଲୋକମାନେ ବେଶି ଭରସା କରିବା ଦରକାର? ଦେଶର ଆଇନ ନା ସାମାଜିକ ଗଣମାଧ୍ୟମ? ଲୋକମାନେ ସରକାରଙ୍କୁ ଭରସା କରିବା ଦରକାର କିନ୍ତୁ ଯଦି ଲୋକମାନେ ସରକାରଙ୍କୁ ଭରସା କରିପାରୁ ନାହାନ୍ତି ତା'ହେଲେ ମଧ୍ୟ ଏଥିପାଇଁ ସରକାରମାନେ ହିଁ ଦାୟୀ। ସରକାର ଏପରି କିଛି କରିବା ଉଚିତ ନୁହେଁ, ଯାହାଦ୍ୱାରା ସାଧାରଣ ଲୋକଙ୍କୁ ନ ଲାଗୁ କି ସରକାର ବାକ୍ ସ୍ୱାଧୀନତାର ଗଳା ଚିପିବା ପାଇଁ ଚାହୁଁଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମଗୁଡ଼ିକ ମଧ୍ୟ ବାକ୍ ସ୍ୱାଧୀନତାର କଥା କହି ମିଥ୍ୟା ଖବରକୁ ଖୁଲମ୍‌ଖୁଲା ଛାଡ଼ିବା ଉଚିତ ନୁହେଁ। ନ ହେଲେ ଏଗୁଡ଼ିକ ଉପରୁ ଲୋକମାନଙ୍କର ଭରସା ତୁଟିଯିବ। ଦୁଇ ଦିନ ତଳେ ଉତ୍ତର ପ୍ରଦେଶରେ ଘଟିଥିବା ଏକ ସାଧାରଣ ମାରପିଟ ଘଟଣାକୁ ଅନେକ ପ୍ରତିଷ୍ଠିତ ସାମ୍ବାଦିକମାନେ ସାମ୍ପ୍ରଦାୟିକ ରପ ଦେବାର ପ୍ରୟାସ କରିଥିଲେ ସାମାଜିକ ଗଣମାଧମରେ। ପରେ ପୋଲିସ ଯାଞ୍ଚ ପରେ ସେମାନେ ନିଜ ନିଜର ଭୁଲ ମାନିଲେ ଓ ଭିଡିଓକୁ ସାମାଜିକ ଗଣମାଧମରୁ ହଟାଇଲେ। ଏବେ ପୋଲିସ ସେମାନଙ୍କ ନାଁରେ ଏଫଆଇଆର ମଧ କରିଛି। 'ଫେକ୍ ନ୍ୟୁଜ' ଆଜିର ସମୟରେ ଏକ ନିତିଦିନିଆ ଶବ୍ଦ ପାଲଟି ଗଲାଣି।

କଥା ହେଉଛି ଅଭିବ୍ୟକ୍ତିର ସ୍ୱାଧୀନତା ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଷ୍ଟ୍ରର ସୁରକ୍ଷା। ଭାରତୀୟ ସୂଚନା ପ୍ରଯୁକ୍ତି ଆଇନ ୨୦୦୦ର ଧାରା ୬୯(କ) ଅନୁସାରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ବାହ୍ୟ ସୁରକ୍ଷା ଦୃଷ୍ଟିରୁ ସରକାର ସାମାଜିକ ଗଣମାଧ୍ୟମଗୁଡ଼ିକୁ ତଥ୍ୟ ମାଗିପାରିବେ। ଟୁଇଟର ମଧ୍ୟ ଯେଉଁ ଦେଶରେ ବ୍ୟବସାୟ କରିବ, ସେହି ଦେଶର ଆଇନକୁ ମାନିବାକୁ ପଡ଼ିବ, ସେ ଦେଶର ଅଦାଲତ, ସରକାର, ଜନସାଧାରଣଙ୍କ ଉପରେ ଭରସା କରିବା ପାଇଁ ପଡ଼ିବ। ସେହିଭଳି ଯଦି ଦେଶର ଲୋକଙ୍କୁ ଲାଗିବ ଯେ ସରକାର କୌଣସି ବ୍ୟକ୍ତିର ମୌଳିକ ଅଧିକାରର ଉଲ୍ଲଂଘନ କରୁଛନ୍ତି ତା'ହେଲେ ସେଥିପାଇଁ ଅଦାଲତକୁ କ୍ଷମତା ଦିଆଯାଇଛି ହସ୍ତକ୍ଷେପ କରିବା ପାଇଁ। ଲୋକମାନେ ଭୋଟ ଦେଇ ସରକାର ବାଛିଛନ୍ତି। ଯଦି ସରକାର ଭୁଲ୍ କରୁଥିବେ ୫ ବର୍ଷ ପରେ ଲୋକମାନେ ସରକାରଙ୍କୁ ବରଖାସ୍ତ କରିଦେବେ। ସମ୍ବିଧାନ ତ ସେଇଆ କହୁଛି। କେଉଁ ଦଳର ସରକାର ଅଛି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁକିଛି ଆଇନ ଓ ସମ୍ବିଧାନର ପରିସୀମା ଭିତରେ ହେଉଛି କି ନାହିଁ।

ହରିରାଜପୁର, ପୁରୀ
ମୋ: ୮୨୪୯୮୬୮୯୬୧

# କରୋନା ବର୍ଜ୍ୟ ବିପଦ



ଡା. ଉମେଶ ଚନ୍ଦ୍ର ପାତ୍ର

ନିକଟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି ଏବଂ ଭୟାବହ କରୋନା ମହାମାରୀ ଦିନକୁ ଦିନ ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି କରୁଛି। ବିଶ୍ୱର ସାର୍ବଜନୀନ ପରିବେଶଗତ ସ୍ୱାସ୍ଥ୍ୟ ପ୍ରତି ଜୈବଭେଷଜ ବର୍ଜ୍ୟଗୁଡ଼ିକ ବିପଦ ସୃଷ୍ଟି କରିଚାଲିଥିବା କଥା ସମସ୍ତଙ୍କୁ ଜଣା। ଏଥିସହିତ ବିଶେଷକରି ମହାମାରୀ କୋଭିଡ୍-୧୯ ପରିପ୍ରେକ୍ଷୀରେ ଦିନକୁ ଦିନ ପ୍ଲାଷ୍ଟିକର ବ୍ୟବହାର ବଢ଼ିଚାଲିଥିବା ବେଳେ ଏହାର କରାଳ ଛାପ ପୃଥିବୀର ପରିବେଶକୁ ଆହୁରି ସଙ୍କଟମୟ କରିଦେବ ବୋଲି ଆଶଙ୍କା ଦେଖାଯାଇଛି। ଭାରତର କେନ୍ଦ୍ରୀୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଦ୍ୱାରା କରାଯାଇଥିବା ଆକଳନ ଅନୁସାରେ, କୋଭିଡ୍-୧୯ ପୀଡ଼ିତଙ୍କ ରୋଗ ନିରୂପଣ ଓ ଚିକିତ୍ସା ବାବଦରେ ପ୍ରତ୍ୟହ ୧୪୬ ଟନ୍ ଜୈବ ଭେଷଜ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି। ଏପରି ଭାବେ ୨୦୨୦ ଜୁନ୍‌ରୁ ୨୦୨୧ ମେ ୧୦ ଯାଏ ଏଇ ବର୍ଷକ ଭିତରେ ଦେଶରେ ୪୫,୩୦୮ ଟନ୍ ଜୈବ ଭେଷଜ ବର୍ଜ୍ୟ ସୃଷ୍ଟି ହୋଇଛି।

ଦେଶରେ କୋଭିଡ୍ ଆବିର୍ଭାବ ପୂର୍ବରୁ ଦୈନିକ ୬୧୫ ଟନ୍ ଜୈବ ଭେଷଜ ବର୍ଜ୍ୟ ବାହାରୁଥିବା ବେଳେ ଏଥିରେ ଯୋଗହୋଇଥିବା ପ୍ରାୟ ୨୪ ପ୍ରତିଶତର ଏହି ଅତିରିକ୍ତ ପରିମାଣ ପରିବେଶକୁ ଆହୁରି ଅଧିକ ପ୍ରଦୂଷିତ କରିପକାଉଥିବା ସ୍ପଷ୍ଟ ହୋଇଛି। ପ୍ରତ୍ୟହ ଉତ୍ପନ୍ନ ହେଉଥିବା ବର୍ଜ୍ୟରେ ସ୍ୱାଭାବିକ ଭାବେ ଘଟୁଥିବା ସଦ୍ୟ ଯୋଡ଼ି ହୋଇଥିବା ମାସ୍କ, ପିପିଇ କିଟ୍, ସିରିଞ୍ଜ, ଗ୍ଲୋଭ୍‌ସ ପରି ଜୈବ ଭେଷଜ ବର୍ଜ୍ୟଗୁଡ଼ିକ ଆମ ଜୈବ ପ୍ରଣାଳୀରେ ଅଧିକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି। ଅପରପକ୍ଷେ, ଏହି ଜୈବଭେଷଜ ବର୍ଜ୍ୟ ବ୍ୟତୀତ ଲୋକେ ଏହି ମହାମାରୀ ବେଳେ ନିଜ ଦୁଆର ମୁହଁରେ ଯୋଗାଣ ସେବା ମାଧମରେ ପାଉଥିବା ସାମଗ୍ରୀଗୁଡ଼ିକର ପ୍ୟାକିଂ ଆଦିରେ ମଧ ଅନେକ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି। ତେଣୁ ସର୍ବତ୍ର ବିକ୍ଷିପ୍ତ ଭାବେ ପଡ଼ିରହିଥିବା ଏହି ବର୍ଜ୍ୟବସ୍ତୁଗୁଡ଼ିକର କିପରି ସୁପରିଚାଳନା ହେବ ସେ ଦିଗରେ ପ୍ରତ୍ୟେକ ନାଗରିକ ସଚେତନ ହୋଇ ପରିବେଶ ସୁରକ୍ଷା ପାଇଁ ସମୟୋଚିତ ପଦକ୍ଷେପ ନେବା ବଡ଼କଥା।

ଅନେକେ ହୁଏତ ଜାଣି ନ ଥିବେ ଯେ, କରୋନାର ବର୍ଜ୍ୟବସ୍ତୁ ବର୍ତ୍ତମାନ ସହିତ ଆଗାମୀ ଦିନ ପାଇଁ ଏକ ଭୟଙ୍କର ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି କରିବାକୁ ଯାଉଛି। କାରଣ କରୋନା ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଥିବା ଗ୍ଲୋଭ୍‌ସ କୁହନ୍ତୁ ବା ପିପିଇ କିଟ, ମାସ୍କ ହେଉ ବା ଫେସ ସିଲିକର ଏସବୁ ଠିକ୍ ଭାବେ ବର୍ଜ୍ୟ ହେବାପରେ ଯଦି ଏହାର ଚିକିତ୍ସା ବ୍ୟବସ୍ଥା ଅନୁଯାୟୀ ନଷ୍ଟ କରା ନ ଯିବ ତାହାହେଲେ ଏହା ଯେଉଁ ପ୍ରକାର ବିପଦ ଭିତରକୁ ପୃଥିବୀବାସୀଙ୍କୁ ଠେଲି ଦେବ ତାହା କଳ୍ପନାର ବାହାରେ। ଆଜିକା ସମୟରେ ସମଗ୍ର ବିଶ୍ୱରେ କରୋନା ପାଇଁ ପ୍ରତି ମାସରେ ୯୦ଲକ୍ଷ ମାସ୍କ, ୬୭ଲକ୍ଷ ଗ୍ଲୋଭ୍‌ସ ଓ ୧୬ଲକ୍ଷ ଗଗଲସର ଆବଶ୍ୟକତା ପଡୁଛି। ଭାରତ ମଧ ଏ କ୍ଷେତ୍ରରେ ପଛରେ ନାହିଁ। କାରଣ ଦେଶରେ ଦିନକୁ ୪.୫ଲକ୍ଷ ପିପିଇ କିଟ୍ ତିଆରି ହେଉଛି, ତେବେ ଏସବୁର ବ୍ୟବହାର ହେଉଥିବାବେଳେ ଏହାର ନଷ୍ଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ବ୍ୟୟସାପେକ୍ଷ ଓ ଏଥିପାଇଁ ଏକ ବଡ଼ ସାଧନ ବି ଦରକାର। କୋଭିଡ୍ ଡାକ୍ତରଖାନାରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଉଥିଲେ ମଧ ଆଗାମୀ ୨୦୨୨ ସୁଦ୍ଧା ଦେଶରେ ଦୈନିକ ୭୭୫ଟନ୍‌ରୁ ଅଧିକ ମେଡିକାଲ ବର୍ଜ୍ୟ ବାହାରିବାର ସମ୍ଭାବନା ରହିଛି; ଯାହାର ପରିଣାମ ବର୍ତ୍ତମାନ ହେଉଛି ୫୫୦ ଟନ୍।

ହସ୍ପିଟାଲ କିମ୍ବା କୋଭିଡ୍ ୱାର୍ଡରୁ ବାହାରୁଥିବା ମେଡିକାଲ ବର୍ଜ୍ୟକୁ ଏବେ ସଂଗ୍ରହ କରାଯାଉଛି ଓ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ନଷ୍ଟ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗାଇଡ୍‌ଲାଇନ ଅନୁଯାୟୀ ମେଡିକାଲ ପେସେଣ୍ଟ ଓ ହସ୍ପିଟାଲ ଷ୍ଟାଫ୍ ବ୍ୟବହାର କରୁଥିବା ମାସ୍କ ଏବଂ ଅନ୍ୟ ମେଡିକାଲ କିଟ୍‌ଗୁଡ଼ିକୁ ଠିକ୍ ଭାବେ ବିଶୋଧନ କରାଯିବା ସହ ଉଚ୍ଚତାପମାତ୍ରାରେ ନଷ୍ଟ କରି ଦିଆଯିବ। କିନ୍ତୁ ସାଧାରଣ ଲୋକମାନଙ୍କ ପାଇଁ ସେପରି କିଛି ସୂଚନା ବା ଗାଇଡ୍‌ଲାଇନ ନିର୍ଧାର୍ଯ୍ୟ ହୋଇନାହିଁ। ଚିନ୍ତା ହେଉଛି ଏହା ବ୍ୟବହୃତ ପରେ ଏହାର ନଷ୍ଟ କରିବାର ପ୍ରକ୍ରିୟା। କରୋନା ଚିକିତ୍ସା କ୍ଷେତ୍ରରେ ପ୍ରତ୍ୟହ ବ୍ୟବହୃତ ହେଉଥିବା ପିପିଇ କିଟ୍, ଗ୍ଲୋଭ୍‌ସ ଓ ମାସ୍କ ଏସବୁକୁ ବ୍ୟବହାର ପରେ ବାହାରେ ଫିଙ୍ଗି ଦିଆଗଲେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ବଢ଼ିଯାଏ। ସାଧାରଣରେ ବୁଲୁଥିବା ପଶୁପକ୍ଷୀମାନେ ଏହାକୁ ଖାଇଲେ ସେମାନଙ୍କ ପାଇଁ ଗୁରୁତର ରୋଗ ସୃଷ୍ଟି କରିବା ସହ ଏହା ମଧ ସେମାନଙ୍କର ମୃତ୍ୟୁର କାରଣ ହେବ। ଏନ୍-୯୫ ମାସ୍କ ପଲିପ୍ରୋପିଲିନ ପ୍ଲାଷ୍ଟିକରେ ତିଆରି କରାଯାଏ। ଫେସ ସିଲ୍ଡ ଓ ଗଗଲସ ଫେସ ସିଲ୍ଡ ପିଇଟି ପ୍ଲାଷ୍ଟିକ ଓ ଗଗଲ୍ସ ପଲିକାବୋନେଟ ପ୍ଲାଷ୍ଟିକରେ ତିଆରି ହୋଇଥାଏ। ଗ୍ଲୋଭ୍‌ସ ଏହା ଲ୍ୟାଟେକ୍ସ କିମ୍ବା ନାଇଟ୍ରେଇଲ ରବରରେ ତିଆରି ହୋଇଥାଏ। ଗାଉନ୍ ଓ ପିପିଇ କିଟ୍ ଏହା ମଧ ପିଇଟି ପ୍ଲାଷ୍ଟିକରେ ତିଆରି କରାଯାଏ। କରୋନା ମହାମାରୀ ଏବେ ବିଶ୍ୱ ପାଇଁ ଯେପରି ଆତଙ୍କ ସୃଷ୍ଟି କରିଛି ଏହା କବଳରୁ ମୁକୁଳିବା ଏବେ ସମସ୍ତଙ୍କ ପାଇଁ ପ୍ରାଥମିକତା ପାଲଟିଛି। ତେବେ ଏହାର ଅର୍ଥ ନୁହେଁ ଆମେ ବର୍ତ୍ତମାନର କଥା ଚିନ୍ତା କରି ଭବିଷ୍ୟତ କଥା ଭୁଲିଯିବା; ଯଦ୍ଦ୍ୱାରା ଆଗାମୀ ଦିନରେ କରୋନାଠାରୁ ଆହୁରି ଏକ ଭୟଙ୍କର ଭାଇରସ୍ ସୃଷ୍ଟି ହୋଇ ଆମ ପ୍ରଗତିର ବାଟ ଓଗାଳିବ।

କରୋନାରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ବୃଦ୍ଧି ପାଉଥିବା ପ୍ଲାଷ୍ଟିକ ସୁରକ୍ଷା ଉପକରଣଗୁଡ଼ିକୁ କିପରି ଠିକ୍ ଭାବରେ ନଷ୍ଟ କରାଯାଇପାରିବ ଏହା ଉପରେ ଆମେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ବିଭିନ୍ନ ଦେଶରେ ବହୁ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଘରୋଇ ବର୍ଜ୍ୟ ପରିଚାଳନା କମ୍ପାନୀ ଏ ଦିଗରେ ତତ୍ପରତା ପ୍ରକାଶ କରିଥିବା ବେଳେ ସରକାର ମଧ ଏହାର ସମାଧାନ ବାହାର କରିବା ଦିଗରେ ତତ୍ପରତା ପ୍ରକାଶ କରିବା ଉଚିତ। ଏହା ସହ ସାଧାରଣ ଜନତା ମଧ କରୋନା ବର୍ଜ୍ୟ ନଷ୍ଟ କରିବା ସମୟରେ ସରକାରଙ୍କ ଗାଇଡ୍‌ଲାଇନ ଅନୁସରଣ କରିବା ଉଚିତ। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ମଧ ସମସ୍ତ ସୁସ୍ଥ ବ୍ୟକ୍ତିଙ୍କୁ କପଡ଼ାରେ ତିଆରି ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ତେବେ କପଡ଼ାରେ ତିଆରି ଏହି ମାସ୍କ ତିନି ପରସ୍ତ ହେବା ଉଚିତ। କପଡ଼ାରେ ତିଆରି ମାସ୍କକୁ ଆପଣ ଭଲ ଭାବେ ସଫା କରି ପୁନର୍ବାର ମଧ ବ୍ୟବହାର କରିପାରିବେ। ଆଜିର କରୋନା ପ୍ରକୋପ ସମୟରେ ବିଶ୍ୱ ପାଇଁ କରୋନାର ବର୍ଜ୍ୟ ବିପଦ ଅହେତୁକ ଭୟ ସୃଷ୍ଟି କରିବାକୁ ଯାଉଛି।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,
ମୋ:୯୪୩୭୦୫୧୯୫୭

## ଏଇ ଭାରତରେ

ଚାକିରି ପରେ କିଏ କେମିତି ବିଶ୍ରାମ ନେବା ପାଇଁ ଚାହୁଁଥିବାବେଳେ ଗୁଜରାଟର ୭୧ ବର୍ଷୀୟା ମାଟ୍ରୋନ ଜେମିନିବେନ୍ ଜୋଷୀ ଏବେ ଅବସର ସମୟକୁ କୋଭିଡ୍ ରୋଗୀଙ୍କ ସେବାରେ ଉପଯୋଗ କରୁଛନ୍ତି। ଜୋଷୀ ଗୁଜରାଟର ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟ କରି ୨୦୦୯ରେ ଅବସର ନେଇଛନ୍ତି। ସେବେଠାରୁ କେବେ କେମିତି ଚିକିତ୍ସା ସେବା ପାଇଁ ସମୟ ଦେଇ ଆସୁଥିଲେ। କିନ୍ତୁ କୋଭିଡ-୧୯ ମହାମାରୀ ଦେଖାଦେବା ପରେ ଦେଶରରେ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମୀଙ୍କ ଆବଶ୍ୟକତା ବଢିଗଲା। ଏହି ସଙ୍କଟ ସମୟରେ ସେ ସେବା ଯୋଗାଇ ଦେବାର ସଙ୍କଳ୍ପ ନେଇ ଜିଭୁସ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ସେ କୌଣସି ପାରିଶ୍ରମିକ ନେଉନାହାନ୍ତି। ବୟସର ଅପରାହ୍ନରେ ଏବେ ବି ସେ ଦିନକୁ ୧୨ ଘଣ୍ଟା କାମ କରୁଛନ୍ତି। ଏହି ସମୟରେ ସେ ରୋଗୀଙ୍କ ମନୋବଳ ବଢ଼ାଇବା ସହ ଅକ୍ସିଜେନ୍ ଓ ମେଡିସିନ ଦେଉଛନ୍ତି। କୋଭିଡ ପରୀକ୍ଷା ଲାଗି ନମୁନା ମଧ ସଂଗ୍ରହ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୬

- ଫ୍ରାନ୍ସ ଏବଂ ଆମେରିକା ପରସ୍ପର ମଧ୍ୟରେ ଆଣବିକ ତଥ୍ୟର ଆଦାନପ୍ରଦାନ ପାଇଁ ଗୁପ୍ତ ଚୁକ୍ତିରେ ଆବଦ୍ଧ ହୋଇଥିବା ପେଣ୍ଟାଗନ ପକ୍ଷରୁ ପ୍ରକାଶ କରାଯାଇଛି।
- ରୁଷିଆ ରାଷ୍ଟ୍ରପତି ବୋରିସ ୟେଲ୍‌ସିନ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନେଇ ପ୍ରତିରକ୍ଷା ମନ୍ତ୍ରୀ ପାଭେଲ ଗ୍ରାଚେଭଙ୍କୁ ବରଖାସ୍ତ କରି ତାଙ୍କ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ମିଖାଇଲ କୋଲେସନିକୋଭଙ୍କୁ ନିଯୁକ୍ତି ଦେଇଛନ୍ତି।
- ପଞ୍ଜାବରେ କ୍ଷମତାସୀନ କଂଗ୍ରେସ ଦଳର ୪୨ ଜଣ ବିଧାୟକ ମୁଖ୍ୟମନ୍ତ୍ରୀ ହରଚରଣ ସିଂ ବ୍ରାରଙ୍କ ଇସ୍ତଫା ଦାବିକରି ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସମାନ ନୀତି ହେଉ

ମହାଶୟ,

ଦେଶ ତଥା ରାଜ୍ୟରେ କରୋନାର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ ଗୁରୁତର କରୋନା ରୋଗୀଙ୍କ ନିମନ୍ତେ ଆଇସିୟୁ ତଥା ଭେଣ୍ଟିଲେଟରର ଆବଶ୍ୟକତା ମଧ ସେହି ହାରରେ ବୃଦ୍ଧି ପାଉଛି। ତେବେ ଏହି ସବୁର ଅଭାବ କରୋନା ରୋଗୀଙ୍କ ସମସ୍ୟାକୁ ବହୁଗୁଣିତ କରିସାରିଛି। କିନ୍ତୁ ଏହି ସମୟ ମଧ୍ୟରେ ଆମ ଦେଶ ତଥା ରାଜ୍ୟରେ ବଡ଼ ବଡ଼ ରାଜନେତା, ଉଚ୍ଚପଦସ୍ଥ ଅଫିସର ତଥା ସେମାନଙ୍କର ନିକଟ ସମ୍ପର୍କୀୟମାନଙ୍କ କ୍ଷେତ୍ରରେ କୋଭିଡ୍‌ର ବ୍ୟବସ୍ଥା ଅଲଗା। ଅର୍ଥାତ୍ ସେମାନଙ୍କୁ ଉଚ୍ଚସ୍ତରୀୟ ଡାକ୍ତର ଟିମ୍ ଯୋଗାଇବା ସହ ସେମାନଙ୍କ ପାଖରେ ଆଇସିୟୁ ବେଡ୍ ତଥା ଭେଣ୍ଟିଲେଟର ବ୍ୟବସ୍ଥା ମହଜୁଦ ରହୁଛି। ଯେଉଁ ସବୁ ସୁବିଧା ସମ୍ମୁଖ କୋଭିଡ୍ ଯୋଦ୍ଧାମାନଙ୍କ କ୍ଷେତ୍ରରେ ମଧ ଘଟୁ ନାହିଁ, ଯାହା ଅତି ଦୁଃଖର କଥା । ସବୁ କୋଭିଡ୍ ରୋଗୀଙ୍କ ଜୀବନ ଆମ ପାଇଁ ସମାନ। ତେଣୁ ରାଜନୀତି, ଅର୍ଥ ନିର୍ବିଶେଷରେ ସମସ୍ତ କୋଭିଡ୍ ରୋଗୀଙ୍କ କ୍ଷେତ୍ରରେ ସମାନ ନୀତି ଅବଲମ୍ବନ ହେଉ ଏବଂ କୋଭିଡ୍ ଯୋଦ୍ଧାମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ରହୁ।

– ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

## ଚିରନ୍ତନୀ

ବହିଯାଏ ସମୀରଣ ସମାଚାର ନାହିଁ ପାଏ ତା'ର,
ମଧୁକର ଆନମନେ ଫୁଲେ ଫୁଲେ ରଚଇ ବିହାର,
ହଜିଯାଏ ଯେତେ ଧନ ନାହିଁ ଯା'ର ସତ୍ତା
କେହି ତା'ର ନ ପୁଛେ ବାରତା!

-(ସ୍ୱଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗୁଣପୁର ଆଇଟିଆଇ ରାଜ୍ୟରେ ତୃତୀୟ

ଗୁଣପୁର,୧୮।୬(ଡି.ଏନ୍.ଏ.): ଅଧିକ ଶ୍ରମଦିବସ ସୃଷ୍ଟି ସହ କର୍ମନିଯୁକ୍ତି ଦେଇଥିବାରୁ ରାୟଗଡ଼ା ଜିଲା ଗୁଣପୁର ଆଇଟିଡିଏ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ଏ ନେଇ ଓଡ଼ିଶା ଆଦିବାସୀ ଉନ୍ନୟନ ସୋସାଇଟିର ନିର୍ଦ୍ଦେଶକ ଗୁରୁମ ଗୁହା ତାପସ କୁମାରଙ୍କ ଚିଠିରୁ ଶୁକ୍ରବାର ଜଣାପଡ଼ିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଉତ୍ତମ ପ୍ରଦର୍ଶନ କରି ଆଇଟିଡିଏ ୩୧,୦୬,୧୯୦ ଏବଂ ଓଟିଇଏଲ୍‌ପି ୩୧,୨୦୫ କାର୍ଯ୍ୟ ଦିବସ ତଥା କର୍ମନିଯୁକ୍ତି ସୃଷ୍ଟି କରିଥିବାରୁ ପ୍ରଶଂସିତ ହେବାସହ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଛି। କରୋନା ମହାମାରୀ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଭଲ କାମ କରିଥିବାରୁ ଏହାକୁ ପ୍ରଶଂସା କରିବା ସହ ଏପରି କାର୍ଯ୍ୟଧାରା ବଜାୟ ରଖିବାକୁ ସେ ଉପଦେଶ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ସମସ୍ତ କର୍ମଚାରୀଙ୍କ ପ୍ରୟାସକୁ ଶ୍ରେୟ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ଜିଡିପିକୁ ୨-୫% ପ୍ରଭାବିତ କରିବ ମରୁଡ଼ି

ନୂଆଦିଲ୍ଲୀ,୧୮।୬: ଉତ୍କଟ ମରୁଡ଼ି ଯୋଗୁ ଭାରତର ଜିଡିପି ବାର୍ଷିକ ଭିତ୍ତିରେ ୨ରୁ ୫% ପ୍ରଭାବିତ ହେବ ବୋଲି ଜାତିସଂଘ କାର୍ଯ୍ୟାଳୟର ଡିଜାଷ୍ଟର ରିସ୍କ ରିଡକସନ୍ (ୟୁଏନ୍‌ଡିଆରଆର) ରିପୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ବର୍ତ୍ତମାନ ଦେଶର ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଯୋଗଦାନ ବଢ଼ିଥିବା ସତ୍ତ୍ୱେ ଏଭଳି ସମସ୍ୟା ଦେଖିବାକୁ ମିଳିବ ବୋଲି ଏଥିରେ କୁହାଯାଇଛି। ଜାତିସଂଘର ମରୁଡ଼ି ସଂକ୍ରାନ୍ତ ଗ୍ଲୋବାଲ ଆସେସମେଣ୍ଟ ରିପୋର୍ଟରେ କୁହାଯାଇଛି, ଜଳ ସମସ୍ୟା ଫଳରେ ପ୍ରବାସୀଙ୍କ ସଂଖ୍ୟା ଏବଂ ମରୁଡ଼ି ଅଞ୍ଚଳ ବଢୁଛି। ଭାରତର ଦେକାନ ଅଞ୍ଚଳକୁ ଏହି ବର୍ଗରେ ସାମିଲ କରାଯାଇଥିଲା। ଏହି ସ୍ଥାନରେ ମରୁଡ଼ିର ତିବ୍ରତା ସାରାଦେଶରେ ସର୍ବାଧିକ। ଆଗାମୀ ବର୍ଷ ଗୁଡିକରେ ମଧ୍ୟ ଏଠାରେ ନକାରାତ୍ମକ ପ୍ରଭାବ ଜାରି ରହିବ। ନିକଟରେ ତାମିଲନାଡୁରେ ମରୁଡ଼ି ସମସ୍ୟା ଯୋଗୁ ପ୍ରାଥମିକ କ୍ଷେତ୍ରର ଯୋଗଦାନ ୨୦% ହ୍ରାସ ହୋଇଛି। ଏହାର ପ୍ରଭାବ ଶିଳ୍ପ ଉପରେ ପଡ଼ିବା ଯୋଗୁ ଉତ୍ପାଦନ ୫% ଖସିଛି। ଉକ୍ତ ରାଜ୍ୟରେ ସେବା କ୍ଷେତ୍ରରେ ୩୬% ହ୍ରାସ ପରିଲକ୍ଷିତ ହୋଇଛି। ମରୁଡ଼ି ଆଗାମୀ ଦିନରେ ଉତ୍କଟ ହେବାକୁ ଯାଉଛି। ଏଥି ସାରା ବିଶ୍ୱର ୧୬୦ କୋଟି ଲୋକଙ୍କୁ ସିଧାସଳଖ ଭାବେ ପ୍ରଭାବିତ କରିଛି। ସାରା ବିଶ୍ୱ ଏହି ସମସ୍ୟାର ସମାଧାନ କରିବା ଲାଗି ଯଦି କିଛି ପନ୍ଥା ବାହାର ନ କରେ ତେବେ ଏହା ଆହୁରି ଉତ୍କଟ ହେବା ଆଶଙ୍କା ରହିଛି। ୟୁଏନ୍‌ଡିଆରଆର୍‌ର ମମି ମିଜୋରୋରି କହିଛନ୍ତି ପ୍ରତି ୩ ବର୍ଷରେ ଥରେ ଦେକାନ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଯାଉଛି। ସେହିଭଳି ମହାରାଷ୍ଟ୍ର ଏବଂ କର୍ନାଟକର ବିଭିନ୍ନ ଜିଲାରେ ଏହି ସମସ୍ୟା ପାଇଁ ଅନେକ ଲୋକଙ୍କୁ ବାସସ୍ଥାନ ପରିବର୍ତ୍ତନ କରିବାକୁ ପଡୁଛି। ସାମାଜିକ ଏବଂ ଆର୍ଥିକ ଭାବେ ଏହା ଲୋକଙ୍କ ଉପରେ ପ୍ରଭାବ ପକାଉଛି। ଯାହା ନିରନ୍ତର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି।



କଂଗ୍ରେସ ପକ୍ଷରୁ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଘୋଡ଼ା ଓ ଯୋଦ୍ଧା ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ଦିଆଯାଇଥିବା ଧାରଣା।

# ମାଷ୍ଟରକ୍ୟାଣ୍ଟିନ ଘୋଡ଼ା ନ ଉଠାଇବା ଲାଗି ବଢୁଛି ଦାବି

- ସ୍ଥାନାନ୍ତର ନୁହେଁ, ସୌନ୍ଦର୍ଯ୍ୟକରଣକୁ ବିଚାର କରାଯାଉ: ଧର୍ମେନ୍ଦ୍ର
- ସ୍ମାର୍ଟସିଟି ନାଁରେ ରାଜଧାନୀରୁ ଲୁଟ୍ ଚାଲିଛି: କଂଗ୍ରେସ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ଏବଂ ଯୋଦ୍ଧା ମୂର୍ତ୍ତିକୁ ଉଠାଇବାନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କୌଣସି ପରିସ୍ଥିତିରେ ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଇ ଦିଆଯିବ ନାହିଁ ବୋଲି ବିରୋଧୀଙ୍କ ପକ୍ଷରୁ ସ୍ୱର ଉତ୍ତୋଳନ ଆରମ୍ଭ ହୋଇଛି। ଉଭୟ ଭାଜପା ଓ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିର ପ୍ରତୀକ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତିକୁ ସୁରକ୍ଷିତ ରଖାଯାଉ। ଏହାସହ ତାକୁ ସ୍ଥାନାନ୍ତର ନ କରି ମାଷ୍ଟରକ୍ୟାଣ୍ଟିନର ସୌନ୍ଦର୍ଯ୍ୟକରଣ ପାଇଁ ବିଚାର କରାଯାଉ। ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି କୀର୍ତ୍ତିରାଜିର ସ୍ଥାନାନ୍ତର ବ୍ୟଥିତ କରିଛି। ୧୯୬୪ରେ କୋଣାର୍କ ଘୋଡ଼ା ଓ ଯୋଦ୍ଧାଙ୍କୁ ଓଡ଼ିଶା ଶାସନର ପ୍ରତୀକ ରୂପେ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୮୮ରେ ପଦ୍ମବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଅନନ୍ୟ ସୃଷ୍ଟି ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତିକୁ ଏହି ସ୍ଥାନରେ ସ୍ଥାପନ କରାଯାଇଥିଲା ବୋଲି ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି। ରାଜ୍ୟ ସରକାର ରାଜଧାନୀର ସୌନ୍ଦର୍ଯ୍ୟକରଣ ଲାଗି ଯେତେ ବ୍ୟାକୁଳତା ଦେଖାଉଛନ୍ତି କିନ୍ତୁ ବାସ୍ତବରେ ତାହା କାହିଁ? ସହରକୁ ସ୍ମାର୍ଟ ନା ସ୍ଲାମ୍ ସିଟି କରାଯାଉଛି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ଏଥିସହ କଂଗ୍ରେସ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ସ୍ଥିତ ଘୋଡ଼ା ଓ ଯୋଦ୍ଧା ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଥିଲା। ଏହି ଅବସରରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ୫ ବର୍ଷରୁ ଅଧିକ ଦିନ ହେଲାଣି ସ୍ମାର୍ଟସିଟି କରିବା ପରିବର୍ତ୍ତେ ସବୁ ରାସ୍ତାକୁ ଖୋଳିବା ଏବଂ ଗୋଟିଏ କାମକୁ ଭାଙ୍ଗିବା ପୁଣି ଗଢ଼ିବା ଛଡ଼ା ନୂଆକାମ କିଛି ହୋଇନାହିଁ। ଏ ପର୍ଯ୍ୟନ୍ତ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରିଲା ନାହିଁ। ମାଷ୍ଟରକ୍ୟାଣ୍ଟିନ ଛକ ସ୍ଥିତ ଘୋଡ଼ାଟି କେବଳ ପଥର ନିର୍ମିତ ଆକୃତି ନୁହେଁ ଏହା ସରକାରଙ୍କ ଶାସନର ଚିହ୍ନ। ଏହା କଳିଙ୍ଗର ବୀରତ୍ୱର ଗାଥାକୁ ବହନ କରେ। ସରକାର ଅତି ଶୀଘ୍ର ନିଜର ନିଷ୍ପତ୍ତିକୁ ବଦଳାନ୍ତୁ ବୋଲି ସେ କହିଛନ୍ତି।

# ୨୦୨୦ରେ ବିସ୍ଥାପିତ ୩୦ ଲକ୍ଷ

ଜାତିସଂଘ ରିପୋର୍ଟ

ଜେନେଭା,୧୮।୬(ଏ.ପି.)

ଗତବର୍ଷ କୋଭିଡ୍-୧୯ଜନିତ ଯାତ୍ରା କଟକଣା ସତ୍ତ୍ୱେ ଯୁଦ୍ଧ, ହିଂସା, ନିର୍ଯାତନା, ମାନବାଧିକାର ଉଲ୍ଲଙ୍ଘନ ଓ ଅନ୍ୟ କେତେକ କାରଣ ଯୋଗୁ ବିଶ୍ୱର ପ୍ରାୟ ୩୦ ଲକ୍ଷ ଲୋକ ଘର ଛାଡ଼ି ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। କରୋନା ଭାଇରସ ସଂକ୍ରମଣ ରୋକିବା ଲାଗି ଶରଣାର୍ଥୀଙ୍କ ପାଇଁ ବିଶ୍ୱର ୯୯ ଦେଶ ନିଜ ନିଜ ସୀମା ବନ୍ଦ କରିଦେଇଥିଲେ। ତଥାପି ବିସ୍ଥାପନକୁ ରୋକାଯାଇ ପାରିନାହିଁ ବୋଲି ଜାତିସଂଘ ଶରଣାର୍ଥୀ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ପ୍ରଘଟ ହୋଇଛି। ଜେନେଭାସ୍ଥିତ ୟୁନାଇଟେଡ୍ ନେସନ୍ସ ହାଇକମିଶନର ଫର୍ ରିଫ୍ୟୁଜିସ୍ (ୟୁଏନ୍‌ଏଚ୍‌ସିଆର୍) ପକ୍ଷରୁ ଜାରି ଗ୍ଲୋବାଲ୍ ଟ୍ରେଣ୍ଡସ୍ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱରେ ବିସ୍ଥାପିତଙ୍କ ସଂଖ୍ୟା ୮୨.୪ ନିୟୁତକୁ ବୃଦ୍ଧି ପାଇଛି, ଯାହାକି ଜର୍ମାନୀର ଜନସଂଖ୍ୟା ସହ ସମାନ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ପଳାୟନ ଏକ ନୂଆ ରେକର୍ଡ। ଜାତିସଂଘରେ ଶରଣାର୍ଥୀଙ୍କ ଉଚ୍ଚାୟୁକ୍ତ ଫିଲିପ୍ପୋ ଗ୍ରାଣ୍ଡି କହିଛନ୍ତି, ୨୦୨୦ରେ ବିଶେଷକରି ମୋଜାମ୍ବିକ୍, ଇଥିଓପିଆର ଟିଗ୍ରେ ଓ ଆଫ୍ରିକାର ସହେଲ ଭଳି ଅଞ୍ଚଳରେ ସଂଘର୍ଷ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପନ ଦେଖିବାକୁ ମିଳିଛି। ଫଳରେ ଲଗାତାର ନବମ ବର୍ଷ ଧରି ବିସ୍ଥାପିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଯୁଦ୍ଧ ପ୍ରଭାବିତ ସିରିଆ ଓ ଆଫଗାନିସ୍ତାନରେ ମଧ୍ୟ ଅଥୟ ଅବସ୍ଥା ଲାଗିରହିଛି। କରୋନା ଭୂତାଣୁ ଆସିବା ବର୍ଷେ ହୋଇଗଲାଣି। ଏହାକୁ ନେଇ ବିଭିନ୍ନ ଦେଶରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଭଳି କଟକଣା ଜାରି କରାଯାଇଛି। କିନ୍ତୁ ଏସବୁ କଟକଣା ପଳାୟନକୁ ରୋକିପାରି ନାହିଁ। କିଛି କିଛି ନ ପାଇ ଲୋକେ ଘରଦ୍ୱାର ଛାଡ଼ି ଜୀବନ ବଞ୍ଚାଇବା ଆଶାରେ ଅନ୍ୟତ୍ର ପଳାୟନ କରୁଛନ୍ତି। କାରଣ ମହାମାରୀ ସତ୍ତ୍ୱେ ଯୁଦ୍ଧ, ହିଂସା, ବୈଷମ୍ୟ ଜାରି ରହିଛି। ଏସବୁ ଉପରେ କୋଭିଡ୍-୧୯ର ପ୍ରଭାବ ଅପରିବର୍ତ୍ତିତ ରହିଛି। ବିଶ୍ୱର ୧% ଲୋକ ବିସ୍ଥାପିତ ହୋଇଛନ୍ତି। ଜବରଦସ୍ତ ବିସ୍ଥାପିତ ହୋଇଥିବା ଲୋକଙ୍କ ସଂଖ୍ୟା ୧୦ ବର୍ଷ ତଳେ ଯେତିକି ଥିଲା, ଏବେ ତା'ର ଦୁଇଗୁଣା ବଢ଼ିଛି। ସେମାନଙ୍କ ମଧ୍ୟରୁ ୪୨%ଙ୍କ ବୟସ ହେଉଛି ୧୮ ବର୍ଷରୁ କମ୍। ୨୦୧୮ରୁ ୨୦୨୦ ମଧ୍ୟରେ ପ୍ରାୟ ୧୦ ଲକ୍ଷ ଶିଶୁ ଶରଣାର୍ଥୀ ଭାବେ ଜନ୍ମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବହୁ ବର୍ଷ ଧରି ଶରଣାର୍ଥୀ ହୋଇ ରହିବେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରାହୁଲଙ୍କ ଜନ୍ମଦିନରେ କୋଭିଡ୍ ରୋଗୀଙ୍କୁ ସାହାଯ୍ୟ କରିବ କଂଗ୍ରେସ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଚଳିତ ବର୍ଷ କରୋନା ଯୋଗୁ ପାଳନ କରାଯିବ ନାହିଁ। କଂଗ୍ରେସ ନେତୃବୃନ୍ଦ ଓ କର୍ମୀ କୌଣସି ବ୍ୟାନର, ପୋଷ୍ଟର ଓ ପ୍ଲାକାର୍ଡ ତିଆରି ନ କରିବା ଏବଂ କେକ୍ ନ କାଟିବାକୁ ରାହୁଲ ନିବେଦନ କରିଛନ୍ତି। ଏହା ପରିବର୍ତ୍ତେ କରୋନା ୨ୟ ଲହରରେ ପ୍ରଭାବିତ ବ୍ୟକ୍ତି ଓ ପରିବାର ସାହାଯ୍ୟ କରିବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ତଦନୁଯାୟୀ ମେଡିକାଲ କିଟ୍‌ସ, ମାସ୍କ, ସାନିଟାଇଜର ଏବଂ ରାଶନ କିଟ୍‌ସ ପ୍ରଦାନ କରିବାକୁ ପିସିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଣମାଧ୍ୟମକୁ ଜଣାଇଛନ୍ତି। ସବୁ ଜିଲା, ବ୍ଲକ, ନଗର ଓ ପଞ୍ଚାୟତ ସ୍ତରରେ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀଙ୍କୁ ଆର୍ଥିକ ଶକ୍ତି ମୁତାବକ ସହାୟତା କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-457 **TENDER ALERT**

01)Tender Call Notice No-GM-EHT (C)- CIRCLE-BBSR-02/2021-22: Hiring of Diesel run commercially registered light vehicle (AC Indigo or equivalent) on monthly basis for official use by the GM(Elect.), EHT (C) Circle, Bhubaneswar. FIPR-18/2021-22
For details please visit : www.optcl.co.in. OIPR-04011/11/0026/2122



**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

No. PP-12:- ଏହାଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ବୟନଶିଳ୍ପ ନିର୍ଦ୍ଦେଶାଳୟର ୱେବସାଇଟ http://textiles.odisha.gov.in/ରେ ବୁଣାକାରମାନେ ଅନଲାଇନ ମାଧ୍ୟମରେ ବିଭିନ୍ନ ଯୋଜନାରେ ସାହାଯ୍ୟ ପାଇବା ନିମନ୍ତେ ଆବେଦନ ପତ୍ର ସମ୍ପୃକ୍ତ ଉପ/ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଇବା ତାରିଖକୁ ୧୭.୦୬.୨୦୨୧ରୁ ତା.୨୪.୦୬.୨୦୨୧ ବର୍ଦ୍ଧିତ କରାଗଲା ।

ସ୍ୱା./- ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ଓଡ଼ିଶା
OIPR-31003/11/0005/2122


## ୧୮ରୁ ୪୪ ଟିକାକରଣ: ୭ ମ୍ୟୁନିସିପାଲିଟି, ୨ ଏନ୍‌ଏସିରେ ସୋମବାରରୁ ଆରମ୍ଭ ହେବ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ରାଜ୍ୟର ୭ ଜିଲାର ୭ ମ୍ୟୁନିସିପାଲିଟି ଓ ୨ ଏନ୍‌ଏସିରେ ୧୮ରୁ ୪୪ବର୍ଷର ହିତାଧିକାରୀଙ୍କ ଟିକାକରଣ ସୋମବାରଠାରୁ ଆରମ୍ଭ ହେବ। ଏହି ସ୍ଥାନଗୁଡ଼ିକ ହେଲା ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି, ପୋଲସରା ଏନ୍‌ଏସି, ଜଗତ୍‌ସିଂହପୁରର ପାରାଦୀପ ମ୍ୟୁନିସିପାଲିଟି, ଯାଜପୁରର ବ୍ୟାସନଗର ମ୍ୟୁନିସିପାଲିଟି, ଖୋର୍ଦ୍ଧାର ଜଟଣୀ ମ୍ୟୁନିସିପାଲିଟି, କୋରାପୁଟର ଜୟପୁର ଓ ସୁନାବେଡ଼ା ମ୍ୟୁନିସିପାଲିଟି, ନୂଆପଡ଼ାର ଖରିଆର ରୋଡ୍ ଏନ୍‌ଏସି ଏବଂ ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ମ୍ୟୁନିସିପାଲିଟି। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହପାତ୍ର ସମ୍ପୃକ୍ତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ସ୍ଥାନରେ ଏହି ବର୍ଗର ୧,୯୦,୨୨୦ ହିତାଧିକାରୀ ରହିଛନ୍ତି।


# OFFICE OF PANCHAYAT SAMITI, JODA

Letter No. 1832 No. i-71 Date: 17.06.2021

**DETAIL TENDER CALL NOTICE 05/BDO-JODA of 2021-22**

1. The Block Development Officer, Joda invites sealed percentage rate tenders in single cover system on behalf of Government of Odisha from registered and eligible class of civil contractor of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the GP | Name of the School | No. of Items | Project Name | Amount put to tender in Rs. | Cost of Tender Paper in Rs. | Time of Completion | Class of Contractor |
|---|---|---|---|---|---|---|---|---|
| 1 | Jajang | Govt. UGHS | 1 | Const. of Additional Class Room | 10,57,971.00 | 6000 | 4 Months | C & D |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Joda on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Joda in any Nationalized Bank having its branch at Keonjhar on any working day from 18.06.2021 for the above work.
2. **Sale of Tender Papers:** The tender documents will be sold from 18.06.2021 to 29.06.2021 at Block Office, Joda from 10.00 A.M. to 4.00 P.M. on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Joda in his official postal address. The last date of receipt of tender papers is 29.06.2021 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. **Date of Opening of Tender Paper:** The tender paper shall be opened on 30.06.2021 at 11.00 P.M. in the presnece of the tenderers or their authorized representative having written authorization for the purpose and the tender committee.
5. **Documents to be attached:** The following document should be furnished with the tender papers failing which the tender will be liable to rejection.
   (a) Attested copy of Contractor Regitration Certificate.
   (b) Attested copy of PAN Card and Certificate of GSTIN.
   (c) Attested copy of Caste Certificate issued by competent authorities in case of SC/ST contractors desirous of availing preference.
   (d) The bidders have to produce an original affidavit in support of the authenticity of documents attached with the tender papers.
   (e) "Bid Security Declaration" should be submitted.
   (f) Joint venture consrtium agreements are not allowed to participate in tender.
   (g) Shortfall of any required document(s) and Tender Paper is liable for rejection.
6. **Additional Performance Security Deposit:** The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract. (Vide Works Department Letter No. 14459 Date: 20.09.2018, Govt. of Odisha, Works Department). As per the Memorandum No. 4559 Dt.05.04.2021 of Works Deptt. Govt. of Odisha modified to APS will be followed as detailed below:

| Sl. No. | Range of Difference Between the Estimate Cost put to tender and Bid Amount | Additional Performance Security to be deposited by the Successful Bidder |
|---|---|---|
| 1 | Below 5% | No Additional Performance Security |
| 2 | From 5% and above ane below 10% | 50% of (Difference between estimated cost put to tender and Bid Amount) |
| 3 | From 10% and above | 150% of (Difference between estimated cost put to tender and Bid Amount) |

7. **Forfeiture:** The EMD amount will be forfeited, if the tenderer backs out from the offer acceptance of tender, by the competent authority.
8. Submission of more than one tender paper by a bidder for a single work will be liable for rejection of all such tender papers.
9. If the rate quoted by the bidder is more less than (14.99% less) of the tendered amount, then such a bid shall be rejected and the tender shall be finalized basing on merits of the rest bids. But if more than one bid is quoted at 14.99% (Decimal upto two numbers will be taken for practical purpose) less than the estimated cost, the tendered accepting authorities will finalize the tender through a transparent lottery system where all bidders/authorized representatives, the concerned Block Development Officer and tender committee will remain present.
10. The Block Development Officer, Joda reserve the right to reject any or all the tenders without assigning any reasons thereof. Other details can be seen in the bidding doceuemnts.
11. The successful bidder shall sign an agreement with BDO, Joda in the non-judicial paper of worth Rs.200/- (Rupees two hundred) only for executing the work.

Sd./- Block Development Officer, Joda
OIPR-19122/11/0002/2122



# OFFICE OF THE CDM & PHO-CUM-DMD, JAGATSINGHPUR
## DISTRICT PROGRAMME MANAGEMENT AND SUPPORT UNIT
## NATIONAL HEALTH MISSION

Email id: dpmujspur@gmail.com

No. 2005 **ADVERTISEMENT / NOTICE** Date: 18.06.2021

No. E-165: Applications are invited from the contractual employees of NHM already engaged and continueing in the following posts under OSH&FW Society in other district of odisha and desiring to be posted in Jagatsinghpur district against the vacant post mentioned bellow.

| Sl. No. | Name of the Programme/Activities as per NHM PIP | Name of the Post | Vacancy Nos. |
|---|---|---|---|
| 1 | Mainstreaming AYUSH (CHC/PHC) | AYUSH M.O, Ayurvedic | 01 |
| 2 | District Early Intervention Centre (DEIC) | Optometrist | 01 |
| | | Dental Technician | 01 |
| | | Social Worker | 01 |
| 3 | Rastriya Bal Swasthya Karyakram (RBSK) | AYUSH MO Ayurvedic-Female | 02 |
| | | AYUSH MO Homeopathic-Male | 01 |
| | | AYUSH MO Homeopathic-Female | 01 |
| | | Pharmacist | 06 |
| | | Staff Nurse/ANM | 01 |
| 4 | NHM | BDM/UDM | 02 |
| | | Pharmacist-Cum-Logistic Assistant | 01 |

Interested in house candidates under OSH & FW Society serving in other District are requested to apply in the prescribed format with "No Objection-Cum-experience Certificate" from concerned CDM & PHO. Selection shall be made on the highest length of incumbency under the Society. The application format and other details (terms & conditions, selection procedures & application format) can be downloaded from the district website www.jagatsinghpur.nic.in and the application with desired documents should reach to the office of the Chief District Medical & Public Health Officer-Cum-District Mission Director, Jagatsinghpur, Pin-754103 by 4 PM of 02-07-2021 through Regd. Post / Speed Post only. Application received after the due date will not be considered. Numbers of vacancies under this advertisement are provisional which may increase or decrease depending upon the actual vacancy and subject to change during the time of selection / appointment. Incomplete of application in form is liable for rejection. Time to time notification regarding status of selection process will be web hoisted in district web-site (www.jagatsinghpur.nic.in). The undersigned reserves the right to cancel / reject any or all the application and modify /cancel the advertisement without assignment any reason thereof. This office will not be responsible for any postal delay.

OIPR-10043/11/0002/2122 Sd./- CDM&PHO cum DMD, Jagatsinghpur



GOVERNMENT OF ODISHA
# OFFICE OF THE EXECUTIVE ENGINEER, M.I. DIVISION, KHORDHA
PIN - 752056, e-Mail ID: eemidkhurda@yahoo.co.in

**"e" Procurement Notice**

**5th Corrigendum to Bid Identification No. EEMIDKHD 01/2021-22**

No. A-203: In partial modification to Bid Identification No. **EEMIDKHD 01/2021-22**, the critical activity dates have been further revised due to extension of lockdown in the State by Govt. of Odisha from 17.06.2021 to 01.07.2021 as mentioned below.

| Sl. No. | Critical Activity | Date as per 4th Corrigendum Notice | Revised date as per 5th Corrigendum Notice |
|---|---|---|---|
| 1 | Last date and time of receipt of Bid in Portal | 21.06.2021 upto 5.00 P.M. | 05.07.2021 upto 5.00 P.M. |
| 2 | Date and time of Opening of Bid | 22.06.2021 at 11.30 A.M. onwards | 06.07.2021 at 11.30 A.M. onwards |

All other terms and conditions remain unchanged.

OIPR-32042/11/0008/2122 Executive Engineer, Minor Irrigation Division, Khordha



# GOVERNMENT OF ODISHA, OFFICE OF THE SUPERINTEDING ENGINEER, CENTRAL CIRCLE, RURAL WORKS, BHUBANESWAR

Unit-IX, (Near Boys High School) Po- Bhoinagar, BBSR Email: se_ccrw@yahoo.co.in, Phone No.: 0674 2540742 (O)

No.O-350:- No. 2964/ Dt.17.06.2021

**"e" PROCUREMENT NOTICE FOR PROCUREMENT OF LAB EQUIPMENTS FOR THE YEAR 2020-21**

| | | | |
|---|---|---|---|
| 1. | Name of the Work | : | Supply, Delivery and Installation of lab instruments for 6 nos Quality Control Division laboratories at Angul / Cuttack/Bolangir /Sambalpur/ Balasore/ Berhampur and RCTRC at Bhubaneswar for the year 2020-21. |
| 2. | Total No. of Supply order | : | 01 No. |
| 3. | Estimated Cost of Supply of equipments. | : | Rs.404.91 lakhs (Approx.) |
| 4. | Bidder | : | Registered supplier/manufacturer |
| 5. | Period of completion | : | One Month |
| 6. | Other details | : | The offered rate by the contractor shall be including GST |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender clarification. | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Central Circle Rural Works, Bhubaneswar | Tender-Online-C.C.-17 of 2021 | 22.06.2021 at 11.00 A.M. | 30.06.2021 up to 5.00 P.M. | 28.06.2021 up to 3.00 P.M. | 01.07.2021 at 11.00 A.M. | 06.07.2021 at 11.00 A.M. |

Further details can be seen from the website: www.tendersorissa.gov.in

OIPR-25082/11/0014/2122 Superintending Engineer, Central Circle, Rural Works, Bhubaneswar



GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER
PUBLIC HEALTH CIRCLE, BHAWANIPATNA
Parmanandpur, Railway Station Road, Bhawanipatna, Dist.: Kalahandi, PIN- 766002
e-mail: sephcbhpt3@gmail.com
NATIONAL COMPETITIVE BIDDING THROUGH e-Procurement
Identification No. SEPHC-BHPT-02 of 2021-22 / Dt.09.06.2021

No.-C-417:- **e-Procurement Notice**

Name of the work: Laying of Pipeline, Construction of Reservoirs, External Electrification & ancillary works in Different ULBs under PH circle, Bhawanipatna. Total No. of works: 03 (Three). Estimated cost: Approx. Rs.118.82 to Rs.285.86 lakhs. Class of contractor: B & A. Period of completion: 4 to 6 calendar months.

| Procurement Officer | Bid Identification No. | No. of works | Availability of tender online for bidding | | Date & time fo opening of bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Additional Chief Engineer, P.H. Circle, Bhawanipatna | SEPHC-BHPT-02 of 2021-22 | 03 (Three) | 21.06.2021 | 05.07.2021 | 06.07.2021 |

For details can be seen from the Government website www.tendersorissa.gov.in.

Sd./- Additional Chief Engineer, P.H. Circle, Bhawanipatna
OIPR-13055/11/0002/2122



# BHUBANESWAR MUNICIPAL CORPORATION
Progress through Partnership for better Bhubaneswar

EOI No.: 52327 Date: 17.06.2021

**Notice Inviting Expression of Interest (EOI) for "Empanelment of Contractors for barbed wire fencing, laying of 80 mm / 60 mm thick paver block and plantation works within BMC jurisdiction"**

No. C-412:- Bhubaneswar Municipal Corporation invites Expression of Interest (EOI) from prospective applicants for "Empanelment of Contractors for barbed wire fencing, laying of 80 mm / 60 mm thick paver block and plantation works within BMC jurisdiction". The last date of submission of EOI is scheduled on 28.06.2021 till 5.00 P.M. The detailed EOI document can be downloaded from BMC website i.e. bmc.gov.in.

By Order,
Sd./- Executive Engineer-II
Bhubaneswar Municipal Corporation
OIPR-13002/11/0028/2122



# Odisha State Child Protection Society (OSCPS)
Department of Women & Child Development and Mission Shakti
Government of Odisha
Mission Shakti Bhawan, Pokhariput, Bhubaneswar - 751030, Odisha
Tel: 0674 2353122, Mail: ao.oscps.od@nic.in

No. 920/OSCPS/SES/0102/2020 Date: 18.06.2021

**EXPRESSION OF INTEREST**

No. g-20:- Sealed proposals are invited from Interested Agency/Service Provider for set up of Smart Education System "E-Shikshya" for the inmates of Child Care Institution at 30 districts of Odisha.

The Expression of Interest containing the general bid information and detailed terms & conditions for set up of "E-Shikshya" can be downloaded from the website- **www.wcdodisha.gov.in** and **www.oscps.nic.in**.

Sd./- Additional Director, OSCPS
OIPR-33014/11/0001/2122



GOVERNMENT OF ODISHA
OFFICE OF THE EXECUTIVE ENGINEER
MINOR IRRIGATION DIVISION, KEONJHAR

**NOTICE INVITING TENDER e-Procurement**

**Bid ID No. 01 EEMID (KJR/ 2021-2022) Dt. 11.06.2021**

**No. A-202:-** The Executive Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 4 (Four) Nos. |
| Estimated Cost | Rs. 281.36 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 10 (Ten) & 06 (Six) calendar months |
| Availability of Bid Documents | From 25.06.2021 to 05.07.2021 during office hours in Website (www.tenderorissa.gov.in) |
| Period of receipt of Bid through online | From 25.06.2021 to 05.07.2021 through online. |
| Date of Opening of Technical Bid Documents | At 11.00 A.M. on 06.07.2021 in the office chamber of the Executive Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 08.07.2021 in the office chamber of the Executive Engineer, M.I. Division, Keonjhar |
| Date of Lottery | At 11.00 A.M. on 09.07.2021 in the office chamber of the Executive Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Executive Engineer, M.I. Division, Keonjhar near Parkline Keonjhar, At/Po-Keonjhar, Dist-Keonjhar Pin-758001. E-Mail ID-eemikjr@yahoo.co.in |

**Further details can be seen from the website : www.tendersorissa.gov.in**

Sd./- (Er. Manas Ranjan Dash)
OIPR-32123/11/0003/2122 Executive Engineer, M.I. Division, Keonjhar

## ଡିଆଇପିଆରଓ ଅଶୋକ ଷଡ଼ଙ୍ଗୀଙ୍କ ପଦୋନ୍ନତି

**କଟକ ଅଫିସ:** ରାଜ୍ୟ ସରକାର କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଅଶୋକ କୁମାର ଷଡଙ୍ଗୀଙ୍କୁ ଉପନିର୍ଦ୍ଦେଶକ ଓଡିଶା ସୂଚନା ସେବା ପ୍ରଥମ ଶ୍ରେଣୀ (ବରିଷ୍ଠ ବର୍ଗ) ପଦବୀକୁ ଗୁରୁବାର ପଦୋନ୍ନତି ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ କଟକ ଜିଲା ଡିଆଇପିଆରଓ ଭାବେ ସେ ପୁନର୍ବାର ଅବସ୍ଥାପିତ ହୋଇଛନ୍ତି। ସୂଚନାଯୋଗ୍ୟ, ଷଡଙ୍ଗୀ ଡିଆଇପିଆରଓ ଭାବେ ଦକ୍ଷତାର ସହ ନିଜ ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ଜିଲା କାର୍ଯ୍ୟାଳୟରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ସୂଚନା ସେବାକୁ ତ୍ୱରାନ୍ୱିତ କରିଛନ୍ତି।

# ୨୪ଘଣ୍ଟାରେ ୪୪୩ ପଜିଟିଭ୍, ୪ମୃତ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଭୁବନେଶ୍ୱରରୁ ଗତ ୨୪ଘଣ୍ଟାରେ ୪୪୩ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇ ଥିବାବେଳେ ୪ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୯୬ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରୁ ୮୮ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୩୫୫ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ପଟିଆରୁ ସର୍ବାଧିକ ୨୮ଜଣ, ଲକ୍ଷ୍ମୀସାଗରରୁ ୨୨, ପୁରୁଣା ଭୁବନେଶ୍ୱରରୁ ୧୨, ନୟାପଲ୍ଲୀରୁ ୧୭, ରସୁଲଗଡରୁ ୧୩, ଚନ୍ଦ୍ରଶେଖରପୁରରୁ ୨୩, ଡୁମୁଡୁମାରୁ ୧୯, ନୀଳାଦ୍ରି ବିହାରରୁ ୧୦, ଟଙ୍କପାଣି ରୋଡ୍‌ରୁ ୭, ବଡଗଡରୁ ୬, ଭିଏସ୍ଏସ୍ ନଗରରୁ ୮, ପାତ୍ରପଡାରୁ ୪, ମଞ୍ଚେଶ୍ୱରରୁ ୫, ଶୈଳଶ୍ରୀ ବିହାରରୁ ୬, ୟୁନିଟ-୬ରୁ ୪, ଶହୀଦ ନଗରରୁ ୬, ଏମ୍ସ ନଗରରୁ ୭, ବରମୁଣ୍ଡାରୁ ୧୦, ଖଣ୍ଡଗିରିରୁ ୧୩, ଭରତପୁରରୁ ୫, କଳିଙ୍ଗ ନଗରରୁ ୪, ଜାଗମରାରୁ ୬ଜଣ ଚିହ୍ନଟ ହୋଇଛନ୍ତି। ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ୮୬୦୭୦ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୬୧୫ଜଣ ସୁସ୍ଥ ହୋଇଥିବାବେଳେ ସମୁଦାୟ ସୁସ୍ଥଙ୍କ ସଂଖ୍ୟା ୮୩, ୧୫୯ ହୋଇଛି। ଅନ୍ୟପଟେ ୨,୪୯୪ଜଣ ସକ୍ରିୟ ରହିଛନ୍ତି।

## ୨୫ ଯାଏ ୟୁନିଟ-୪, ବାପୁଜୀ ନଗର ମାର୍କେଟ ବନ୍ଦ

କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ରାଜଧାନୀର ୟୁନିଟ୍-୪ ଆମିଷ ମାର୍କେଟ ଓ ଜନଗହଳିପୂର୍ଣ୍ଣ ସ୍ଥାନ ବାପୁଜୀ ନଗର ମାର୍କେଟକୁ ଆସନ୍ତା ୨୫ ତାରିଖ ଯାଏ ବନ୍ଦ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ଶୁକ୍ରବାର ସକାଳୁ ୟୁନିଟ-୪ ମାଛ ମାର୍କେଟରେ ପହଞ୍ଚିଥିଲେ। ଆମିଷ ବାରି ହୋଇଥିବାରୁ ମାର୍କେଟରେ ଲୋକଙ୍କର ପ୍ରବଳ ଗହଳି ହୋଇଥିଲା। ଲୋକମାନେ ସାମାଜିକ ଦୂରତ୍ୱକୁ ନ ମାନି ଆମିଷ କିଣାରେ ବ୍ୟସ୍ତ ଥିଲେ। ତେଣୁ କରୋନା ସଂକ୍ରମଣର ଆଶଙ୍କା ତଥା କଟକଣା ଖିଲାପ ଅଭିଯୋଗରେ ମାର୍କେଟକୁ ବନ୍ଦ କରିବାକୁ ବିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ୨୫ ତାରିଖ ପର୍ଯ୍ୟନ୍ତ ଉଭୟ ହୋଲ୍‌ସେଲ୍ ଓ ଖୁଚୁରା ବ୍ୟବସାୟ ବନ୍ଦ ରହିବ। ସେହିପରି ବାପୁଜୀ ନଗର ମାର୍କେଟରେ କଟକଣା ଖିଲାପ ଅଭିଯୋଗରେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ପକ୍ଷରୁ ମାର୍କେଟରେ ଚଢ଼ାଉ କରି ବନ୍ଦ ପାଇଁ ନୋଟିସ୍ ଦିଆଯାଇଥିଲା। ଏଠାରେ ଥିବା ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଓ ଔଷଧ ଦୋକାନକୁ ବନ୍ଦରୁ ବାଦ୍ ଦିଆଯାଇଛି।

## ଟିକା ପାଇଁ ଖୋଲିଲା ନୂଆ ସ୍ଲଟ

ମହାନଗର ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଚାଲିଥିବା ୧୦ଟି ଡ୍ରାଇଭ୍ ଇନ୍ ଭାକ୍ସିନେସନ୍ ସେଣ୍ଟରରେ ଟିକାକରଣ ନେଇ ନୂଆ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଏଠାରେ ୧୮ରୁ ୪୪ବର୍ଷୀୟ ବ୍ୟକ୍ତିଙ୍କ ପାଇଁ ପ୍ରଥମ ଡୋଜ୍ ଓ ୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇ ସୂଚନା ଦିଆଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଆସନ୍ତା ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ। ସେହିପରି ୧୮ରୁ ୪୪ ବର୍ଗର ହିତାଧିକାରୀଙ୍କ ପ୍ରଥମ ଡୋଜ୍ ପାଇଁ ଶୁକ୍ରବାର ସନ୍ଧ୍ୟା ୭ଟାରୁ ସ୍ଲଟ ବୁକିଂ ଆରମ୍ଭ ହୋଇଛି। ଆସନ୍ତା ୨୧ରୁ ୨୬ ତାରିଖ ମଧ୍ୟରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ। ୪୫ରୁ ଊର୍ଦ୍ଧ୍ୱ ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଥିବା ହିତାଧିକାରୀ ଆସନ୍ତା ୨୧ରୁ ୨୬ ମଧ୍ୟରେ ଟିକା ନେଇପାରିବେ। ୨୯ରୁ ୪୨ଦିନ ମଧ୍ୟରେ ପ୍ରଥମ ଡୋଜ୍ ଟିକା ନେଇଥିବା ସ୍ଥାନରେ ହିତାଧିକାରୀମାନେ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ। ଯେଉଁମାନେ ମହାନଗର ଅଞ୍ଚଳ ବାହାରେ ଟିକା ନେଇଥିଲେ ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବେ। ଟିକା ନେବାକୁ ଆସିବାବେଳେ ସାଙ୍ଗରେ ପ୍ରଥମ ଡୋଜ୍‌ର ସାର୍ଟିଫିକେଟ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ଡ୍ରାଇଭ୍ ଇନ୍ ସ୍ଥାନରେ ପ୍ରଥମ ଡୋଜ୍ ନେଇଥିବା ହିତାଧିକାରୀମାନଙ୍କୁ ଦ୍ୱିତୀୟ ଡୋଜ୍ ପାଇଁ ସ୍ଲଟ ବୁକିଂ କରିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି।

## ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ଟିକା




ଭୁବନେଶ୍ୱରରେ ସମସ୍ତ ବର୍ଗର ହିତାଧିକାରୀଙ୍କ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର କରି ଟିକା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମେଡ୍‌ପ୍ଲସ୍ ଇଣ୍ଡିଆର ଫାର୍ମା କର୍ମଚାରୀମାନଙ୍କୁ ଯାତ୍ରୀ ନିବାସରେ ଟିକାକରଣ କରାଯାଇଛି। ସେହିପରି ସପ୍ତମ ବାଟାଲିୟନ ହାଇସ୍କୁଲରେ ଉବେର ଡ୍ରାଇଭରମାନଙ୍କୁ ଟିକା ଦିଆଯାଇଥିଲା। ବିଭିନ୍ନ କାରଖାନା ଓ ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଇଡ୍‌କୋ ସହାୟତାରେ ମଞ୍ଚେଶ୍ୱରରେ ଟିକା ପ୍ରଦାନ କରାଯାଇଛି। ସେହିପରି ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ କିନ୍ନରମାନଙ୍କୁ ଟିକା ଦିଆଯାଇଥିଲା।

### ସଂକ୍ଷେପରେ

## ରାଜଧାନୀରେ ଶିଶୁ ବିକ୍ରି ଭିଡିଓ ଭାଇରାଲ

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଏକ ଦମ୍ପତି ନିଜର ୧୦ଦିନର ଶିଶୁକୁ ଜଣେ ଦଲାଲଙ୍କୁ ୧୦ହଜାର ଟଙ୍କାରେ ବିକ୍ରି କରିଥିବା ନେଇ ଏକ ଭିଡିଓ ଶୁକ୍ରବାର ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ସୂଚନା ପାଇବାପରେ ଚାଇଲ୍ଡ ଲାଇନ ପକ୍ଷରୁ ସିଡବ୍ଲ୍ୟୁସି, ଖୋର୍ଦ୍ଧା ଡିସିପିଓ, ଭୁବନେଶ୍ୱର ଡିସିପିଙ୍କୁ ତଦନ୍ତ ନିମନ୍ତେ ଅବଗତ କରାଯିବା ସହ ଏକ ଟିମ ଗଠନ କରାଯାଇଛି। ଶନିବାର ଘଟଣାର ଅଧିକ ଯାଞ୍ଚ କରାଯିବ ବୋଲି ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି। ତେବେ ଘଟଣା ସମ୍ପର୍କରେ ଖାରବେଳନଗର ଥାନାରେ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

## ମହିଳାଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ସ୍କୁଲ ସମୟରେ ଜଣେ ଛାତ୍ରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହୋଇଥିଲେ। ଛାତ୍ରୀ ଜଣକ ବିବାହ କଲାପରେ ବି ତାଙ୍କର ଅଶ୍ଳୀଳ ଫଟୋ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ମାମଲା (ନଂ.୧୭୧/୨୧) ରୁଜୁ କରିବା ସହ ଶୁକ୍ରବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ମାଲଗୋଦାମ ଥାନା ଜୋବ୍ରା ଅଞ୍ଚଳର ବାପୁ ଭୂୟାଁ(୩୬)। ତାଙ୍କଠାରୁ ଫଟୋ ଭାଇରାଲ କରିବା ପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍ ଜବତ କରିଛି।

## ଡ୍ରିମ୍ସରେ 'ବସନ୍ତିକା'

**କଟକ ଅଫିସ,୧୮।୬:** ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ ବସନ୍ତିକା-୨୦୨୧ ଶୁକ୍ରବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଭାରତୀୟ ବନସେବା ଅଧିକାରୀ ପଦ୍ମା ମହାନ୍ତି ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଦିଗରେ ଏଭଳି ସାଂସ୍କୃତିକ ଉତ୍ସବର ଆବଶ୍ୟକତା ରହିଛି ବୋଲି ବନସେବା ଅଧିକାରୀ ମହାନ୍ତି କହିଥିଲେ। ସମ୍ମାନିତ ଅତିଥିଭାବେ ସହ ଅଧ୍ୟକ୍ଷ ଇଂ.ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ନିର୍ଦ୍ଦେଶକ ଇଂ.ସୁଧାଂଶୁ ଭୂଷଣ କର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ.ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଓ କଳାପ୍ରଦର୍ଶନ ସହ ଶ୍ରେଷ୍ଠ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧ୍ୟକ୍ଷ ନୟନ ରଞ୍ଜନ ସାମଲ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଡ.ଲିନା ପଟ୍ଟନାୟକଙ୍କ ମୁଖ୍ୟ ସଂଯୋଜନାରେ ପ୍ରାଧାପିକା ରୋଜାଲିନ ଦାସ, ପ୍ରାଧାପକ ରଘୁନାଥ ରାଉତ, ସୌର୍ଯ୍ୟସ୍ନିଗ୍ଧ ମହାପାତ୍ର, ସତ୍ୟ ପ୍ରକାଶ ରାଉତ, ରଶ୍ମୀରଞ୍ଜନ ସେନାପତି, ଡ. କ୍ରିଷ୍ଟପ୍ରଦା ଦାଶ, ପ୍ରାଧାପିକା ଶୁଭ୍ରଜିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକାଡେମିକ୍ ଡିନ୍ ଡ.ଜୀବନାନନ୍ଦ ମେହେନ ଧନ୍ୟବାଦ ଦେଇଥିଲେ।

## ୩ ୱାର୍ଡ କଣ୍ଟେନମେଣ୍ଟ ଜୋନ

**ନିଶ୍ଚିନ୍ତକୋଇଲି, ୧୮।୬ (ସ୍ୱ.ପ୍ର./ଡି.ଏନ୍.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତର ୧,୨ ଓ ୩ ୱାର୍ଡରୁ ଗୋଟିଏ ଦିନରେ ୧୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମୁଦୁଲି ଏହି ୩ ୱାର୍ଡ ସମେତ ସାନ୍ତପୁର ବଜାରରୁ ରଙ୍ଗବଜାର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ୨୨ ଜୁନ୍ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ ବଣ୍ଟନ

**ବାଙ୍କୀ/ତିଗିରିଆ,୧୮।୬(ସ୍ୱ.ପ୍ର./ଡି.ଏନ୍.ଏ.) :** ବାଙ୍କୀ ଓ ଡମପଡା ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ଉଭୟ ବ୍ଲକ କାର୍ଯ୍ୟାଳୟରେ ୩୫୨ଜଣ ଅଙ୍ଗନୱାଡ଼ିକର୍ମୀଙ୍କୁ ସିଡିପିଓଙ୍କ ଦ୍ୱାରା ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି। ଏହି ଅବସରରେ ବାଙ୍କୀ ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ୧୮୨ ଓ ଡମପଡା ବ୍ଲକ ପକ୍ଷରୁ ୧୭୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା। ସେହିପରି ତିଗିରିଆ ବ୍ଲକର ୬୪ ଜଣ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟ ଫୋନ, ପାୱାର ବ୍ୟାଙ୍କ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ଯୋଗଦେଇ ଏସବୁ ଉପକରଣ ପ୍ରଦାନ କରିଥିଲେ।

## ମାଲଗୋଦାମ ପାର୍ଶ୍ୱ ରେଲୱେ ଜମି ସର୍ଭେ ନିର୍ଦ୍ଦେଶ

### ଆରଡିସିଙ୍କ ସମୀକ୍ଷା ବୈଠକ

କଟକ ଅଫିସ, ୧୮।୬

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି)ଙ୍କ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡିସି ଅନିଲ ସାମଲ ଅଧ୍ୟକ୍ଷତା କରି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ପୁନଃ ନିର୍ମାଣ ଏବଂ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ତାଳଦଣ୍ଡା କେନାଲ ମାଲଗୋଦାମ ଯାଏ ରାସ୍ତାର ବାମପାର୍ଶ୍ୱ ଜମି ଦକ୍ଷିଣ ପୂର୍ବ ରେଲୱେ ଅଧୀନରେ ଆସୁଥିବାରୁ ଉପରୋକ୍ତ ଜମି ସମ୍ବନ୍ଧରେ ରେଲୱେ କର୍ତ୍ତୃପକ୍ଷଙ୍କ ସହିତ ସାମଲ ଆଲୋଚନା କରିଥିଲେ। ମାଲଗୋଦାମ ପାର୍ଶ୍ୱରେ ଥିବା ରେଲୱେ ଜମି ସମ୍ବନ୍ଧରେ ଜିଲା ପ୍ରଶାସନ ଓ ରେଲୱେ କର୍ତ୍ତୃପକ୍ଷ ମିଳିତ କ୍ଷେତ୍ର ସର୍ଭେ କରି ତଥ୍ୟ ଉପସ୍ଥାପନ କରିବା ପାଇଁ ପୂର୍ବତଟ ରେଲୱେର ବରିଷ୍ଠ ଯନ୍ତ୍ରୀଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ। ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜମିର ସାବକ ହାଲ ନକ୍ସା ଯାଞ୍ଚ କରି ତାଳଦଣ୍ଡା କେନାଲର ପ୍ରକୃତ ଜମି ନିର୍ଦ୍ଧାରଣ କରିବା ପାଇଁ କହିଥିଲେ। ଉକ୍ତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ପୂର୍ବତଟ ରେଲୱେର ବରିଷ୍ଠ ଯନ୍ତ୍ରୀ ରାଜେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆରଡିସି ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ଅନ୍ୟ ଅଧିକାରୀ।

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ନୂଆ ଆଶା ସଞ୍ଚାର କରିବ: ସଞ୍ଜୟ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

କରୋନାର ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ଏବଂ ଚିକିତ୍ସା ପାଇଁ ସୃଷ୍ଟି ହୋଇଥିବା ଆହ୍ୱାନକୁ ରାଜ୍ୟ ସରକାର ସଫଳତାର ସହ ମୁକାବିଲା କରୁଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ୧୬୯୦ କୋଟି ୪୬ ଲକ୍ଷ ଟଙ୍କାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ଏହି ସହାୟତା ଯୋଗୁ ଭୂମିହୀନ ଚାଷୀ, ନିର୍ମାଣ ଶ୍ରମିକ, ଗରିବ, ଆଦିମ ଜନଜାତି, ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସମସ୍ତେ ଉପକୃତ ହେବେ। ସାଢ଼େ ୪ କୋଟି ରାଜ୍ୟବାସୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ୟାକେଜ୍ ନୂଆ ଆଶା ଓ ଭରସା ସୃଷ୍ଟି କରିବ ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡିର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ପ୍ରକାଶ କରିଛନ୍ତି।

## ନୟାପଲ୍ଲୀ ଶ୍ମଶାନ, ଖେଳପଡ଼ିଆକୁ ନେଇ ମୁହାଁମୁହିଁ

ଭୁବନେଶ୍ୱର,୧୮।୬

ବିଏମ୍‌ସି ୱାର୍ଡ ନଂ.୩୭ରେ ଥିବା ନୟାପଲ୍ଲୀ ଶ୍ମଶାନ ଓ ଖେଳ ପଡ଼ିଆ ସତ୍ତା ହରାଇବାକୁ ବସିଛି। କଳିଙ୍ଗ ଷ୍ଟାଡିୟମର ସମ୍ପ୍ରସାରଣ ଓ ବିକାଶମୂଳକ କାର୍ଯ୍ୟ ପାଇଁ ଷ୍ଟାଡିୟମ ପ୍ରଶାସନ ଶୁକ୍ରବାର ଉକ୍ତ ଜମିକୁ ଦଖଲ କରିବାକୁ ଆସିଥିବାବେଳେ ବେହେରାସାହି, ଭୋଇସାହି ଓ ଶବରସାହିର ଶତାଧିକ ଗ୍ରାମବାସୀ ତୀବ୍ର ବିରୋଧ କରିବାରୁ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ସ୍ଥାନୀୟ ପୋଲିସ ପ୍ରଶାସନ ସପକ୍ଷରେ କହିବାରୁ ସ୍ଥିତି ଆହୁରି ବିଗିଡି ଯାଇଥିଲା। ଉକ୍ତ ଜମିକୁ ସ୍ଥାନୀୟ ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ପିଲା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ହେଲେ କଳିଙ୍ଗ ଷ୍ଟାଡିୟମକୁ କେବେ ଆଉ କିପରି ଏହି ଜମି ହସ୍ତାନ୍ତର କରାଯାଇଛି ତାହାର କାଗଜପତ୍ର ଦେଖାଇବାକୁ ଗ୍ରାମବାସୀ ଜିଦ୍ କରିଥିଲେ। ସେମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୭୮ରେ ଶ୍ମଶାନ ଓ ଖେଳ ପଡ଼ିଆ ଭାବେ ବ୍ୟବହାର କରିବାକୁ ଗ୍ରାମବାସୀଙ୍କୁ ଦେଇଥିଲେ। କଳିଙ୍ଗ ଷ୍ଟାଡିୟମକୁ ପ୍ରାତଃ ଭ୍ରମଣରେ ଯିବାକୁ ବାରଣ କରାଯିବା ପରେ ସ୍ଥାନୀୟ ବାସିନ୍ଦା ଉକ୍ତ ପଡ଼ିଆ ଉପରେ ନିର୍ଭର କରୁଛନ୍ତି। ଆଦିବାସୀ ପିଲାମାନେ ପ୍ରତିଦିନ ଫୁଟବଲ ଓ ବିଭିନ୍ନ ଖେଳ ଖେଳୁଛନ୍ତି। ଉକ୍ତ ଜମିକୁ କାହାକୁ ହସ୍ତାନ୍ତର ନ କରିବାକୁ ଗ୍ରାମବାସୀ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ସାମାଜିକ କର୍ମୀ ଅର୍ଜୁନ ବେହେରା, ମନୋରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ପୃଷ୍ଟି, ପ୍ରଦୀପ କୁମାର ଦାସ, ସଂଯୁକ୍ତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଓ ଭୁବନେଶ୍ୱର ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅପମିଶ୍ରଣ କୋଇଲା ସହ ୫ ଟ୍ରକ ଜବତ

ଖୁଣ୍ଟୁଣୀ, ୧୮।୬(ଡି.ଏନ୍.ଏ.)

ଆନ୍ଧ୍ର ପ୍ରଦେଶର ଭାଇଜାଗ ପୋର୍ଟରୁ ଗତ ୨୮ ତାରିଖ ଦିନ ଉନ୍ନତମାନର ଷ୍ଟିମ୍ କୋଇଲା (ୟୁଏଲ୍‌ପି କୋକ) ନେଇ ଖୁଣ୍ଟୁଣୀସ୍ଥିତ ଆରତି ଷ୍ଟିଲ କାରଖାନାକୁ ଆସୁଥିବା ୫ଟି ଟ୍ରକରୁ ପ୍ରାୟ ୧ କୋଟି ଟଙ୍କାର କୋଇଲା ହଡ଼ପ ହୋଇଥିବା ନେଇ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୭୩/୨୧ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇ ଗୁରୁବାର ଉକ୍ତ ୫ଟି ଟ୍ରକ ସହ ଅପମିଶ୍ରଣ କୋଇଲାକୁ ମଧ୍ୟ ଜବତ କରିଛି।

## ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ, ରାସ୍ତାରେ ଆବର୍ଜନା

### ସିଏମ୍‌ସିର ୱାର୍ଡ ନମ୍ବର ୧୮

କଟକ ଅଫିସ,୧୮।୬

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ୧୮ ନମ୍ବର ୱାର୍ଡବାସିନ୍ଦା ପରିମଳ ଓ ଡ୍ରେନେଜ୍ ସମସ୍ୟା ଘେରରେ ରହିଛନ୍ତି। ଏହି ୱାର୍ଡର କେତେକ ଡ୍ରେନ୍‌ରୁ କଢ଼ାଯାଇଥିବା ଆବର୍ଜନା ମୁଖ୍ୟରାସ୍ତାରେ ପଡ଼ିରହିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ସିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ନେଉନାହାନ୍ତି ବୋଲି ୱାର୍ଡବାସିନ୍ଦା ଅଭିଯୋଗ କରିଛନ୍ତି। ବାଉଁଶଗଳି, ଗୋଡ଼ସାହି ଲେନ୍, ଗଙ୍ଗାମନ୍ଦିର, ଚୂନଭାଟି ଗଳି, ବାଙ୍କା ବଜାର, ଓଡ଼ିଆ ବଜାର, ଆଲାମଚାନ୍ଦ ବଜାର, ସୂତାହାଟକୁ ନେଇ ୧୮ ନମ୍ବର ୱାର୍ଡ ଗଠିତ। କିଛିଦିନ ହେଲା ସହରରେ ବର୍ଷା ଲାଗିରହିଥିବାବେଳେ ଏହି ୱାର୍ଡର ଡ୍ରେନ୍‌ଗୁଡ଼ିକରୁ ଆବର୍ଜନା କଢ଼ାଯିବା କାର୍ଯ୍ୟ ଶେଷ ହୋଇନାହିଁ। ଓଡ଼ିଆ ବଜାର ଗଉଡ଼ ସାହିରେ ଗତ ୫ ହେବ ଡ୍ରେନ୍‌ରୁ ଆବର୍ଜନା କଢ଼ାଯାଇଥିଲେ ବି ତାହା ରାସ୍ତାରେ ପଡ଼ିରହିଛି। ଫଳରେ ଦୁର୍ଗନ୍ଧ ହେବା ସହ ଏହି ବାଟଦେଇ ଯାତାୟାତ କରିବାରେ ସମସ୍ୟା ଉପୁଜୁଛି। ସେହିଭଳି ଗଙ୍ଗାମନ୍ଦିର ସମ୍ମୁଖ ରାସ୍ତାରେ ଆବର୍ଜନା ଗଦା ହୋଇଥିଲା। ତେବେ ବର୍ଷାରେ ତାହା ପୁଣି ନାଳକୁ ବୋହିଯାଇଛି। ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଥିବାରୁ ୱାର୍ଡବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥା ସମୟରେ କାର୍ଯ୍ୟ ନ ସରିବାରୁ ଅଯଥାରେ ଅର୍ଥ ବରବାଦ୍ ହେଲା ବୋଲି ପୂର୍ବତନ କର୍ପୋରେଟର ଅରୁଣ ସେଠୀ କହିଛନ୍ତି। ସେହିପରି ଏଠାକାର ବାସିନ୍ଦା ମହମ୍ମଦ ତସିଲିଫ କହିଛନ୍ତି, ଅଧିକାଂଶ ଡ୍ରେନରେ ଆବର୍ଜନା ଜମି ରହିଥିବାରୁ ବର୍ଷାଜଳ ନିଷ୍କାସନ ହେଉନାହିଁ। ଲୋକଙ୍କ ଘରେ ଉଦ୍‌ବୃତ୍ତ ପାଣି ପଶୁଛି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ସୃଷ୍ଟି ହେଉଛି। ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି। ତରବରିଆ ଭାବେ କାର୍ଯ୍ୟ ଚାଲିଛି। ଅନେକ ଡ୍ରେନ୍ ଉପରେ ସ୍ଲାବ୍ ପଡ଼ି ନ ଥିବା ତସିଲିଫ ଅଭିଯୋଗ କରିଛନ୍ତି। ତେବେ ୱାର୍ଡ ଅଫିସର ସରୋଜ ମଲିକ କହିଛନ୍ତି, ସମସ୍ତ ସ୍ଥାନରେ ଆବର୍ଜନା କଢ଼ାଯିବା ପ୍ରାୟ ଶେଷ ହୋଇଗଲାଣି। ଶନିବାର ଆବର୍ଜନା ଉଠାଇ ନିଆଯିବ।



ଏକ ଡ୍ରେନରୁ ଅଳିଆ ବାହାରି ରାସ୍ତାରେ ପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ୱର୍ଣ୍ଣ



@ ଅନନ୍ୟା



@ କଲ୍ୟାଣୀ



@ ପ୍ରିୟାଂଶୀ



@ ବ୍ରହ୍ମାନନ୍ଦ



@ ଗୋପାଳ

## ଏସ୍‌ବିଆଇ ପକ୍ଷରୁ ସିଆଇଏସ୍‌ଏଫ୍ କର୍ମଚାରୀଙ୍କୁ କୋଭିଡ୍ ସାମଗ୍ରୀ ପ୍ରଦାନ

ଭୁବନେଶ୍ୱର,୧୮।୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଶୁକ୍ରବାର କୋଭିଡ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ପାଇଁ ଦିନରାତି ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ସିଆଇଏସ୍‌ଏଫ୍ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏସ୍‌ବିଆଇ ପକ୍ଷରୁ କୋଭିଡ୍ କିଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଏସ୍‌ବିଆଇର ଉପମହାପ୍ରବନ୍ଧକ ଏବଂ ମଣ୍ଡଳ ଅଧିକାରୀ ଅନୁପ କୁମାର ସିହ୍ନା, ସହାୟକ ମହାପ୍ରବନ୍ଧକ ଏ.ଉଦିଥ ଏକ୍କାଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତରେ ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ସୁଧୀର କୁମାର ଉକ୍ତ ସାମଗ୍ରୀଗୁଡ଼ିକୁ ଗ୍ରହଣ କରିଥିଲେ। ଉକ୍ତ କିଟ୍‌ରେ ସାନିଟାଇଜର, ମାସ୍କ, ଫେସ୍ ସିଲ୍ଡ ଏବଂ ହ୍ୟାଣ୍ଡ ଗ୍ଲୋଭ୍ସ ଭଳି ଅନେକ ସାମଗ୍ରୀ ରହିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସିଆଇଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀ ବି.କେ. ପ୍ରଧାନ, ଇନ୍ସପେକ୍ଟର ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସରକାରଙ୍କ କୋଭିଡ୍ କଟକଣା ଏବଂ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସୁଧୀର କୁମାର ବ୍ୟାଙ୍କର ଏଭଳି ମହତ କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ।




ଏସ୍‌ବିଆଇ ଟିମ୍ ପକ୍ଷରୁ ସିଆଇଏସ୍‌ଏଫ ଅଧିକାରୀ କୋଭିଡ୍ କିଟ୍ ପ୍ରଦାନ କରାଯାଉଛି।

**ଏନ୍‌କାଉଣ୍ଟରରେ ମହିଳା ମାଓବାଦୀ ନିହତ**

ମାଲକାନଗିରି/ଏମ୍‌ଭି ୭୯,(ଡି.ଏନ୍.ଏ.): ପୋଲିସ ଏନ୍‌କାଉଣ୍ଟରରେ ଶୁକ୍ରବାର ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବସ୍ତର ଏବଂ ସୁକ୍‌ମା ଜିଲା ସୀମାନ୍ତବର୍ତ୍ତୀ ଚାନ୍ଦମେଟା, ପଟେଲପାରା, ଗଡ଼ମେପାରା, ଆଣ୍ଡାଲପାରା, ତୁଲସୀ ଡୋଙ୍ଗ୍ରି, ପାୟାରବ ଏବଂ କାଙ୍ଗେରଘାଟି ଏରିଆରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ବସ୍ତର ଓ ଦାନ୍ତେୱାଡା ଡିଆରଜି ଟିମ୍, ସୁକ୍‌ମା ଜିଲା ପୋଲିସ ଫୋର୍ସ, ସିଆରପିଏଫ୍ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳଗୁଡିକରେ କୋମ୍ବିଂ ଅପରେଶନ କରାଯାଇଥିଲା। ଶୁକ୍ରବାର ସକାଳେ ଚାନ୍ଦମେଟା ଏବଂ ପୟାରଭଣ୍ଡ ଜଙ୍ଗଲରେ ମାଓବାଦୀ ଏବଂ ବସ୍ତର ଡିଆରଜି ଟିମ୍ ମୁହାଁମୁହିଁ ହୋଇଥିଲେ।

## କ୍ଷତିଗ୍ରସ୍ତ ଜମାକାରୀଙ୍କ ଦାବି ଦରଖାସ୍ତ ପ୍ରଦାନ ସମୟ ବଢ଼ିଲା

**ଭୁବନେଶ୍ୱର, ୧୮।୬(ବ୍ୟୁରୋ):** କ୍ଷତିଗ୍ରସ୍ତ ଜମାକାରୀମାନେ ଅନ୍‌ଲାଇନରେ ସେମାନଙ୍କ ଦାବି ଦରଖାସ୍ତ (କ୍ଲେମ୍ ଆପ୍ଲିକେଶନ) ଦାଖଲ କରିପାରିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଏନେଇ ଏକ ନୂତନ ୱେବ୍‌ସାଇଟ୍ www.opid.odisha.gov.inକୁ ଗତ ୪ ତାରିଖରେ ପ୍ରଚଳନ କରିଥିଲା। ପ୍ରାରମ୍ଭରେ ହାଇଟେକ୍ ଇଷ୍ଟେଟସ୍ ଓ ପ୍ରମୋଟର୍ସ ପ୍ରା. ଲିଃ. ଏବଂ ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର କଲ୍ୟାଣବିହାର, କଲ୍ୟାଣବିହାର ଫେଜ୍-୨, ଭାଗ୍ୟନଗର, କୁଞ୍ଜବିହାର ଓ ପୁଷ୍ପାଞ୍ଜଳି ଏନ୍‌କ୍ଲେଭ୍ ଯୋଜନାରେ ବାସୋପଯୋଗୀ ଜମି (ପ୍ଲଟ୍) ପାଇଁ ଟଙ୍କା ଦେଇ କୌଣସି ଜମି ନ ପାଇ କିମ୍ବା ଜମାରାଶି ଫେରସ୍ତ ପାଇ ନ ଥିବା କ୍ଷତିଗ୍ରସ୍ତ ଜମାକାରୀଙ୍କଠାରୁ ଅନ୍‌ଲାଇନରେ ଦାବି ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପ୍ରାପ୍ତ ସୂଚନା ମୁତାବକ, ୧୪ ଦିନରେ ୧୩ ଶହରୁ ଉର୍ଦ୍ଧ୍ୱ ଜମାକାରୀ ସେମାନଙ୍କ ଦାବି ଆବେଦନପତ୍ର ଅନ୍‌ଲାଇନ ମାଧମରେ ଦାଖଲ କରିଛନ୍ତି। ଉକ୍ତ କମ୍ପାନୀ ପାଇଁ ଅନ୍‌ଲାଇନରେ ଦାବି ଦରଖାସ୍ତ ଦାଖଲ ଶେଷ ତାରିଖ ୧୯ ଜୁଲାଇ, ୨୦୨୧ ରଖାଯାଇଛି। ତେଣୁ ଏହି କମ୍ପାନୀର ଯେଉଁ କ୍ଷତିଗ୍ରସ୍ତ ଜମାକାରୀମାନେ ସେମାନଙ୍କ ଦାବି ଦରଖାସ୍ତ ଅନ୍‌ଲାଇନରେ ଦେଇନାହାନ୍ତି ସେମାନେ ଧାର୍ଯ୍ୟ ତାରିଖ ପୂର୍ବରୁ ଦାଖଲ କରିବାକୁ ଅତିରିକ୍ତ ଜିଲାପାଳ ତଥା କ୍ଷମତାପନ୍ନ ଅଧିକାରୀ, କଟକ ଜଣାଇଛନ୍ତି। ଅଫ୍‌ଲାଇନରେ କୌଣସି ଦାବି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ସୂଚନାଯୋଗ୍ୟ, ଜମାକାରୀମାନେ ନିଜେ ଘରୁ କିମ୍ବା ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ସହାୟତା ନେଇ ସେମାନଙ୍କ ଦାବି ଦରଖାସ୍ତ ଦାଖଲ କରିପାରିବେ। ଅନ୍‌ଲାଇନରେ ଦାବି ଦରଖାସ୍ତ ଦାଖଲ ସମୟରେ ଆବେଦନକାରୀ କୌଣସି ବୈଷୟିକ ଅସୁବିଧାର ସମ୍ମୁଖୀନ ହେଲେ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୭୦ କିମ୍ବା ୧୫୫୩୩୫ରେ ପ୍ରତ୍ୟହ (ରବିବାର ବ୍ୟତୀତ) ପୂର୍ବାହ୍ନ ୧୦ରୁ ଅପରାହ୍ଣ ୬ଟା ମଧରେ ଯୋଗାଯୋଗ କରିପାରିବେ।

# ବାଲି ଲୁଟ୍‌ର ତଦନ୍ତ ଆରମ୍ଭ

**ମସୁଦପୁର ବାଲିଘାଟ**

**ଏନ୍‌ଜିଟି ନିର୍ଦ୍ଦେଶରେ ହୋଇଛି କମିଟି**

**ଯାଜପୁର ଅଫିସ/କୋରେଇ/ପାଣିକୋଇଲି(ଡି.ଏନ.ଏ.),୧୮।୬**

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ମସୁଦପୁର ମୌଜାରେ ବେଆଇନ ବାଲି ଖାଦାନ ଅଭିଯୋଗ ସଂକ୍ରାନ୍ତରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ତଦନ୍ତ ହୋଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ପରିବେଶ ବୈଜ୍ଞାନିକ ଏମ୍. ଆର୍. ପ୍ରସାଦ, ଖଣି ବିଭାଗ ସହ ନିର୍ଦ୍ଦେଶକ ବି.କେ. ସାହୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା ପ୍ରମୁଖ ଏହି ତଦନ୍ତରେ ସାମିଲ ହୋଇଥିଲେ। ୧୫।୪।୨୦୨୧ରେ ଏନଜିଟି ପକ୍ଷରୁ ଜଷ୍ଟିସ ବି.ଅମିତ୍ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ବାଲି ଖାଦାନ ଦ୍ୱାରା ହୋଇଥିବା କ୍ଷତି ପରିମାଣ, ପରିବେଶ କ୍ଷୟକ୍ଷତି ଆକଳନ, ନଦୀଶଯ୍ୟା, ନଷ୍ଟ ଇତ୍ୟାଦି ସମ୍ପର୍କରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଜିଲାପାଳ, ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (ଡିଡିଏମ), ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ବୈଜ୍ଞାନିକ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପ୍ରତିନିଧିଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଏହି ଦାୟିତ୍ୱ ନିର୍ବାହ କରିବେ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଥିଲା।

ବ୍ୟାସନଗର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ପାର୍ଶ୍ୱବର୍ତ୍ତୀ ମସୁଦପୁର ଗ୍ରାମର ପିନାକ ରଞ୍ଜନ ଦାସଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଏନଜିଟିରେ ଏହି ଅଭିଯୋଗ ଦାଖଲ କରିଥିଲେ। ତଦନୁସାରେ (କେସ୍ ନଂ-୪୮/୨୦୨୦/ଇଜେଡ୍)ରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀର ଗତିପଥ ବଦଳିବା, ଖରସ୍ରୋତା ବ୍ରିଜ୍ ପ୍ରତି ବିପଦ, ସ୍ଥାନୀୟ ହାଟ, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ପ୍ରଭାବ ଏବଂ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ହୋଇଛି। ଏହା ପୂର୍ବରୁ ଗ୍ରାମବାସୀ ତହସିଲଦାର ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତେଣୁ ଦାସ ବାଧ୍ୟ ହୋଇ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏନଜିଟିରେ ମାମଲା ରୁଜୁ ହେବା ପରେ ବାଲି ଲୁଟ୍ କରିଥିବା ଅଭିଯୋଗରେ ଲକ୍ଷ୍ମୀଧର ମହାନ୍ତିଙ୍କ ଉପରେ ୨୦ ହଜାର ଜରିମାନା ଓ ବ୍ୟାସନଗର ତହସିଲ ପକ୍ଷରୁ ଗଚ୍ଛିତ ବାଲିକୁ ଆକଳନ କରାଯାଇ ୧ ଲକ୍ଷ ୮୮ ହଜାର ୨୩୭ ଟଙ୍କା ଜରିମାନା କରାଯାଇଥିଲା। ମାତ୍ର ଏହି ଜରିମାନା ସୁଲାସୁତୁରାରେ କରାଯିବା ଓ ତଦନ୍ତ ସମୟରେ ଅଭିଯୋଗକାରୀ ଦାସଙ୍କୁ ଡକା ନ ଯିବା ଓ ବହୁ ଅଧିକ ପରିମାଣରେ ରାଜସ୍ୱ ହାନି ହେବା ନେଇ ଏନ୍‌ଜିଟିରେ ପୁନଃ ଅଭିଯୋଗ ହୋଇଥିଲା। ଜିଲାପାଳ ରାଠୋର କହିଛନ୍ତି, ନଦୀରୁ ବାଲି ଉତ୍ତୋଳନର ମାପ କରାଯିବା ପରେ ଏନେଇ ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବୈତରଣୀ ନଦୀଗର୍ଭରେ ଯାଜପୁର ଜିଲାର ବ୍ୟାସନଗର ତହସିଲ ଅନ୍ତର୍ଗତ ସଠିପୁର ଲିଙ୍ଗେଶ୍ୱର, ନିଶଙ୍କପୁର, ନୟାହାଟପାଟଣା, ଗହ୍ମାରିଆ, ଦୋସିଆମୁହାଁ, କଣ୍ଟାବଣିଆ, ସାହାଡାଶୁଣୀ, ମୁକୁନ୍ଦପୁର, ମଥୁରାପୁର, ମୂଳାପାଳ, ସାଁଆଳ, ସାଲବା ଆଦି ବାଲିଘାଟରେ ବେଆଇନ ଉତ୍ତୋଳନ ବ୍ୟାପକ ହେଉଛି। ଏକାଧିକ ମେଶିନ ଲଗାଇ ନିର୍ଦ୍ଧାରିତ ପରିମାଣଠାରୁ ୧୦ଗୁଣରୁ ଅଧିକ ବାଲି ଲୁଟ୍ କରାଯାଉଛି। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆଇନର ଆଶ୍ରୟ ନିଆଯିବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବିଜୁ ଯୁବ ଜନତା ଦଳର ରକ୍ତଦାନ ଶିବିର




ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର।

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ହୋଇଯାଇଛି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର। ଏହାକୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ବିଜେଡି ଯୁବ ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ତତ୍ତ୍ୱାବଧାନରେ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଦିବ୍ୟାଙ୍ଗ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସମାଜ ସେବାରେ ନିଜର ଅବଦାନ ନେଇ ଏକ ଅଭିନବ ବାର୍ତ୍ତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭିନ୍ନକ୍ଷମ ଆୟୋଗ କମିଶନର ସୁଲୋଚନା ଦାସ, ଓଡ଼ିଶା ଉଠାଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ, ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧକ୍ଷ ଚିନ୍ମୟ ସାହୁ, ବିଜେଡି ସମ୍ପାଦକ ଦୁର୍ଗା ସାମନ୍ତରାୟ, ରୁଦ୍ର ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ଜେନା, ତନ୍ମୟ ସ୍ୱାଇଁ ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ଠିକ୍ ସମୟରେ ଚାଷୀଙ୍କୁ ଖରିଫ ଋଣ ଯୋଗାଅ: ମନ୍ତ୍ରୀ

**ଭୁବନେଶ୍ୱର, ୧୮।୬(ବ୍ୟୁରୋ)**

କୋଭିଡ୍ ସମୟରେ କୃଷିକାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ଚାଷୀଙ୍କୁ ଠିକ୍ ସମୟରେ ପର୍ଯ୍ୟାପ୍ତ ସାର ଓ ବିହନ ଯୋଗାଣ ସହିତ ଖରିଫ ଫସଲ ଋଣ ଯୋଗାଇଦିଅ। ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭର୍ଚୁଆଲରେ ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଚଳିତ ଖରିଫଋତୁରେ ସମବାୟ ମାଧ୍ୟମରେ ଫସଲ ଋଣ ଯୋଗାଣ, ପ୍ୟାକ୍ସ ଜରିଆରେ ସାର ଓ ବିହନ ଆଦି ଯୋଗାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେ କହିଛନ୍ତି, କରୋନା ମହାମାରୀ ସମୟରେ କୃଷି କାର୍ଯ୍ୟ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିପାରୁଛି। ଚାଷୀଙ୍କ ପାଇଁ ସାର ଓ ବିହନ ଯେପରି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହୋଇପାରିବ ସେଥିପ୍ରତି ଆଗୁଆ ପଦକ୍ଷେପ ନିଆଯିବା ଆବଶ୍ୟକ। ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ପାଇଁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛତ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସମବାୟ ସମିତି ସମୂହର ନିବନ୍ଧକ ପ୍ରତି ସପ୍ତାହରେ ଭର୍ଚୁଆଲରେ ବୈଠକ କରି ଋଣ ପ୍ରଦାନର ଅଗ୍ରଗତିର ସମୀକ୍ଷା କରିବେ। ସାପ୍ତାହିକ ରିପୋର୍ଟ ବିଭାଗକୁ ପଠାଇବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ତୃତୀୟ ଲହର ପାଇଁ ସରକାର ପ୍ରସ୍ତୁତ: ସ୍ୱାସ୍ଥ୍ୟମନ୍ତ୍ରୀ

- **ଶିଶୁମାନେ କମ୍ ସଂକ୍ରମିତ ହେବେ : ଡିଏମ୍ଇଟି**
- **ଶେଷ ସପ୍ତାହରୁ ଦୈନିକ ୩ଲକ୍ଷ ଟିକାକରଣ ଲକ୍ଷ୍ୟ**

**ଭୁବନେଶ୍ୱର, ୧୮।୬(ବ୍ୟୁରୋ)**

ରାଜ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି କରିଥିବା କରୋନାର ଦ୍ୱିତୀୟ ଲହର ଥମିବା ପରେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଏବେ ଚିନ୍ତା ବଢ଼ିଛି। ଏହାର ମୁକାବିଲା କରିବାକୁ ସରକାରୀ ସ୍ତରରେ ଜୋର୍‌ସୋରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପଇଁ ସରକାର ପ୍ରସ୍ତୁତ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଇତିମଧ୍ୟରେ ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯିବା ସହ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖକୁ ପଠାଯାଇଛି। ଶିଶୁଙ୍କୁ କିଭଳି ସ୍ୱତନ୍ତ୍ର ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି। ସେମାନଙ୍କ ପାଇଁ ୨,୩୯୦ ବେଡ୍ ଓ ୬୧୦ ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯାଇଛି। ଅକ୍ସିଜେନ୍ ଓ ମେଡିସିନ ମଧ୍ୟ ମହଜୁଦ୍ ରହିଛି। ସ୍ୱତନ୍ତ୍ର ପ୍ରଶିକ୍ଷଣ ସରିଛି। ଏଥିସହ ରାଜ୍ୟରେ ଟିକାକରଣକୁ ଆହୁରି ବ୍ୟାପକ କରାଯିବ। ଜୁନ୍ ଶେଷ ସପ୍ତାହରୁ ଦୈନିକ ୩ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆସନ୍ତା ସପ୍ତାହରେ ରାଜ୍ୟକୁ ଆହୁରି ଟିକା ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେପଟେ ମହାରାଷ୍ଟ୍ରରେ ତୃତୀୟ ଲହର ଆଶଙ୍କା ପରେ ଓଡ଼ିଶା ସରକାର ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ଡିଏମ୍ଇଟି ସିବିକେ ମହାନ୍ତି। ସେ କହିଛନ୍ତି, ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିବାରୁ ସେମାନେ କମ୍ ସଂକ୍ରମିତ ହେବେ। ବର୍ତ୍ତମାନ ପାଇଁ ତୃତୀୟ ଲହର କେବଳ ଆକଳନ ମାତ୍ର। ଏହାର ଅର୍ଥ ନୁହେଁ କି ତୃତୀୟ ଲହର ଓଡ଼ିଶାକୁ ଆସିବନି। କୋଭିଡ୍ ନିୟମାବଳୀ ଓ ଟିକାକରଣକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ଭିତ୍ତିଭୂମି ମଜଭୁତ କରୁଛନ୍ତି ବୋଲି ଡିଏମ୍ଇଟି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ମହାରାଷ୍ଟ୍ରରେ ତୃତୀୟ ଲହର ଆସିଲେ ମଧ୍ୟ ବଡ଼ ହେବ ବୋଲି ଭାବୁନି। କୌଣସି ଟିକା ୧୦୦% କାମ ଦିଏନି। ତେବେ ୨ଟି ଟିକା ନେଇଥିବା ଲୋକଙ୍କୁ ସଂକ୍ରମଣ ୮୮% କମ୍ ହେଉଥିବା ଅନୁଧ୍ୟାନରୁ ଦେଖାଯାଇଛି। ଟିକା ନେଲା ପରେ ବି ଆମକୁ କୋଭିଡ୍ ନିୟମ ମାନିବାକୁ ପଡ଼ିବ ବୋଲି ଡା. ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ କରୋନା ସଂକ୍ରମଣ ଓ ମୃତ୍ୟୁ ହାର ତଳମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୩,୮୦୬ ପଜିଟିଭ୍ ଚିହ୍ନଟ ଓ ୩୭ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୮,୭୦,୪୯୮ ଥିବା ବେଳେ ମୃତ୍ୟୁ ୩,୫୦୮କୁ ବୃଦ୍ଧି ପାଇଛି। ସେହିଭଳି ବର୍ତ୍ତମାନ ୩୭,୦୮୬ଜଣ ସକ୍ରିୟ ରୋଗୀ ରହିଛନ୍ତି। ଫଳରେ ଏବେମାତ୍ର ୪ ଜିଲା ରେଡ୍ ଜୋନ୍‌ରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଖେଳ ଖବର

# ବ୍ରାଜିଲର କ୍ରମାଗତ ଦ୍ୱିତୀୟ ବିଜୟ

**କୋପା ଆମେରିକା ଫୁଟ୍‌ବଲ**

**ରିଓ ଡି ଜେନିରୋ,୧୮।୬**

କୋପା ଆମେରିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ବ୍ରାଜିଲ ବିଜୟଧାରା ବଜାୟ ରଖିଛି। ବ୍ରାଜିଲ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୪-୦ ଗୋଲରେ ପେରୁକୁ ହରାଇଛି। ଏପର୍ଯ୍ୟନ୍ତ ମୋଟ ଉପରେ ବ୍ରାଜିଲ କ୍ରମାଗତ ନବମ ବିଜୟ ହାସଲ କରିଛି। ଏଥିସହ ବ୍ରାଜିଲ ଟାଇଟଲ ହାସଲ ସମ୍ଭାବନାକୁ ଆହୁରି ଦୃଢ଼ କରିଛି। ଏହା ପୂର୍ବରୁ ବ୍ରାଜିଲ ତା'ର ପ୍ରଥମ ମ୍ୟାଚ୍‌ରେ ଭେନିଜୁଏଲାକୁ ୩-୦ ଗୋଲରେ ପରାସ୍ତ କରିଥିଲା। ସ୍ଥାନୀୟ ନିଲଟୋନ ସାଣ୍ଟୋସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ବ୍ରାଜିଲ ତରଫରୁ ଆଲେକ୍ସ ସାଣ୍ଡ୍ରୋ ଦ୍ୱାଦଶ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ତାରକା ଷ୍ଟ୍ରାଇକର ନେମାର ୬୮ତମ ମିନିଟ୍‌ରେ ଦଳ ତରଫରୁ ଦ୍ୱିତୀୟ ଗୋଲ ଦେଇଥିଲେ। ୮୯ତମ ମିନିଟ୍‌ରେ ଇଭରଟନ ରିବେଇରୋ ଗୋଲ ଦେଇଥିଲେ। ଶେଷରେ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍‌ରେ ଷ୍ଟ୍ରାଇକର ରିଚାର୍ଲିଶନ ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ।



ନେମାର ଗୋଲ ଦେବାପରେ ବ୍ରାଜିଲ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

ଏହି ବିଜୟ ସହ ବ୍ରାଜିଲ ଗ୍ରୁପ୍ ଏ'ରେ ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ୬ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି କଲମ୍ବିଆ ଗୋଟିଏ ବିଜୟ, ଗୋଟିଏ ଡ୍ର ସହ ୪ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। କୋଚ୍ ଟିଟେଙ୍କ ତତ୍ତ୍ୱାବଧାନରେ ବ୍ରାଜିଲ ଆଶାନୁରୂପ ପ୍ରଦର୍ଶନ କରିଛି। ୨୦୨୨ କାତାର ବିଶ୍ୱକପ୍ ପାଇଁ ବ୍ରାଜିଲ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପେରୁ ଚାପର ବଶବର୍ତ୍ତୀ ହୋଇଥିଲା ଓ ସ୍ୱାଭାବିକ ଖେଳିପାରି ନ ଥିଲା। ବ୍ରାଜିଲ ପେରୁକୁ କୌଣସି ସୁଯୋଗ ମଧ୍ୟ ଦେଇ ନ ଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ବ୍ରାଜିଲ ବୁଧବାର କଲମ୍ବିଆ ବିପକ୍ଷରେ ଖେଳିବ। ୪ଟି ଗ୍ରୁପ୍‌ର ଶ୍ରେଷ୍ଠ ଦଳଗୁଡିକ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ।

### କଲମ୍ବିଆ-ଭେନିଜୁଏଲା ମ୍ୟାଚ୍ ଡ୍ର

ବ୍ରାସିଲିଆ: କୋପା ଆମେରିକାରେ ଅନ୍ୟ ଏକ ଗ୍ରୁପ୍ ଏ' ମୁକାବିଲାରେ କଲମ୍ବିଆ ଓ ଭେନିଜୁଏଲା ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଡ୍ର ରହିଛି। ଏଥିସହ ୪ ପଏଣ୍ଟ ହାସଲ କରି କଲମ୍ବିଆ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଭେନିଜୁଏଲା ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧ ପଏଣ୍ଟ ହାସଲ କରି ଗ୍ରୁପ୍ ଏ'ର ତୃତୀୟ ସ୍ଥାନରେ ରହିଛି। ଅମୀମାଂସିତ ରହିଥିଲେ ମଧ୍ୟ କଲମ୍ବିଆ ଅଧିକ ପ୍ରଭାବୀ ପ୍ରଦର୍ଶନ କରିଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ କଲମ୍ବିଆ ଆଗରେ ଥିଲେ ମଧ୍ୟ ଗୋଲ ସ୍କୋର କରିପାରି ନ ଥିଲା। ପୂର୍ବରୁ କଲମ୍ବିଆ ତା'ର ପ୍ରଥମ ମ୍ୟାଚ୍‌ରେ ଇକ୍ୱେଡରକୁ ୧-୦ ଗୋଲରେ ହରାଇଥିଲା। କଲମ୍ବିଆ ୨୧ ତାରିଖ ସୋମବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପେରୁକୁ ଭେଟିବ। ସେହିପରି ଭେନିଜୁଏଲା ପରବର୍ତ୍ତୀ ମ୍ୟାଚ୍‌ରେ ସେହିଦିନ ଇକ୍ୱେଡରକୁ ଭେଟିବ।

## ଅଷ୍ଟ୍ରିଆକୁ ହରାଇ ନକ୍‌ଆଉଟ୍‌ରେ ନେଦରଲାଣ୍ଡ୍ସ

**ୟୁରୋକପ୍ ଫୁଟ୍‌ବଲ**

**ଆମଷ୍ଟରଡାମ,୧୮।୬**

ୟୁରୋକପ୍‌ରେ ଗୁରୁବାର ନେଦରଲାଣ୍ଡ୍ସ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ସ୍ଥାନୀୟ ଆମଷ୍ଟରଡାମ ଏରିନାରେ ଖେଳାଯାଇଥିବା ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୨-୦ ଗୋଲରେ ଅଷ୍ଟ୍ରିଆକୁ ହରାଇଛି। ଏଥିସହ ନେଦରଲାଣ୍ଡ୍ସ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ମ୍ୟାଚ୍‌ର ୧୧ତମ ମିନିଟ୍‌ରେ ଫରୱାର୍ଡ ମେମଫିସ୍ ଡିପେ ପେନାଲ୍ଟି ଜରିଆରେ ଗୋଲ ଦେଇ ନେଦରଲାଣ୍ଡ୍ସକୁ ଅଗ୍ରଣୀ କରାଇଥିଲେ। ସେହିପରି ୬୭ତମ ମିନିଟ୍‌ରେ ରାଇଟ୍‌ବ୍ୟାକ୍ ଡେଞ୍ଜେଲ ଡମ୍‌ଫ୍ରାଇଜ୍ ଆଉ ଏକ ଗୋଲ ଦେଇଥିଲେ। ୨-୦ରେ ଅଗ୍ରଣୀ ହାସଲ କରିବା ପରେ ନେଦରଲାଣ୍ଡ୍ସ ଏହାକୁ ବେକାର ହେବାକୁ ଦେଇ ନ ଥିଲା। ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ବିଜୟରେ କୋଚ୍ ଫ୍ରାଙ୍କ ଡି ବୋଏର ଖୁସି ଜାହିର କରିଛନ୍ତି। ଯୋଜନା ଅନୁଯାୟୀ ଖେଳି ଆମେ ସଫଳ ହୋଇଛୁ। ଆମେ ଭିନ୍ନ ପ୍ରକାର କୌଶଳ ଆପଣେଇ ଥିଲୁ।




ଗୋଲ ସ୍କୋର ପରେ ନେଦରଲାଣ୍ଡ୍ସ ଦଳର ଖେଳାଳିମାନେ।

ଏହା କାମ ଦେଲା ବୋଲି ସେ କହିଛନ୍ତି।

ଗୋଟିଏ ମ୍ୟାଚ୍ ବାକି ଥାଇ ନେଦରଲାଣ୍ଡ୍ସ ଗ୍ରୁପ୍ ସି'ରେ ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ୬ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ରାଉଣ୍ଡ ଅଫ୍ ୧୬କୁ ପ୍ରବେଶ କରିଛି। ଅନ୍ୟପଟେ ୟୁକ୍ରେନ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଦୀର୍ଘ ୭ ବର୍ଷ ପରେ ନେଦରଲାଣ୍ଡ୍ସ କୌଣସି ମେଜର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଖେଳି ନକ୍‌ଆଉଟ ପର୍ଯ୍ୟାୟକୁ ଉଠିଛି। ୧୯୮୮ ୟୁରୋକପ୍‌ରେ ନେଦରଲାଣ୍ଡ୍ସ ଟାଇଟଲ ହାସଲ କରିଥିଲା। ସେହିପରି ୨୦୧୪ରେ ବ୍ରାଜିଲରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଏହି ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସୋମବାର ନେଦରଲାଣ୍ଡ୍ସ ଗ୍ରୁପ୍ ସି'ରେ ତାର ଅନ୍ତିମ ମ୍ୟାଚ୍‌ରେ ନର୍ଥ ମାସିଡୋନିଆକୁ ଆମଷ୍ଟରଡାମରେ ଭେଟିବ। ସେହିପରି ଅଷ୍ଟ୍ରିଆ ବୁକାରେଷ୍ଟରେ ୟୁକ୍ରେନଙ୍କୁ ଭେଟିବ। ଆମ ପାଖରେ ଏବେ ବି ସୁଯୋଗ ରହିଛି ବୋଲି ଅଷ୍ଟ୍ରିଆ କୋଚ୍ ଫ୍ରାଙ୍କୋ ଫୋଡା କହିଛନ୍ତି।

## ହାରିଲା ସ୍ଲୋଭାକିଆ


**ସେଣ୍ଟ ପିଟର୍ସବର୍ଗ,୧୮।୬:** ୟୁରୋ କପ୍‌ରେ ଶୁକ୍ରବାର ସ୍ୱିଡେନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଗ୍ରୁପ୍ ଇ'ରେ ସ୍ୱିଡେନ ୧-୦ ଗୋଲରେ ସ୍ଲୋଭାକିଆକୁ ହରାଇଛି। ୭୭ତମ ମିନିଟ୍‌ରେ ଏମିଲ ଫୋର୍ସବର୍ଗ ପେନାଲ୍ଟି ଜରିଆରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୨ଟି ମ୍ୟାଚ୍ ଖେଳି ସ୍ୱିଡେନ ଗୋଟିଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ଗ୍ରୁପ୍ ଇ'ର ଶୀର୍ଷରେ ରହିଛି। ପୂର୍ବରୁ ସ୍ୱିଡେନ ତା'ର ସ୍ପେନ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଗୋଲଶୂନ୍ୟ ଡ୍ର ରଖିଥିଲା। ସେହିପରି ସ୍ଲୋଭାକିଆ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ସ୍ଲୋଭାକିଆ ତା'ର ପ୍ରଥମ ମ୍ୟାଚ୍‌ରେ ପୋଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଥିଲା।

# ବର୍ଷାରେ ଧୋଇଲା ପ୍ରଥମ ଦିନ ଖେଳ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

**ସାଉଥାମ୍ପଟନ, ୧୮।୬(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଶୁକ୍ରବାର ଆରମ୍ଭ ହୋଇ ପାରିନାହିଁ। ବର୍ଷା ଯୋଗୁ ପ୍ରଥମ ଦିବସ ଖେଳ ସମ୍ପୂର୍ଣ୍ଣ ଧୋଇ ଯାଇଛି। ଫଳରେ ରିଜର୍ଭ ଦିବସରେ ଖେଳ ହେବା ସ୍ପଷ୍ଟ ହୋଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଆଇସିସି ପ୍ଲେଇଂ କଣ୍ଡିଶନ୍ସ ଗାଇଡଲାଇନ୍ ଅନୁସାରେ ଯଦି ପ୍ରଥମ ଦିବସ ଖେଳ ୬ ଘଣ୍ଟା ବାଧାପ୍ରାପ୍ତ ହୁଏ ତେବେ ରିଜର୍ଭ ଦିବସରେ ୬ ଘଣ୍ଟା ଖେଳ ହେବ। କ୍ରମାଗତ ବର୍ଷା ହେବା ଫଳରେ ସାଉଥାମ୍ପଟନ ଗ୍ରାଉଣ୍ଡରେ ଉତ୍ତମ ଡ୍ରେନେଜ ସିଷ୍ଟମ ଥିଲେ ହେଁ ପ୍ରଥମ ଦିବସରେ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବ ହୋଇ ନ ଥିଲା। ଅମ୍ପାୟର ମାଇକେଲ ଗଫ ଓ ରିଚାର୍ଡ ଇଲିଂୱର୍ଥ ଏକାଧିକଥର ପଡ଼ିଆ ନିରୀକ୍ଷଣ କରିବାପରେ ଅପରାହ୍ନ ୩ଟା ୩୦ (ଭାରତୀୟ ସମୟ ରାତି ୭ଟା ୩୦)ରେ ପ୍ରଥମ ଦିବସ ଖେଳ ବାତିଲ କରିଥିଲେ।




## ରାଉଣ୍ଡ ଅଫ୍ ୧୬ରେ ବେଲ୍‌ଜିୟମ

**କୋପେନହାଗେନ,୧୮।୬**

ବେଲ୍‌ଜିୟମ ୟୁରୋ କପ୍ ଗ୍ରୁପ୍ ବି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଡେନ୍‌ମାର୍କକୁ ହରାଇ ରାଉଣ୍ଡ ଅଫ୍ ୧୬ ଅର୍ଥାତ୍ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ଗୁରୁବାର ପାର୍କେନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଲ୍‌ଜିୟମ ୨-୧ ଗୋଲରେ ଡେନ୍‌ମାର୍କକୁ ହରାଇଛି। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ବେଲ୍‌ଜିୟମ ଅପେକ୍ଷାକୃତ ଅଧିକ ଭଲ ପ୍ରଦର୍ଶନ କରିଥିଲା। ତେବେ ୟୁସୁଫ ପୌଲସେନ ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଡେନମାର୍କକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧରେ ଡେନମାର୍କ ଭଲ ଖେଳିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବେଲ୍‌ଜିୟମ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇଥିଲା। ଦଳ ତରଫରୁ ୫୪ତମ ମିନିଟ୍‌ରେ ଥୋର୍ଗାନ ହାଜାର୍ଡ ପ୍ରଥମ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ଥିତିକୁ ଆଣିଥିଲେ। ଏହାପରେ ୭୦ତମ ମିନିଟ୍‌ରେ କେଭିନ ଡି ବ୍ରୁଏନ୍ ଦ୍ୱିତୀୟ ଗୋଲ ଦେଇ ବେଲ୍‌ଜିୟମକୁ ଅଗ୍ରଣୀ କରାଇଥିଲେ। ୨ ମ୍ୟାଚ ଖେଳି ୨ଟି ବିଜୟ ସହ ବେଲ୍‌ଜିୟମ ୬ ପଏଣ୍ଟ ହାସଲ କରି ଗ୍ରୁପ୍ ବି' ଶୀର୍ଷରେ ରହିବା ସହ ନକ୍ ଆଉଟକୁ ଉଠିଛି। ସେହିପରି ରୁଷିଆ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।

## ମଧ୍ୟାହ୍ନ ଭୋଜନରୁ ଜିଏସ୍‌ଟି ଛାଡ଼

ମଧ୍ୟାହ୍ନଭୋଜନ ଯୋଜନାରେ ସ୍କୁଲଗୁଡିକୁ ଖାଦ୍ୟ ଯୋଗାଣ କ୍ଷେତ୍ରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଛାଡ଼ କରାଯାଇଛି। ଏହା ମଧ୍ୟରେ ପ୍ରିସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡିକ ମଧ୍ୟ ସାମିଲ ରହିଛି। ଏ ନେଇ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ଖାଦ୍ୟ ଯୋଗାଣ ସରକାରୀ ଅନୁଦାନ ଦ୍ୱାରା ହେଉଥିବା ଆବଶ୍ୟକ। ଏ ସଂକ୍ରାନ୍ତରେ ସରକାରଙ୍କ ହସ୍ତକ୍ଷେପ ପୂର୍ବରୁ ଲୋଡ଼ାଯାଇଥିଲା। ବିଭିନ୍ନ ଦିଗକୁ ବିଚାର କରିବା ପରେ ଜିଏସ୍‌ଟି ଛାଡ କରାଯାଇଥିବା ସିବିଆଇସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଦ୍ୱନ୍ଦ୍ୱରେ ପକାଉଛି କ୍ରିପ୍ଟୋକରେନ୍ସି

**ନୂଆଦିଲ୍ଲୀ,୧୮।୬**

ଟଙ୍କା ହେଉକି ଡଲାର ବିଭିନ୍ନ ଦେଶରେ ପ୍ରଚଳନ ହେଉଥିବା ମୁଦ୍ରା ସମ୍ପର୍କରେ ଆମେ ପରିଚିତ। ଏହାର ସ୍ୱରୂପ କିଭଳି ନାମ ଶୁଣି ଦେଲେ ମନକୁ ଚାଲିଆସେ। ମାତ୍ର ବିଟ୍‌କଏନ ଭଳି ଭର୍ଚୁଆଲ କରେନ୍ସି ନାମ ବର୍ତ୍ତମାନ ବହୁଳ ଭାବେ ଶୁଣାଯାଉଛି। ବିଟ୍‌କଏନ, ଡଜିକଏନ ଏବଂ ଇଥେରିୟମ ଭଳି କ୍ରିପ୍ଟୋକରେନ୍ସିଗୁଡ଼ିକର ଏବେ ଲୋକପ୍ରିୟତା ବଢ଼ିଚାଲିଛି। ଏ କ୍ଷେତ୍ରରେ ନୂଆ ଶବ୍ଦ ସୃଷ୍ଟି ହୋଇଥିବା ବେଳେ ଅନେକ ପ୍ରଶ୍ନ ମନକୁ ଆସୁଛି। କ୍ରିପ୍ଟୋକରେନ୍ସିର ପ୍ରତ୍ୟୟ କେମିତି ଏହାକୁ ଜାଣିବା କଷ୍ଟକର। ଏ ସମ୍ପର୍କରେ ବୁଝିବା ମଧ୍ୟ ସାଧାରଣ ଲୋକଙ୍କ ଲାଗି କଷ୍ଟକର। ୨୦୧୭ରେ ସିଏନ୍‌ବିସି ପକ୍ଷରୁ ଆମେରିକାରେ ହୋଇଥିବା ଏକ ସର୍ଭେ ମୁତାବକ ୩୩% ଆମେରିକୀୟ ବିଟ୍‌କଏନ ସମ୍ପର୍କରେ କିଛି ପଢ଼ି ନ ଥିବା କିମ୍ବା ଶୁଣି ନ ଥିବା କହିଥିଲେ। ସେହିଭଳି ୪୪% କହିଥିଲେ ବିଟ୍‌କଏନ ସମ୍ପର୍କରେ କିଛି ଶୁଣିଛନ୍ତି କିମ୍ବା ପଢ଼ିଛନ୍ତି। ବର୍ତ୍ତମାନ ବଜାରରେ ପ୍ରାୟ ୧୦୦୦ ଭର୍ଚୁଆଲ କରେନ୍ସି ରହିଛି, ଯାହା ଲୋକଙ୍କୁ ଭ୍ରମରେ ପକାଉଥିବା ଜଣାପଡ଼ିଛି।

ବର୍ତ୍ତମାନ ରାନ୍‌ସମ୍‌ୱେର ଆକ୍ରମଣ ବଢ଼ିଛି। ସାଇବର ଆକ୍ରମଣ କରୁଥିବା ବ୍ୟକ୍ତିବିଶେଷ ବିଟ୍‌କଏନ ଦାବି କରୁଛନ୍ତି। ଫଳରେ ଏହି ଭର୍ଚୁଆଲ କରେନ୍ସିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ବୈଧ ମୁଦ୍ରାର ମାନ୍ୟତା ପାଇନି



ଏହାକୁ ନେଇ ଲୋକମାନେ ସଚେତନ ହେବାର ଆବଶ୍ୟକତା ରହିଛି। ନିକଟରେ ସାଲଭେଡର ପ୍ରଥମ ଦେଶ ଭାବେ ବିଟ୍‌କଏନକୁ ଲିଗାଲ୍ ଟେଣ୍ଡର ଭାବେ ଘୋଷଣା କରିଛି। ସେହି ଦେଶର ଲୋକମାନେ ବିଟ୍‌କଏନରେ ଟିକସ ଦେଇପାରିବେ। ଆମେରିକାର ଏନ୍‌ବିଏ ଡଲାସ ମାଭେରିକ୍, ଟେସ୍‌ଲା ଭଳି କମ୍ପାନୀ କ୍ରିପ୍ଟୋକରେନ୍ସି ଗ୍ରହଣ କରିବା ଲାଗି ଘୋଷଣା କରିଥିଲେ। ଟେସ୍‌ଲାର ଏଲନ ମସ୍କ ଏ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ପରେ ତାଙ୍କ ମତକୁ ପ୍ରତ୍ୟାହାର କରିଥିଲେ। ଏଠାରେ କ୍ରିପ୍ଟୋକରେନ୍ସି ନେଇ ଅନେକ ପ୍ରଶ୍ନ ମନକୁ ଆସେ। ଏହାକୁ ସରଳ ଭାବେ ଦେଖିଲେ, ସାଧାରଣ ଲୋକଙ୍କ ଲାଗି ଉପଲବ୍ଧ ଥିବା ସଫ୍ଟୱେର ଦ୍ୱାରା କ୍ରିପ୍ଟୋକରେନ୍ସି କମ୍ପ୍ୟୁଟର କୋଡ୍‌ରେ ଜେନେରେଟ କରାଯାଇଥାଏ। ଏହାକୁ ଲୋକମାନେ ଷ୍ଟୋର ଏବଂ ଭାଲ୍ୟୁକୁ ଅନ୍‌ଲାଇନରେ ପଠାଇପାରିବେ। ବିଟ୍‌କଏନ ସହ ଏକ ଦଶନ୍ଧି ପୂର୍ବରୁ ଏକ ଓପନ ସୋର୍ସ କୋଡ୍ ଉତ୍ପତ୍ତି ହୋଇଥିଲା। ସାରା ବିଶ୍ୱରେ ପ୍ରାଇଭେଟ କମ୍ପ୍ୟୁଟରରେ ଏହାର ଏକ ବୃହତ୍ ନେଟ୍‌ୱର୍କ ରହିଛି। ସେହିଭଳି ବ୍ଲକ୍‌ଚେନ ଟେକ୍ନୋଲୋଜିରେ ଏହା ପରିଚାଳିତ ହୋଇଥାଏ। କ୍ରିପ୍ଟୋକରେନ୍ସି ମୂଲ୍ୟକୁ ଡଲାରରେ ଦର୍ଶାଯାଇଥାଏ। ଗୋଟିଏ ବିଟ୍‌କଏନର ମୂଲ୍ୟ ମେ ମାସରେ ୬୦ ହଜାର ଡଲାର ରହିଥିବା ବେଳେ ଏହା ବର୍ତ୍ତମାନ ୩୬,୯୦୦ ଡଲାର ରହିଛି।

ଆଲ୍‌ଗୋରିଦିମ ବ୍ୟବହାର ଦ୍ୱାରା କ୍ରିପ୍ଟୋକରେନ୍ସି ଜେନେରେଟ କରାଯାଇପାରିବ। କ୍ରିପ୍ଟୋକରେନ୍ସିର ଗୋଟିଏ ୟୁନିଟ ଜେନେରେଟ କରିବା ଲାଗି ବୃହତ୍ କମ୍ପ୍ୟୁଟରର ଶକ୍ତି ଆବଶ୍ୟକ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ୭୦ ହଜାର କମ୍ପ୍ୟୁଟର ସଫ୍ଟୱେରରେ ବିଟ୍‌କଏନ ବ୍ଲକ୍‌ଚେନ ଟେକ୍ନୋଲୋଜି ବ୍ୟବହାର ହେଉଛି। ସେହିଭଳି କ୍ରୟ ଏବଂ ଟ୍ରେଡିଂ ଲାଗି ୧ ହଜାରରୁ ଊର୍ଦ୍ଧ୍ୱ ଭର୍ଚୁଆଲ ରହିଛି। ସେଥିମଧ୍ୟରୁ କେତେକ ଶକ୍ତିଶାଳୀ ଦେଶ ଏବଂ ଲୋକଙ୍କ ଦ୍ୱାରା ଆଦୃତ ହେଉଛି। ବର୍ତ୍ତମାନ ବିଟ୍‌କଏନ କ୍ରିପ୍ଟୋକରେନ୍ସି ବଜାର ଅଂଶ ୪୦%କୁ ଖସିଛି।

### କେବେଠୁ ଆରମ୍ଭ

ବିଭିନ୍ନ ଡେଭଲପର ଏବଂ ଏଣ୍ଟରପ୍ରେନ୍ୟୁରମାନେ କ୍ରିପ୍ଟୋକରେନ୍ସିକୁ ପ୍ରସ୍ତୁତ କରିଥାନ୍ତି। ସେଡୋନିମ୍ ସାତୋସି ନାକାମାଟୋଙ୍କ ଦ୍ୱାରା ବିଟ୍‌କଏନକୁ ୨୦୦୯ରେ ପ୍ରସ୍ତୁତ କରାଯାଇଥିବା କୁହାଯାଏ। ସେହିଭଳି ଟରଣ୍ଟୋର ଭିଟାଲିକ ବୁଟେରିନଙ୍କ ଦ୍ୱାରା ୨୦୧୫ରେ ଇଥେରିୟମ ଏବଂ ୨୦୧୩ରେ ବିଲି ମାର୍କସଙ୍କ ଦ୍ୱାରା ଡଜିକଏନ ପ୍ରସ୍ତୁତ ହୋଇଥିବା ବିଶ୍ୱାସ କରାଯାଏ। ପାରମ୍ପରିକ ପେମେଣ୍ଟ ସିଷ୍ଟମରେ ନେଣଦେଣ ଯାଞ୍ଚ ପାଇଁ ବ୍ୟାଙ୍କ ରହିଥାଏ। ମାତ୍ର କ୍ରିପ୍ଟୋକରେନ୍ସି ଯାଞ୍ଚ ପାଇଁ ମାଇନର ଏବଂ ବ୍ଲକ୍‌ଚେନ ଟେକ୍ନୋଲୋଜି ରହିଛି।

### ଭାରତରେ କ'ଣ ରହିଛି ସ୍ଥିତି

ଆମେରିକା କିମ୍ବା ଭାରତ କ୍ରିପ୍ଟୋକରେନ୍ସିକୁ ବୈଧ ମୁଦ୍ରାର ମାନ୍ୟତା ଦେଇନାହାନ୍ତି। ଅର୍ଥାତ୍ ଏହା ସରକାରଙ୍କ ନିୟନ୍ତ୍ରଣରେ ନାହିଁ। ସରକାରଙ୍କ ନିୟନ୍ତ୍ରଣାଧୀନ ହୋଇ ନ ଥିବାରୁ ଏଥିରେ ନିବେଶ ରିସ୍କ ବୋଲି ବିବେଚନା କରାଯାଇଥାଏ। ନିବେଶକଙ୍କୁ ଭର୍ଚୁଆଲ କରେନ୍ସିରେ ନିବେଶରେ କେତେକ କ୍ଷେତ୍ରରେ ଲାଭ ମିଳୁଥିବା ବେଳେ କେତେକ ସ୍ଥଳରେ ନିବେଶ ଅର୍ଥ ବୁଡ଼ିଯାଉଛି। ଭାରତ ସରକାର କିମ୍ବା ଆର୍‌ବିଆଇ କ୍ରିପ୍ଟୋକରେନ୍ସିକୁ ବୈଧ ବୋଲି ଏବେ ଯାଏ ଗ୍ରହଣ କରିନାହାନ୍ତି। ଏ କ୍ଷେତ୍ରରେ ଆର୍‌ବିଆଇ ବିଭିନ୍ନ ଦିଗକୁ ବିଚାର କରୁଛି। ଭାରତରେ ୱାଜିରଏକ୍ସ, କଏନ୍‌ଡିସିଏକ୍ସ, ଜେବ୍‌ପେ, କଏନସ୍ୱିଚ୍ କୁବେର, ୟୁନୋ କଏନ ଭଳି କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ରହିଛି।

# ସୁବିଧା ପାଇବେ ଗ୍ରାହକ, ବ୍ୟବସାୟୀ

### ବାଧ୍ୟତାମୂଳକ ହେଲା ସୁନାର ହଲ୍‌ମାର୍କିଂ

**ଭୁବନେଶ୍ୱର,୧୮।୬:** ନିକଟରେ ସରକାର ସୁନା ହଲ୍‌ମାର୍କିଂକୁ ବାଧ୍ୟତାମୂଳକ କରିଛନ୍ତି। ଏହି ନିୟମ କାର୍ଯ୍ୟକାରୀ ଦ୍ୱାରା ଉଭୟ ଗ୍ରାହକ ଓ ବ୍ୟବସାୟୀ ଅନେକ ସୁବିଧା ପାଇବେ ବୋଲି କୁହାଯାଉଛି।

ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନୂତନ ନିୟମାବଳୀ ଅନୁସାରେ ବ୍ୟବସାୟ କରାଯିବ। ଫଳରେ ଆଉ କୌଣସି ଖାଉଟି ସୁନା କିଣିବାରେ ଠକାମିରେ ପଡିବେ ନାହିଁ। ଗ୍ରାହକଙ୍କର ଆବଶ୍ୟକ ସୁନା ମାନଯୁକ୍ତ ଓ ସୁରକ୍ଷିତ। ଏହା ଉଭୟ କେତ୍ରା ଓ ବିକ୍ରେତାଙ୍କ ପାଇଁ ୱିନ୍ ୱିନ୍ ବ୍ୟାପାର ବୋଲି କହିବା ସହ ଗ୍ରାହକଙ୍କର ଅଧିକ ବିଶ୍ୱାସ ସଂସ୍ଥା ପ୍ରତି ରହିବ ବୋଲି ଅହମ୍ମଦ କହିଛନ୍ତି। ସୁନା ଏକ ନରମ ଧାତବ ପଦାର୍ଥ ହୋଇଥିବାରୁ ଏହାର ନିର୍ମାତାମାନେ ସୁନା ସହିତ ଗହଣାରେ ଜିଙ୍କ୍ ଏବଂ ରୁପାର ମିଶ୍ରଣ କରିଥାନ୍ତି; ଯାହା ଗହଣାକୁ ଦୀର୍ଘସ୍ଥାୟୀ କରିବାରେ ସହାୟକ ହୋଇଥାଏ। ସେହିଭଳି ସୁନା ସହ ମିଶାଯାଇଥିବା ଅନ୍ୟାନ୍ୟ ଧାତବର ପରିମାଣକୁ ଆଧାରକରି ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ପକ୍ଷରୁ ସୁନାକୁ ୧୮ କ୍ୟାରେଟ ଓ ୨୨ କ୍ୟାରେଟ ବର୍ଗରେ ବିଭକ୍ତ କରିଥାନ୍ତି। ଏହି ୨୨ କ୍ୟାରେଟ ସୁନାର ଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ ସରକାର ନୂଆ ନିୟମ ଆଣିଛନ୍ତି। ନିୟମ ଅନୁସାରେ ପ୍ରତି ଗ୍ରାମ ସୁନାଗହଣାରେ ୯୧.୬% ସୁନା ରହିବା ଉଚିତ। ସେହିପରି ୧୮ କ୍ୟାରେଟ ପାଇଁ ଏହା ୭୫% ଏବଂ ୧୪ କ୍ୟାରେଟ ପାଇଁ ୫୮.୫% ସୁନା ରହିଥିବା ଆବଶ୍ୟକ।


ଏମ୍.ପି ଅହମ୍ମଦ

# ସିଦ୍ଧାର୍ଥ ଟିଭି ନେଟ୍‌ୱର୍କର ୩ ନୂଆ ଚ୍ୟାନେଲ

### ଟେଲିଭିଜନ ଦୁନିଆରେ ପୁଣି ଥରେ ସୀତାରାମ, ନମିତା

ଦୀର୍ଘ ୫ବର୍ଷର ଚୁକ୍ତି ମିଆଦ ପୂରିବା ପରେ ପୁଣି ଥରେ ଟେଲିଭିଜନ ଦୁନିଆରେ ପ୍ରବେଶ କରିଛନ୍ତି ଓଡ଼ିଆ ମନୋରଞ୍ଜନ କ୍ଷେତ୍ରର ଦୁଇ ଜଣାଶୁଣା ବ୍ୟକ୍ତିତ୍ୱ ସୀତାରାମ ଅଗ୍ରୱାଲ ଏବଂ ନମିତା ଅଗ୍ରୱାଲ। ଏହି ଦମ୍ପତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ' ପକ୍ଷରୁ ଅକ୍ଷୟ ତୃତୀୟାରେ ଏକକାଳୀନ ତିନୋଟି ଚ୍ୟାନେଲ ଲଞ୍ଚ୍ ହୋଇଛି। ଏହା ମଧ୍ୟରେ 'ସିଦ୍ଧାର୍ଥ ଟିଭି', 'ସିଦ୍ଧାର୍ଥ ଗୋଲ୍ଡ' ଏବଂ 'ସିଦ୍ଧାର୍ଥ ଭକ୍ତି' ସାମିଲ ରହିଛି।

ଆଧ୍ୟାତ୍ମିକ ଚ୍ୟାନେଲ 'ସିଦ୍ଧାର୍ଥ ଭକ୍ତି' ଏବେ ୧୯ଟି ନୂଆ ଶୋ' ପ୍ରସାରଣ କରୁଛି। ଏଥିରେ 'ଧର୍ମଯୁଦ୍ଧ', 'ବିଚିତ୍ର ରାମାୟଣ', 'ଶବ୍ଦବ୍ରହ୍ମ', 'ଭକ୍ତିସଂଗମ' ପରି କାର୍ଯ୍ୟକ୍ରମ ରହିଛି। ସେହିଭଳି ସିଦ୍ଧାର୍ଥ ଗୋଲ୍ଡ'ରେ ରେକର୍ଡ ସୃଷ୍ଟିକାରୀ ଓଡ଼ିଆ ଯାତ୍ରା ଏବଂ ବ୍ଲକ୍‌ବଷ୍ଟର ସିନେମା ଏବଂ ମନୋମୁଗ୍ଧକର ସଙ୍ଗୀତ ପ୍ରସାରିତ ହେଉଛି। ଏହାବାଦ 'ସିଦ୍ଧାର୍ଥ ଟିଭି'ରେ ବିଭିନ୍ନ ବର୍ଗର ଦର୍ଶକଙ୍କ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସିଙ୍ଗିଙ୍ଗ୍ ରିଅଲିଟି ଶୋ', 'ମୁଁ ବି ନମିତା ଅଗ୍ରୱାଲ ହେବି ଏବଂ ରଜସୁନ୍ଦରୀ' ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି। ଏହା ସାଙ୍ଗକୁ ଦୁଇଟି ମେଗା ଧାରାବାହିକ ଆଗକୁ ଆସିବ। ଏହା ପ୍ରସାରଣ ହେଲେ ଦର୍ଶକ ସମ୍ପୂର୍ଣ୍ଣ ନୂଆ ସ୍ୱାଦର ମନୋରଞ୍ଜନ ପାଇବେ ବୋଲି ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ ପକ୍ଷରୁ ଆଶା କରାଯାଉଛି।

ଉଲ୍ଲେଖଯୋଗ୍ୟ, ଏହି ଦମ୍ପତି ୨୦୧୦ ମସିହାରେ ସାର୍ଥକ ଟିଭି ପ୍ରତିଷ୍ଠା କରି ୨୦୧୪ ବେଳକୁ ତାକୁ ଓଡ଼ିଶାର ନମ୍ବର ୱାନ୍ ଚ୍ୟାନେଲରେ ପରିଣତ କରାଇଥିଲେ। ମାତ୍ର ଅନିଚ୍ଛା ସତ୍ତ୍ୱେ ନିଜ ହାତରେ ଗଢ଼ିଥିବା ଏହି ଚ୍ୟାନେଲକୁ ସେମାନେ ୨୦୧୫ ମସିହାରେ ଜୀ ନେଟ୍‌ୱର୍କକୁ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ। ନିଜ ଯମଜ ପୁତ୍ରଙ୍କ ମଧ୍ୟରୁ ଅନ୍ୟତମ ସାର୍ଥକଙ୍କ ନାଁରେ ଏହି ଚ୍ୟାନେଲ ତଥା ବ୍ରାଣ୍ଡ୍ ପ୍ରତିଷ୍ଠା ହୋଇଥିଲା। ମନୋରଞ୍ଜନକୁ ଭଲପାଉଥିବା ସୀତାରାମ ଓ ନମିତାଙ୍କର ଏ ଜଗତ ଭିନ୍ନ ଅନ୍ୟ କିଛି ସ୍ୱପ୍ନ ନ ଥିଲା। ସାର୍ଥକ ଟିଭି ବିକ୍ରି ପରେ ସୀତାରାମ ଚୁପ୍ ବସି ନ ଥିଲେ। ବିଗତ ୫ ବର୍ଷ ଧରି ନୂତନ ପରିକଳ୍ପନାକୁ କାର୍ଯ୍ୟକାରୀ କରିବାକୁ ସେ ଯୋଜନା ହାତକୁ ନେଇଥିଲେ। ଡିଜିଟାଲ ପ୍ଲାଟ୍‌ଫର୍ମରେ ନୂତନ ଇତିହାସ ସୃଷ୍ଟି କରି ସେ ପ୍ରତିଷ୍ଠା କଲେ ୨୫ଟି ୟୁଟ୍ୟୁବ୍ ଚ୍ୟାନେଲ। ଏହା ମଧ୍ୟରୁ ୮ଟି ଚ୍ୟାନେଲ ୟୁଟ୍ୟୁବ ପକ୍ଷରୁ ଗୋଲ୍‌ଡେନ୍ ବଟନ୍ ଆୱାର୍ଡ ପାଇଛି। ସେ ଏକ ନୂଆ ଏଫ୍‌ଏମ୍ ଷ୍ଟେଶନ ମଧ୍ୟ ସ୍ଥାପନ କଲେ। ମ୍ୟୁଜିକ୍ କମ୍ପାନୀ ମାଧ୍ୟମରେ ପ୍ରତିଦିନ ନୂଆ ନୂଆ ସ୍ୱାଦର ଗୀତ ପ୍ରସ୍ତୁତି ଏବଂ ନିୟମିତ ସିନେମା ପ୍ରଯୋଜନା କାମ ମଧ୍ୟ ଜାରି ରହିଲା। ଅଧିକାଂଶ ୟୁଟ୍ୟୁବ୍ ଚ୍ୟାନେଲ ଓ ଏଫ୍‌ଏମ୍ ଷ୍ଟେଶନ ନିଜ ନିଜ କ୍ଷେତ୍ରରେ ନେତୃତ୍ୱ ନେଇ ଚାଲିଲେ, ଯାହା ଅଗ୍ରୱାଲଙ୍କ ଦୂରଦୃଷ୍ଟି ଏବଂ ସମୟ ଭିତ୍ତିକ ପଦକ୍ଷେପର ଦସ୍ତାବିଜ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦୀର୍ଘ ପାଞ୍ଚ ବର୍ଷ ପରେ ଅନୁବନ୍ଧନରୁ ମୁକ୍ତହୋଇ ଏହି ଦମ୍ପତି ନିଜର ଜ୍ୟେଷ୍ଠ ପୁତ୍ର ସିଦ୍ଧାର୍ଥଙ୍କ ନାମାନୁସାରେ ପ୍ରତିଷ୍ଠା କରିଛନ୍ତି 'ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ'।

ଦୀର୍ଘ ଚାରି ଦଶନ୍ଧି ଧରି ସୀତାରାମ ଓ ନମିତା ଅଗ୍ରୱାଲ ଓଡ଼ିଆ ମନୋରଞ୍ଜନ କ୍ଷେତ୍ରକୁ ଉଲ୍ଲେଖଯୋଗ୍ୟ ଅବଦାନ ଦେଇଚାଲିଛନ୍ତି। ଜେ.ଇ. କ୍ୟାସେଟ୍‌ଠାରୁ ଆରମ୍ଭକରି 'ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ' ଦ୍ୱାରା ସୁମଧୁର ଗୀତ, ପାରମ୍ପରିକ ସଙ୍ଗୀତ, ପୁରାଣ, ଭାଗବତ ମହାପୁରାଣର ସାଙ୍ଗୀତିକ ରୂପାୟନ କରି ଓଡ଼ିଆ ଶ୍ରୋତା, ଦର୍ଶକଙ୍କୁ ଭେଟି ଦେଇଛନ୍ତି। ସେହିପରି ସୁପରହିଟ୍ ସିନେମା ଓ ଟିଭି କାର୍ଯ୍ୟକ୍ରମ ନିର୍ମାଣ ଦ୍ୱାରା ମନୋରଞ୍ଜନ ଜଗତକୁ ପ୍ରସାରିତ କରିବାରେ ସେମାନେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ନମିତା ଅଗ୍ରୱାଲ ଦୀର୍ଘ ତିନି ଦଶନ୍ଧି ଧରି ଓଡ଼ିଆ ଭକ୍ତି ସଙ୍ଗୀତ କ୍ଷେତ୍ରକୁ ଯୋଗଦାନ ରଖିଛନ୍ତି। ଏହି ନୂତନ ଚ୍ୟାନେଲଗୁଡ଼ିକ ସେମାନଙ୍କ ପୂର୍ବ ଗୌରବ ବଜାୟ ରଖିବ ବୋଲି ଆଶା କରାଯାଉଛି।


ସୀତାରାମ ଅଗ୍ରୱାଲ ଏବଂ ନମିତା ଅଗ୍ରୱାଲ

# ମନର ଭାବନାକୁ ଜାଣିପାରିବ ହେଲ୍‌ମେଟ

**ୱାଶିଂଟନ:** ମନୁଷ୍ୟର ମନର ଭାବନାକୁ ଜାଣିବା ପାଇଁ ଅନେକ ବର୍ଷରୁ ଗବେଷଣା ଚାଲିଥିଲାବେଳେ ଏବେ ଏଥିରେ ସଫଳତା ମିଳିପାରିଛି। କର୍ନେଲ ନାମକ ଜଣେ ଆମେରିକା କମ୍ପାନୀ ଏଭଳି ଏକ ହେଲମେଟ ଲଞ୍ଚ୍ କରିଛି, ଯାହା ମନର ଭାବନାକୁ ସହଜରେ ପଢ଼ିପାରିବ। ଏହି ହେଲମେଟ ଜଣଙ୍କ ମନରେ ଚାଲିଥିବା ଚିନ୍ତାଧାରାକୁ କହିପାରିବ ବୋଲି ଦାବି କରାଯାଇଛି। ଏହି ସ୍ୱତନ୍ତ୍ର ହେଲମେଟର ଦାମ ରହିଛି ୫୦,୦୦୦ ଡଲାର(୩,୬୯୫.୨୯ ଟଙ୍କା)। ହେଲମେଟରେ ଅନେକ ପ୍ରକାରର ସେନ୍ସର ଓ ଇଲେକ୍ଟ୍ରୋନିକ ଡାଏଡ ଲଗାଯାଇଛି, ଯାହା ରକ୍ତ ପ୍ରବାହରୁ ମନୁଷ୍ୟ ମନରେ ଚାଲିଥିବା ଜିନିଷଗୁଡ଼ିକୁ ସହଜରେ ପଢ଼ିପାରିଥାଏ। ମାନସିକ ବିକୃତି କିମ୍ବା ଷ୍ଟ୍ରୋକ୍ ପୀଡ଼ିତଙ୍କ ପାଇଁ ଏହି ହେଲମେଟ ଏକ ବରଦାନରୁ କମ୍ ହେବ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଅଛନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପର୍ଡ଼ି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
*T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁରସତ୍

# ବଦଳୁଛି ଭୂଭାଗ, ବଢୁଛି ମରୁଭୂମି

**ପରିବେଶ ସମ୍ପର୍କିତ ଆଲୋଚନାବେଳେ ସର୍ବଦା ଚର୍ଚ୍ଚାର ପରିସର ଭିତରେ ରହିଥାଏ ବିଶ୍ୱତାପନ, ବାୟୁ ପ୍ରଦୂଷଣ। ଏହାକୁ ବାଦ୍ ଦେଲେ ହିମବାହ ତରଳିବା, ମହାସାଗର ଜଳସ୍ତର ବଢ଼ିବା ଭଳି ସମସ୍ୟା ଉପରେ ଆଲୋକପାତ କରାଯାଏ। ତେବେ ଏସବୁ ପରିବେଶଗତ ସମସ୍ୟାର ଗୋଟିଏ ଗୋଟିଏ ଛୋଟିଆ ଅଙ୍ଗ। ଏହାକୁ ବାଦ୍‌ଦେଲେ ଅନେକ ଗମ୍ଭୀର ସମସ୍ୟା ସବୁଜ ଗ୍ରହର ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଚାଲିଛି। ଗ୍ଲୋବାଲ ୱାର୍ମିଂ ଯୋଗୁ ପୃଥିବୀ ଶୁଷ୍କ ହେବାରେ ଲାଗିଛି। ଏହା ଜାରି ରହିଲେ ଆଗାମୀ କିଛି ବର୍ଷ ଭିତରେ ସମଗ୍ର ପୃଥିବୀ ମରୁସ୍ଥଳରେ ପରିଣତ ହୋଇଯିବ ବୋଲି ବିଶେଷଜ୍ଞମାନେ ଯେଉଁ ଆଶଙ୍କା କରୁଛନ୍ତି, ତାହାକୁ ଏଡ଼ାଇ ଦିଆଯାଇ ନ ପାରେ।**

**ନୂଆଦିଲ୍ଲୀ:** ବିଶ୍ୱର ଏକମାତ୍ର ଜୀବଜଗତ ତିଷ୍ଠି ରହିଥିବା ସବୁଜଗ୍ରହ ପୃଥିବୀର ଭବିଷ୍ୟତ କ'ଣ? ପୃଥିବୀ ଆୟୁ ଆଉ କେତେଦିନ? ପ୍ରାକୃତିକ ଆବାସରେ ମନୁଷ୍ୟର ମାତ୍ରାଧିକ ହସ୍ତକ୍ଷେପ ପୃଥିବୀରୁ ଜୀବଜଗତକୁ ଧ୍ୱଂସ କରିଦେବନି ତ? ଏବେ ଏଭଳି କିଛି ପ୍ରଶ୍ନ ମାଟି ମା' ବିଷୟରେ ଭାବିବାକୁ ବାଧ୍ୟ କରିଛି। ଚିରହରିତ୍ ଜଙ୍ଗଲରେ ସୁରକ୍ଷା, ମାନବଜାତିର ସମୃଦ୍ଧ ସ୍ୱାସ୍ଥ୍ୟ, ପରିବେଶର ସୁରକ୍ଷା ଏବଂ ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଜୁନ୍ ୧୭ରେ ପାଳିତ ହୁଏ ମରୁସ୍ଥଳ ନିରୋଧ ଏବଂ ମରୁଡ଼ି ନିରାକରଣ ଦିବସ। ଏହିଦିନ ବିଭିନ୍ନ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥାଏ।

ମାନବୀୟ କାର୍ଯ୍ୟକଳାପ ଯୋଗୁ ବଦଳୁଥିବା ଜଳବାୟୁ ପୃଥିବୀର ଜୀବନଚକ୍ରକୁ କଠିନ ମୋଡକୁ ନେଇ ଆସିଲାଣି। କେବଳ ଏତିକି ନୁହେଁ, ପରିବେଶକୁ ଏଭଳି ସ୍ଥିତିକୁ ନେଇ ଆସିଲାଣି, ଯେଉଁଠାରୁ ମୁକୁଳିବା ଏକପ୍ରକାର ଅସମ୍ଭବ। ଏହାକୁ ବୁଝିବା ଲାଗି ମରୁସ୍ଥଳୀକରଣ ପ୍ରକ୍ରିୟାକୁ ବୁଝିବା ନିହାତି ଜରୁରୀ। ମାନବଜାତିର ବିକାଶ ସହିତ ଭୂମିର ପ୍ରାକୃତିକ ପ୍ରକ୍ରିୟା ଶେଷ ହେବା ଆରମ୍ଭ କରିଛି। ନୂଆ ପ୍ରଜାତିର ବୃକ୍ଷଲତା ସୃଷ୍ଟି, ମୃତ୍ତିକା ପ୍ରସ୍ତୁତିରେ ସମସ୍ୟା ସୃଷ୍ଟି ହେଉଛି। ଜଙ୍ଗଲ ସମ୍ପଦର ହ୍ରାସ ପୃଥିବୀର ବିଭିନ୍ନ ପ୍ରାନ୍ତକୁ ଅଧିକ ଶୁଷ୍କ କରିବା ସହିତ ମରୁସ୍ଥଳରେ ରୂପାନ୍ତରିତ କରିବାରେ ଲାଗିଛି। ଯଦିଓ ପ୍ରାକୃତିକ ଭାବେ ଏହା ଏକ ସୂକ୍ଷ୍ମ ପ୍ରକ୍ରିୟା, ତଥାପି ମାନବୀୟ ଗତିବିଧି ଏହାକୁ ଅଧିକ ତୀବ୍ର କରିଦେଇଛି।

ଭୂପୃଷ୍ଠରେ ମୃତ୍ତିକାର ପତଳାସ୍ତରଟିଏ ହେବା ଲାଗି ଲକ୍ଷାଧିକ ବର୍ଷ ଲାଗିଯାଏ। ଏହି ନୂଆ ମାଟି ଅଙ୍କୁରୋଦଗମ୍ ଲାଗି ବେଶ୍ ଉପଯୋଗୀ। ହେଲେ ଏହି ମାଟି ଥରେ ମରୁବାଲିରେ ରୂପାନ୍ତରିତ ହୋଇଗଲେ ତାହା ଫସଲ ଉତ୍ପାଦନ, ଗଛ ବଞ୍ଚିବା ଲାଗି ଅନୁପଯୋଗୀ ହୋଇଯାଏ। ଏହି କାରଣରୁ ପୃଥିବୀରେ ମରୁଭୂମିର ପରିସୀମା ବଢ଼ିବାରେ ଲାଗିଛି। ସେହିପରି ଜଙ୍ଗଲ ଓ ଚାଷ ଉପଯୋଗୀ ଜମିର ପରିମାଣ ମାତ୍ରାଧିକଭାବେ ହ୍ରାସ ପାଉଛି। ଭୂ-ପୃଷ୍ଠର ଉପରିଭାଗର ମୃତ୍ତିକାସ୍ତରକୁ ସୁରକ୍ଷା ଦେବା ଲାଗି ବିଶେଷଜ୍ଞମାନେ ଦୀର୍ଘଦିନ ହେଲା ଗୁରୁତ୍ୱାରୋପ କରି ଆସୁଛନ୍ତି। ପାଣିସ୍ରୋତରେ ମୃତ୍ତିକା ପ୍ରବାହ ରୋକିବା ଲାଗି ବ୍ୟାପକ ବନୀକରଣ, ପ୍ରାକୃତିକ ଉପାୟରେ ଉର୍ବରତା ବଜାୟ ରଖିବା ଲାଗି ଆନୁଷଙ୍ଗିକ ପଦକ୍ଷେପ, ସାର, କୀଟନାଶକ ଯଥାସମ୍ଭବ କମ୍ ବ୍ୟବହାର, ଭୂମିଉପଯୋଗ ପଦ୍ଧତି ପରିବର୍ତ୍ତନ ଦ୍ୱାରା ମରୁସ୍ଥଳୀକରଣକୁ ଅନେକାଂଶରେ ପ୍ରତିହତ କରାଯାଇପାରିବ।

କରୋନା ମହାମାରୀ ସମୟରେ ବିଶ୍ୱ ଅର୍ଥନୀତି ବ୍ୟାପକମାତ୍ରାରେ ପ୍ରଭାବିତ ହୋଇଛି। ପୃଥିବୀର ଭୂମିରୂପ, ପରିବେଶକୁ ସଜାଡ଼ିବା ଲାଗି ଏହା ପ୍ରକୃଷ୍ଟ ସମୟ। ଏହାଦ୍ୱାରା ଲୋକଙ୍କୁ ରୋଜଗାର ମିଳିପାରିବ। ଆର୍ଥିକସ୍ତରରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜାତିସଂଘ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଜାତିସଂଘ ପକ୍ଷରୁ ଆହୁରି କୁହାଯାଇଛି, ପୃଥିବୀରେ ଜୀବନ ସଞ୍ଚାରଠାରୁ ଅଦ୍ୟାବଧି କୋଟି କୋଟି ପ୍ରଜାତିର ଜୀବ ସୃଷ୍ଟି ହୋଇଛନ୍ତି। ସମୟ ଅନୁଯାୟୀ ସେମାନଙ୍କ ଭିତରୁ ଅନେକେ ଲୁପ୍ତ ହୋଇସାରିଲେଣି। ଏବେ ୮୦ ଲକ୍ଷ ପ୍ରଜାତି ଭିତରୁ ବିଭିନ୍ନ କାରଣରୁ ୧୦ ଲକ୍ଷ ପ୍ରଜାତି ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ହେଲେ ୨୦୩୦ ସୁଦ୍ଧା ଅନ୍ୟୂନ ୮୦ କୋଟି ହେକ୍ଟର ଭୂଭାଗକୁ ସଜାଡ଼ିବା ସହିତ ଏହାକୁ ପୂର୍ବସ୍ଥିତିକୁ ଫେରାଇ ଆଣିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରିବାକୁ ପଡ଼ିବ। ତା'ହେଲେ ପୃଥିବୀକୁ କିଛି ମାତ୍ରାରେ ସୁରକ୍ଷା ଦିଆଯାଇପାରିବ।



# ରବୀନ୍ଦ୍ର କୌଶିକଙ୍କ ବାୟୋପିକ୍‌ରେ ସଲମାନ

**ମୁମ୍ବାଇ:** ବଲିଉଡ୍‌ର ଦବଙ୍ଗ ଷ୍ଟାର୍ ସଲମାନ ଖାନ୍ ତାଙ୍କର ୩୨ ବର୍ଷର କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ବାୟୋପିକ ଫିଲ୍ମ କରିବାକୁ ଯାଉଛନ୍ତି। ସେ ନିର୍ଦ୍ଦେଶକ ରାଜକୁମାର ଗୁପ୍ତାଙ୍କ ଆଗାମୀ ଚଳଚ୍ଚିତ୍ରରେ ଭାରତୀୟ ଗୁପ୍ତଚର ରବୀନ୍ଦ୍ର କୌଶିକଙ୍କ ଭୂମିକାରେ ଅଭିନୟ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ପ୍ରୋଜେକ୍ଟ ପ୍ରାଥମିକ ପର୍ଯ୍ୟାୟରେ ଅଛି। ଚଳଚ୍ଚିତ୍ରଟି ଭାରତୀୟ ଗୁପ୍ତଚର ରବୀନ୍ଦ୍ର କୌଶିକଙ୍କ ଜୀବନୀ ଉପରେ ଆଧାରିତ। ତାଙ୍କୁ ଭାରତର ସର୍ବଶ୍ରେଷ୍ଠ ଗୁପ୍ତଚର ବିବେଚନା କରାଯାଏ। ସେ ବ୍ଲାକ ଟାଇଗର ଭାବରେ ଜଣାଶୁଣା। ରାଜକୁମାର ଗୁପ୍ତା ୫ ବର୍ଷ ଧରି ରବୀନ୍ଦ୍ରଙ୍କ ଜୀବନ ଉପରେ ଗବେଷଣା କରି ଏକ ସ୍କ୍ରିପ୍ଟ ପ୍ରସ୍ତୁତ କରିଛନ୍ତି। ସେ ଏହି ସ୍କ୍ରିପ୍ଟକୁ ସଲମାନଙ୍କୁ ଶୁ ଣା ଇ ବା ପରେ ସେ ଏହି ଚଳଚ୍ଚିତ୍ରରେ କାମ କରିବାକୁ ସମ୍ମତି ପ୍ରଦାନ କରିଥିଲେ।



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱସରୋଜ କୁମାର ସେନାପତି
ଆବିର୍ଭାବ: ୧୫।୦୭।୧୯୫୧
ତିରୋଧାନ: ୦୯।୦୬।୨୦୨୧
ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
Plot No.- A78, Sahid Nagar, Bhubaneswar, Khurdha
ତୁମର ଅନାବିଳ ସ୍ନେହ, ସୀମାହୀନ ମମତା, ଶ୍ରଦ୍ଧା, ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା। -:ଶୋକସନ୍ତପ୍ତ:- ତୁମର ପତ୍ନୀ, ପୁଅ, ବୋହୂ, ନାତି, ନାତୁଣୀ ଓ ସେନାପତି ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୦୮୯୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱବିନୋଦ ବିହାରୀ ଜେନା
ନୂଆସାହି, ଦ୍ୱିତୀୟ ଲାଇନ୍, ଜୟପୁର
ଆବିର୍ଭାବ: ୦୧।୦୭।୧୯୩୭
ତିରୋଧାନ: ୦୧।୦୬।୨୦୨୦
ଦେଖୁ ଦେଖୁ ଗୋଟିଏ ବର୍ଷ ବିତିଗଲା। ଏବେ ବି ବିଶ୍ୱାସ ହେଉନାହିଁ ତୁମେ ଆମ ଗହଣରେ ନାହଁ। ତୁମ ଆଶୀର୍ବାଦ ସଦା ଆମ୍ଭମାନଙ୍କ ଉପରେ ଥାଉ। ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। :ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ ଏବଂ ବନ୍ଧୁବାନ୍ଧବ।
ଧ-୨୦୯୧୪

**୧୬ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଅନାଦି ଚରଣ ସିଂହ
(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ
ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୦୩୨୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱଅମୀୟ କୃଷ୍ଣ କମିଳା
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୧୦।୧୯୭୦
ତିରୋଧାନ: ୦୯।୦୬।୨୦୨୧
ତୁମର ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା। :ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ: ସୁନୀତା କମିଳା (ନୀତା), ଝିଅ: ମନୀଷା ପ୍ରିୟଦର୍ଶନୀ (ରୀମା), ସାନଭାଇ,ବଧୂ: ଅଶୋକ, ଗୀତାଞ୍ଜଳି, ପୁତୁରା: ରୁଦ୍ରାକ୍ଷ, ବଡ଼ ଭିଣୋଇ: ସୁଶୀଲ ରଣା, ଭଣଜା: ନିକୁ, ଚିକୁ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୨୦୯୧୨




## ଶିଖରେ ପିଲେ ଶିଖ

ରାତି ପାହିଲା ଡାକିଲା କାଉ
ଉଠରେ ପିଲେ ଉଠ,
ଚଞ୍ଚଳ ତୁମେ ବିଛଣା ଛାଡ଼
ନ କରି ଆଉ ମଠ।

ଅଳସ ହେଲେ ସବୁ କାମରେ
ପଛରେ ଥିବ ରହି,
ବୟସ ତୁମ ଗଡ଼ି ଯିବ ଯେ
ଭାବିବ ପଛେ ତହିଁ।

ପିଲା ବୟସୁ ଶିଖରେ ତୁମେ
ପାଠ ସହିତ ଶାଠ,
ସବୁ କାମକୁ ଠିକ ସେ କଲେ
ହୋଇବ ତୁମେ ଚାଟ।

ସକାଳୁ ତୁମେ ଉଠିବ ଯେବେ
ସୁସ୍ଥ ହୋଇବ ଶରୀର
ଘେରାଏ ଯଦି ବୁଲି ଆସିବ
ମନ ରହିବ ସ୍ଥିର।

*–ବ୍ରଜେଶ୍ୱରୀ ସିଂହ*
*ସମ୍ପାଦିକା, 'ବଉଳଫୁଲ',*
*ଯାଜପୁର ରୋଡ୍, ଯାଜପୁର*

## ମୋବାଇଲ ପାଠ ପଢ଼ା

ପୁଅ ଆମର ପଢୁଛି ପାଠ
ମୋବାଇଲ ଖଣ୍ଡେ ଧରି
ଚାଳିଶ ମିନିଟ କ୍ଲାସ କରେ
ଶ୍ରବଣ ଯନ୍ତ୍ରକୁ ମାରି।

ଖେଳ ଖେଳୁଛି ଚିତ୍ର ଆଙ୍କୁଛି
ମୋବାଇଲ ଡାଟା ସାରି
ନାଚ କରୁଛି ଫିଲ୍ମ ଦେଖୁଛି
ଆଖି ମଛି ମଛି କରି।

ଅଫ୍ ଲାଇନ ପଠନ ଆଜି
ଲାଗିଲାଣି ଭାରି ପିତା
ନ ପଢ଼ିଲେ ବି ପାଶ୍ ତ ହେବ
ପଢ଼ି କିମ୍ବା ହଟହଟା।

ହାତେ ନ ମାରି ଭାତେ ମାରୁଛି
ବେଲୁ ହୁଅ ସାବଧାନ
ଯନ୍ତ୍ର ଦାନବ ମହାକାଳ ଫଳ
ବାପା ମାଆ କଥା ଶୁଣ।

*–ବିଜୟଲକ୍ଷ୍ମୀ ପାଣିଗ୍ରାହୀ*
*କୁନ୍ଦୁରା, ଜୟପୁର, କୋରାପୁଟ*

## ଆଉ ହେବନି ଚଳି

କେମିତି ଘର ଚଳିବ ଏବେ
ଗଲାଣି ଚିନ୍ତା ବଢ଼ି
ତା'ସାଥେ ପୁଣି ମୁଣ୍ଡ ଉପରେ
କରଜ ଅଛି ଚଢ଼ି।

ଆଖିରୁ ବହେ ଲୁହର ଧାର
ନାହିଁ ତ ଆଉ ଖୁସି
ଉଜାଡ଼ି ଦେଲା ଘର ସଂସାର
କରୋନା ରୋଗ ଆସି।

ବଜାରୁ ଫେରି କହିଲେ ଅଜା
ସୁଖେଇ ଦେଇ ମୁହଁ
ସବୁ ଶୁଣିକି ଆଈ କହିଲା
ସାହା ସେ କଳାଦିଅଁ।

ମହାମାରୀରୁ ମହଙ୍ଗା ଦର
ଗଲାଣି ପରା ବଳି
ଏମିତି ଯଦି ଆଗକୁ ହୁଏ
ଆଉ ହେବନି ଚଳି।

*–ପ୍ରକାଶ କୁମାର ଚାନ୍ଦ,*
*ଜୟପୁର ଶାସନ, ପିପିଲି, ପୁରୀ*

## ଖିଲିଖିଲି ହସ

ଥରେ ଗୋପାଳ ଏକ ଟିଭି ଶୋ' ରୁମ୍‌କୁ ଗଲା। ମନ ପସନ୍ଦର ଟିଭିଟିଏ ଦେଖିବା ପରେ ପଚାରିଲା, ଆଜ୍ଞା, ଏହି ଟିଭିର ଦାମ୍ କେତେ ଅଛି ? ସେଲ୍‌ସମ୍ୟାନ କହିଲା, 'ସାର୍, ଏହାର ଦାମ୍ ୨୮,୦୦୦ ଟଙ୍କା।' ଗୋପାଳ ପଚାରିଲା, 'ଏହାର ଦାମ୍ ଏତେ କାହିଁକି ? ଏଥିରେ ଏମିତି କ'ଣ ସ୍ପେଶାଲ ଅଛି କି ?' ସେଲ୍‌ସମ୍ୟାନ ଉତ୍ତର ଦେଲା, 'ଆଜ୍ଞା, ଲାଇନ୍ କଟିଯିବା ପରେ ଏହା ଅଟୋମେଟିକ୍ ବନ୍ଦ ହୋଇଯିବ।' ଗୋପାଳ କହିଲା, ଠିକ୍ ଅଛି, ଏହି ଟିଭିଟିକୁ ପ୍ୟାକ୍ କରିଦିଅନ୍ତୁ।

●

ଥରେ ରାମୁ ଖୁସି ହୋଇ ସ୍କୁଲରୁ ଘରକୁ ଫେରିଲା। ମା' ତାକୁ ପଚାରିଲେ, ଆରେ ତୁ ଆଜି ଖୁସି ଅଛୁ, କାହିଁକି ? ରାମୁ କହିଲା, ମା' ଏତେ ଦିନେ ମୋତେ ୧୦୦ ମାର୍କ ମିଳିଛି। ମା' କହିଲେ, କେଉଁ ବିଷୟରେ ତୋତେ ଏତେ ମାର୍କ ମିଳିଲା ? ରାମୁ ଉତ୍ତର ଦେଲା, ମା, ଗଣିତରେ ୩୦, ଇଂଲିଶରେ ୩୦ ଆଉ ବିଜ୍ଞାନରେ ୪୦, ବାକି ସବୁ ବିଷୟରେ ଶୂନ ରଖିଛି।

## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ 'ଆସ ଜାଣିବା' ସ୍ତମ୍ଭଟି ବହୁତ ଭଲ ଲାଗିଲା।

*–ଶଶିଭୂଷଣ ମହାନ୍ତି, କଟକ*

➤ଫକୀର ମୋହନ ସେନାପତିଙ୍କୁ ନେଇ ପ୍ରକାଶିତ ଲେଖାଟି ଅତ୍ୟନ୍ତ ଶିକ୍ଷଣୀୟ ହୋଇ ପାରିଥିଲା।

*–ରାମଚନ୍ଦ୍ର ପରିଡ଼ା, କେନ୍ଦୁଝର*

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ରଜ ପର୍ବକୁ ନେଇ ପ୍ରକାଶ ପାଇଥିବା ସମସ୍ତ କବିତା ଭଲ ଲାଗିଲା। ଗୀତ ସାଙ୍ଗକୁ ଏଥିରେ ସ୍ଥାନିତ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ଲାଗିଲା।

*–ରାଧାରାଣୀ ପଟ୍ଟନାୟକ, ଭୁବନେଶ୍ୱର*

➤'କହିଲ ଦେଖି' ସ୍ତମ୍ଭରେ କବିତା ଶୈଳୀରେ ବିଭିନ୍ନ ବିଷୟ ଉପସ୍ଥାପନା ପ୍ରତିଥର ପରି ଏଥର ବି ବହୁତ ଭଲ ହୋଇଥିଲା।

*–ସ୍ମିତାରାଣୀ ଜେନା, ପୁରୀ*

➤ରଜକୁ ନେଇ ଏଥର ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଭାରି ଭଲ ଲାଗିଲା।

*–ଶାନ୍ତନୁ ବେହେରା, ଜଗତ୍‌ସିଂହପୁର*

➤ପ୍ରତିଥର ପରି ଚଗଲା ଭୀମୁ ସ୍ତମ୍ଭରେ କାର୍ଟୁନଟି ମତେ ବହୁତ ଭଲ ଲାଗିଲା।

*–ତ୍ରିପୁରବିଜୟୀ ମହାନ୍ତି, କଳାହାଣ୍ଡି*

➤ଖିଲିଖିଲି ହସ ସ୍ତମ୍ଭରେ ମଜା କଥାଗୁଡ଼ିକ ସୁନ୍ଦରଭାବେ ଉପସ୍ଥାପିତ ହୋଇଛି।

*–ଶଶାଙ୍କ ଶେଖର ସାହୁ, ଖୋର୍ଦ୍ଧା*

➤ଏଥର ଆଇନାରେ ସ୍ଥାନିତ ଫଟୋଟି ସେତେ ବେଶି ଭଲ ହୋଇ ପାରି ନ ଥିଲା।

*–ରଶ୍ମିତା ନାୟକ, କୋରାପୁଟ*




ଶୁଭଙ୍କର
୯ବର୍ଷ

# ଅଭ୍ୟାସ କରୁଥାଅ..

ଦିନକର କଥା । ଦେବରାଜ ଇନ୍ଦ୍ର କୌଣସି କାରଣରୁ କୃଷକଙ୍କ ଉପରେ ରାଗିଗଲେ। ଆଉ ବାର ବର୍ଷ ପର୍ଯ୍ୟନ୍ତ ବର୍ଷା କରିବେନି ବୋଲି ନିର୍ଣ୍ଣୟ ନେଇ କୃଷକଙ୍କୁ କହିଲେ,ତୁମେ ମାନେ ଆଉ ବାର ବର୍ଷ ପର୍ଯ୍ୟନ୍ତ ଫସଲ କରିପାରିବ ନାହିଁ।

କୃଷକମାନେ ଟିକିଏ ଚିନ୍ତା କରି ସମସ୍ତେ ଏକ ସ୍ୱରରେ ଇନ୍ଦ୍ରଦେବଙ୍କୁ ପ୍ରାର୍ଥନା କରି ବର୍ଷା କରାଇବା ପାଇଁ କହିଲେ । କିଛି ସମୟ ପରେ ଇନ୍ଦ୍ରଙ୍କ କୋପ ଟିକିଏ କମ୍ ହେବାରୁ ସେ କହିଲେ, ଯଦି ଭଗବାନ ଶଙ୍କର କୌଣସି କାରଣରୁ ନିଜର ବୋଲି ନିର୍ଣ୍ଣୟ ନେଲେ ।

କିନ୍ତୁ ଗୋଟିଏ କୃଷକ ନିଜ କ୍ଷେତରେ କାମ କରିବା ଛାଡ଼ି ନ ଥିଲା । ସେ ନିୟମିତ ଭାବରେ ତା' ନିଜର କ୍ଷେତରେ ବଳଦଙ୍କୁ ଯୋଡିକରି ହଳ କରେ । ଆଉ ଜମିରେ ବୀଜ ପକେଇ ତା'ର କାମ କରୁଥାଏ । ତାକୁ ଏମିତି କରୁଥିବାର ଦେଖି ଅନ୍ୟ କୃଷକମାନେ ଥଟ୍ଟା କଲେ । କିଛି ବର୍ଷ ପରେ ଗାଁ ଲୋକମାନେ ଏହି ପରିଶ୍ରମୀ କୃଷକକୁ ପଚାରିଲେ, ଯେତେବେଳେ ତୁମକୁ ଜଣା ଅଛି ବାର ବର୍ଷ ପର୍ଯ୍ୟନ୍ତ ବର୍ଷା ହେବନି, ତେବେ ତୁମର ସମୟ ଆଉ ଉର୍ଜା କାହିଁକି ନଷ୍ଟ କରୁଛ ?

ଏହି ତର୍କ ମାତା ପାର୍ବତୀ ବଡ଼ କୌତୂହଳ ହୋଇ ଶୁଣୁଥିଲେ । ମାତା ଭଗବାନ ଶଙ୍କରଙ୍କୁ କହିଲେ, ପ୍ରଭୁ! ଆପଣ ମଧ୍ୟ ବାର ବର୍ଷ ପରେ ଡମ୍ବରୁ ବଜେଇବା ଭୁଲି ଯାଇପାରନ୍ତି। ମାତା ପାର୍ବତୀଙ୍କ କଥା ଶୁଣି ଭଗବାନ ଶଙ୍କର ଚିନ୍ତାରେ ପଡ଼ିଗଲେ । ଆଉ ନିଜର ଡମ୍ବରୁ ବାଜୁଛି କି ନାହିଁ ଦେଖିବାକୁ ଗଲେ ଆଉ ଡମ୍ବରକୁ ଉଠେଇ ବଜେଇବାକୁ ଚେଷ୍ଟା କଲେ। ଯେମିତି ଡମ୍ବରୁ ବାଜିଲା ସେମିତି ବର୍ଷା ଆରମ୍ଭ ହୋଇଗଲା । ଯେଉଁ କୃଷକଜଣକ ନିଜ କ୍ଷେତରେ ନିୟମିତ ଚାଷ କାମ କରିଥିଲେ ତାଙ୍କ କ୍ଷେତରେ




ଡମ୍ବରୁ ବଜେଇବେ ତା'ହେଲେ ବର୍ଷା ହୋଇପାରେ । ଇନ୍ଦ୍ର ଭଗବାନ ଶଙ୍କରଙ୍କ ପାଖକୁ ଯାଇ ଏହି ଉପାୟ ବିଷୟରେ କହିଲେ, ଆଉ ଶଙ୍କରଙ୍କୁ କହିଲେ ଆପଣ ଜମାରୁ କୃଷକଙ୍କ କଥା ଶୁଣିବେନି ।

କୃଷକମାନେ ଭଗବାନ ଶଙ୍କରଙ୍କ ପାଖକୁ ଆସିଲେ ଆଉ ନିଜର ବ୍ୟଥା ବିଷୟରେ କହିଲେ । ଆଉ ଭଗବାନ କହିଲେ, ଡମ୍ବରୁ ବାର ବର୍ଷ ପରେ ଯାଇ ବାଜିବ ।


ଏହି ସ୍ଥିତିରେ କୃଷକମାନେ କିଛି କରି ପାରିଲେ ନାହିଁ । ସମସ୍ତେ ନିରାଶ ହୋଇ ବାର ବର୍ଷ ପର୍ଯ୍ୟନ୍ତ ଚାଷ କରିବେ ନାହିଁ

ସେଠୁ ସେ କୃଷକ କହିଲେ, ମୁଁ ଜାଣିଛି ବାର ବର୍ଷ ପର୍ଯ୍ୟନ୍ତ ଫସଲ ହେବ ନାହିଁ । କିନ୍ତୁ ମୁଁ ଏପରି ନିଜର ଅଭ୍ୟାସ ପାଇଁ କରୁଛି । କାହିଁକିନା ବାର ବର୍ଷ ପର୍ଯ୍ୟନ୍ତ କୃଷକ ଯଦି କିଛି ନ କରେ ତା'ହେଲେ ସେ କୃଷି କାମ କରିବା ପୂରା ଭୁଲିଯିବ । ମୋ ଶରୀରରେ ଶ୍ରମ କରିବାର ଅଭ୍ୟାସ ଛାଡ଼ିଯିବ । ତେଣୁ ଏହି କାମ ମୁଁ ନିୟମିତ କରୁଛି ବାର ବର୍ଷ ପରେ ଯେତେବେଳେ ବର୍ଷା ହେବ ତେବେ ମୋର ନିଜ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ।

ଫସଲ ଭରିଗଲା । ଆଉ ଅନ୍ୟ କୃଷକମାନେ ପଶ୍ଚାତ୍ତାପ କରୁଥିଲେ । ତେଣୁ ପିଲାମାନେ ଏହି ଗପରୁ ଆମେ ଶିଖିଲେ କି ଆମେ ନିୟମିତ ଆମର କାମକୁ ଅଭ୍ୟାସ କରୁଥିବା। ଅଭ୍ୟାସ କରୁଥିଲେ କୌଣସି କାମ ଅସମ୍ଭବ ହୋଇ ରହିବନି। ତେଣୁ ପାଠପଢ଼ା ହେଉ କି ଅନ୍ୟ ଯେକୌଣସି କଷ୍ଟ କାମ ହେଉ ପ୍ରତିଦିନ ଅଭ୍ୟାସ କରିବା ଉଚିତ।

*–ମନୋଜ କୁମାର ବେହେରା,*
*୨୧୭, ୟୁନିଟ–୯(ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର*

## ତୁମ ତୂଳୀରୁ



ଦୀକ୍ଷା ଦେବାଂଶୀ ବରାଳ, କ୍ଲାସ–୩, କେନ୍ଦ୍ରୀୟ ବିଦ୍ୟାଳୟ, ନଂ–୧, ଭୁବନେଶ୍ୱର





ନିଷ୍ଠା ଦାଶ, କ୍ଲାସ– ୬, ସେଣ୍ଟ ଜାଭିୟର କିଡ୍ସ, ବାଲୀପୁଟ, ପୁରୀ





ସୋନମ୍ ପାତ୍ର, କ୍ଲାସ–୫ ଏକାଡେମିକ୍ ହାଇଟ୍ ପବ୍ଲିକ ସ୍କୁଲ, କଳାହାଣ୍ଡି

## କହିଲ ଦେଖି

ପାଦତଳେ ଆମ ଥାଏ ସେ ରହି
କଷ୍ଟ ଦିଏନାହିଁ ପାଦକୁ ସେହି
ମନ୍ଦିରକୁ ଗଲେ ବାହାରେ ରୁହେ
ଘରେ ନୁହେଁ ଦାଣ୍ଡଦୁଆରେ ଶୁଏ
ଭାରି ଉପକାରୀ ଅଟେ ଆମରି ପାଇଁ
ନାମଟି ତାହାର କିଏ ପାରିବ କହି।



ଉ–ଜୋତା

ଆମ୍ବଡାଳେ ବସି ଆନନ୍ଦେ ଗାଏ
ତା'ସ୍ୱର ସଭିଙ୍କ ମନକୁ ମୋହେ
ଦେଖିବାକୁ କଳା ରୂପଟି ତା'ର
ସଭିଙ୍କ ହୃଦୟେ ତୋଳଇ ଘର
ପାଟି ଫିଟେଇଲେ ଗୀତଟେ ହୁଏ
ନାମଟି ତାହାର କୁହ କହିବ କିଏ।



ଉ–କୋଇଲି

ସବୁବେଳେ ସିଏ ପ୍ରହାର ଖୋଜେ
ପ୍ରହାର ଖାଇଲେ ଭଲକି ବାଜେ
ଘର ହେଉ ଅବା ହେଉ ମନ୍ଦିର
ଧ୍ୱନି ଦେଉଥାଏ ଭାବ ଭକ୍ତିର



ଉ–ଘଣ୍ଟି

ଚାରୋଟି ଅକ୍ଷରେ ନାମ ମୋହର
ପ୍ରଥମ ଦୁଇଟି ସାଜେ ଠାକୁର
ଶେଷ ଦୁଇ ମିଶି ହୁଏ ଆହାର
ଋତୁ ସାଥେ ଚାଲେ ମୋର ସମ୍ଭାର
ନାଲି ଟହ ଟହ ମୁଁ ଦିଶେ ସୁନ୍ଦର।



ଉ–କୃଷ୍ଣଚୂଡ଼ା

**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର

### ଶିଶୁ ପ୍ରତିଭା

## କୁନି ନୃତ୍ୟାଙ୍ଗନା



ସାରିକା

ଘୁଙ୍ଗୁର ବାନ୍ଧିବା ଆଗରୁ ସଙ୍ଗୀତର ତାଳେ ତାଳେ ନାଚି ଉଠୁଥିଲା ତାଙ୍କ ପାଦ। କୁନି କୁନି ପାଦରେ ଭଲଭାବେ ଚାଲି ଶିଖିବା ଆଗରୁ ନାଚି ନାଚି ସେ ବେଦମ୍ ହୋଇ ଯାଉଥିଲେ। ନାଚ ପାଇଁ ତାଙ୍କର ଆଗ୍ରହ ଦେଖିଲେ ଲାଗେ ଭବିଷ୍ୟତରେ ସେ ଜଣେ ଭଲ ନୃତ୍ୟାଙ୍ଗନା ହୋଇ ପାରିବେ। ଏହି କୁନି ପ୍ରତିଭାଜଣକ ହେଉଛନ୍ତି ସାରିକା ଦିବ୍ୟାଂଶୀ ସାହୁ।

ସମ୍ବଲପୁରର ରେଢ଼ାଖୋଲରେ ରହୁଥିବା ସାରିକା ଏବେ ସ୍ଥାନୀୟ ବୃନ୍ଦାବନବିହାରରେ ଥିବା ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲରେ ଚତୁର୍ଥ ଶ୍ରେଣୀର ଛାତ୍ରୀ। ବାପା ସୁମନ୍ତ କୁମାର ସାହୁ ଫରେଷ୍ଟ ଡିପାର୍ଟମେଣ୍ଟରେ ଚାକିରି କରୁଥିବାବେଳେ ମାଆ ତୃପ୍ତିସ୍ମିତା ସାହୁ ହେଉଛନ୍ତି ଗୃହିଣୀ। ସାରିକାଙ୍କ ବୟସ ଏବେ ମାତ୍ର ୧୦ ବର୍ଷ, କିନ୍ତୁ ନୃତ୍ୟକ୍ଷେତ୍ରରେ ସେ ବେଶ୍ ବାଟ ଅତିକ୍ରମ କରି ସାରିଛନ୍ତି। ମାତ୍ର ୪ ବର୍ଷ ବୟସରେ ସେ ତାଙ୍କ ଗାଁ ପାଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ମଞ୍ଚ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ। କଳାପ୍ରତି ସାରିକାଙ୍କର ଏଭଳି ଆକର୍ଷଣ ପଛରେ ଏବେ ପ୍ରେରଣା ପାଲଟିଛନ୍ତି ତାଙ୍କ ସ୍କୁଲର ନୃତ୍ୟଗୁରୁ ପ୍ରଦୀପ ପ୍ରଧାନ। ତାଙ୍କରି ତତ୍ତ୍ୱାବଧାନରେ ଏବେ ସାରିକା ନୃତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର କଳାକୌଶଳ ସବୁ ଶିଖିବାରେ ଲାଗିଛନ୍ତି। ଏହା ବ୍ୟତୀତ ସାରିକାଙ୍କ ଅଜା ତଥା ଅଭିନେତା ସମରେଶ ରାଉତରାୟ ମଧ୍ୟ ତାଙ୍କୁ ଏ କ୍ଷେତ୍ରରେ ଆଗକୁ ଯିବା ପାଇଁ ପ୍ରେରଣା ଦେଇଥାନ୍ତି। ବୌଦ୍ଧ, ବୁର୍ଲା, ଅନୁଗୋଳ ଆଦି ବିଭିନ୍ନ ଜିଲାରେ ସେ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସି ଏବଂ ପୁରସ୍କୃତ ହୋଇସାରିଛନ୍ତି। ଆଉ ନୃତ୍ୟ କ୍ଷେତ୍ରରେ ତାଙ୍କର ଏଭଳି ପ୍ରତିଭା ନିମନ୍ତେ ସ୍କୁଲରେ ମଧ୍ୟ ତାଙ୍କର ଫି ଛାଡ଼ କରି ଦିଆଯାଇଛି। ଭବିଷ୍ୟତରେ ଜଣେ ଭଲ ନୃତ୍ୟାଙ୍ଗନା ହେବା ନିମନ୍ତେ ସାରିକା ତାଙ୍କର ଅଭ୍ୟାସ ଜାରି ରଖିଛନ୍ତି। ଲକ୍‌ଡାଉନ୍ ଥିବାରୁ ସେ ଅନ୍‌ଲାଇନରେ ତାଙ୍କ ନୃତ୍ୟଗୁରୁ ପ୍ରଦୀପଙ୍କଠାରୁ ଶିକ୍ଷା କରୁଛନ୍ତି ଏବଂ ଅନେକ ସମୟରେ ୟୁଟ୍ୟୁବ ଦେଖି ଅଭ୍ୟାସ ମଧ୍ୟ କରୁଛନ୍ତି।

### ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଶରୀରର ବିଭିନ୍ନ ଅଙ୍ଗରୁ ଶବ୍ଦ କରି ରେକର୍ଡ

ପିଲାମାନେ ତୁମେ ତ ବେଳେବେଳେ ଆଙ୍ଗୁଠି ଫୁଟାଇଥିବ, କିନ୍ତୁ ଜାଣିଛ ଏମିତି ଆଙ୍ଗୁଠି ଫୁଟାଇବା ଭଳି ଶରୀରର ବିଭିନ୍ନ ଅଙ୍ଗକୁ ମଧ୍ୟ ଫୁଟାଇ ହେବ। ହଁ ଏମିତି ଭାବେ ଶରୀରର ବିଭିନ୍ନ ଜଏଣ୍ଟ ଅଂଶକୁ ଫୁଟାଇ ରେକର୍ଡ କରିଛନ୍ତି ଆମେରିକାର କଲାଇ ସେଲଭେନ୍ କାଲି ସାନମୁଘମ ନାମକ ଜଣେ ବ୍ୟକ୍ତି। ସେ ନିଜ ଶରୀରରେ ମୋଟ ୩୨ ପ୍ରକାରର ଅଙ୍ଗକୁ ଫୁଟାଇ ଏଭଳି ଶବ୍ଦ କରି ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି। ଆଙ୍ଗୁଠି ସହିତ ସେ ମଣିବନ୍ଧ, କହୁଣୀ, ବେକ, ଗୋଡ ଆଙ୍ଗୁଠି, ଆଣ୍ଠୁ, ଅଣ୍ଟା ଆଦି ବିଭିନ୍ନ ସ୍ଥାନରେ ଏଭଳି ଶବ୍ଦ କରି ଏହି ରେକର୍ଡ କରିଛନ୍ତି। କଲାଇ ସେଲଭେନ୍ ବହୁ ପୂର୍ବରୁ ଏଥିପାଇଁ ଅଭ୍ୟାସ ରଖିଥିଲେ। ଘରେ କିଛି କାମ ନ ଥିବା ସମୟରେ



ସେ ବେଳେବେଳେ ଏପରି କରି ଅଭ୍ୟାସ କରୁଥିଲେ ଓ ଶେଷରେ ରେକର୍ଡ କରିବାକୁ ସମର୍ଥ ହେଲେ। ତେବେ ତାଙ୍କ ପୂର୍ବରୁ ୨୬ ପ୍ରକାରର ଏଭଳି ଶବ୍ଦ କରି ଏହି ରେକର୍ଡ କରିଥିଲେ ଭାରତର ଜେମ୍‌ସ ସିମଙ୍ଗ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୧୯/୨୦୨୧ Bhubaneswar, Saturday, June 19/ 2021



ଟୋକିଓ ଅଲିମ୍ପିକ୍ସ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

## ଅମିତଙ୍କୁ ବୀରେନ୍ଦ୍ରଙ୍କ ଶୁଭକାମନା

ପ୍ରଥମଥର ପାଇଁ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ଅମିତ ରୋହିଦାସଙ୍କୁ ଶୁଭକାମନା ଜଣାଇଛନ୍ତି ଭାରତୀୟ ଦଳର ତାରକା ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା। ଅଲିମ୍ପିକ୍ସ ଆଉ ମାସେ ସମୟ ଅଛି। ତେଣୁ ଦଳରେ ଯେଉଁ ଦୁର୍ବଳତା ଅଛି ତାକୁ ଶର୍ଟଆଉଟ କରି ଟୋକିଓ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ବୀରେନ୍ଦ୍ର କହିଛନ୍ତି।

## ସ୍ୱପ୍ନ ସାକାର ହେବାକୁ ଯାଉଛି

ଅଲିମ୍ପିକ୍ସରେ ଖେଳିବା ମୋର ସ୍ୱପ୍ନ ଥିଲା। ତାହା ଏବେ ସାକାର ହେବାକୁ ଯାଉଛି। ଆଗାମୀ ଅଲିମ୍ପିକ୍ସ ପାଇଁ ଆମେ ୨ ଓଡ଼ିଆ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୁଁ ବହୁତ ଖୁସି। ଆଗାମୀ ଏକ ମାସ ମଧ୍ୟରେ ଅଧିକ କଠିନ ପରିଶ୍ରମ କରି ଆମେ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ ବୋଲି ଅମିତ ରୋହିଦାସ କହିଛନ୍ତି।

# ଶେଫାଳିଙ୍କ ବିରଳ କୃତିତ୍ୱ

**ବ୍ରିଷ୍ଟଲ, ୧୮।୬**

ଏଠାରେ ଚାଲିଥିବା ଏକମାତ୍ର ମହିଳା କ୍ରିକେଟ ଟେଷ୍ଟରେ ଭାରତୀୟ ଦଳ ସଂଘର୍ଷ କରୁଥିଲେ ହେଁ ବ୍ୟକ୍ତିଗତ ଭାବେ ଶେଫାଳି ବର୍ମା ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି। ନିଜ ପଦାର୍ପଣ ଟେଷ୍ଟର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରି ସେ ଅନ୍ୟ ଭାରତୀୟ ଖେଳାଳିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ୧୭ ବର୍ଷୀୟା ଶେଫାଳି ପ୍ରଥମ ଇନିଂସରେ ୯୬ ରନରେ ଆଉଟ ହୋଇ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଶୁକ୍ରବାର ତୃତୀୟ ଦିବସରେ ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୮୩ ରନ କରିଥିଲା। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ନିର୍ଭୀକ ବ୍ୟାଟିଂ କରିଥିବା ଶେଫାଳି ୬୮ ବଲ୍‌ରୁ ୧୧ ଚୌକା ସହାୟତାରେ ୫୫ ଏବଂ ଦୀପ୍ତି ଶର୍ମା ୧୮(୬୬ ବଲ, ୨ ଚୌକା) ରନକରି ଅପରାଜିତ ରହିଥିଲେ। ସ୍ମୃତି ମନ୍ଧାନା ୮ ରନ କରି ଆଉଟ ହୋଇଛନ୍ତି। ମହିଳା କ୍ରିକେଟରେ ବିଶ୍ୱର ସର୍ବକନିଷ୍ଠ ଖେଳାଳିଭାବେ ଶେଫାଳି ନିଜ ପଦାର୍ପଣ ଟେଷ୍ଟର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଟେଷ୍ଟ କ୍ରିକେଟକୁ ଦେଖିଲେ କେବଳ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ସଚିନ ତେନ୍ଦୁଲକର କମ୍ ବୟସରେ ଏହି ସଫଳତା ପାଇଥିଲେ। ସଚିନ ୧୯୯୦ରେ ୧୭ ବର୍ଷ ୧୦୭ ଦିନର ହୋଇଥିବାବେଳେ ପଦାର୍ପଣ ଟେଷ୍ଟର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିଲେ। ଶେଫାଳି ୧୭ ବର୍ଷ ୧୩୯ ଦିନର ହୋଇଥିବାବେଳେ ଏହି ବିରଳ କୃତିତ୍ୱ ଅର୍ଜନ କରିଛନ୍ତି। ହାତରେ ୯ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ଏବେ ମଧ୍ୟ ଇଂଲଣ୍ଡ ପ୍ରଥମ ଇନିଂସ ସ୍କୋରଠାରୁ ୮୨ ରନ ପଛରେ ରହିଛି। ଶନିବାର ଟେଷ୍ଟର ଅନ୍ତିମ ଦିବସ।

ଭାରତ ପ୍ରଥମ ଇନିଂସରେ ୨୩୧ ରନରେ ଅଲଆଉଟ ହୋଇଯିବାରୁ ଫଲୋଅନ ଡାକରା ପାଇଥିଲା। ଇଂଲଣ୍ଡ ଏହାର ପ୍ରଥମ ଇନିଂକୁ ୩୯୬/୯ରେ ଘୋଷଣା କରିଥିବାରୁ ଭାରତ ୧୬୫ ରନ ପଛରେ ରହି ଯାଇଥିଲା। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୮୭/୫ରୁ ଖେଳ ଆରମ୍ଭ କରିଥିବା ଭାରତ ଶୁକ୍ରବାର ତୃତୀୟ ଦିବସରେ ୨୧.୨ ଓଭର ଖେଳି ଆଉ ୪୪ ରନ ଯୋଗକରି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଦୀପ୍ତି ଶର୍ମା ୨୯ (୭୩ ବଲ, ୪ ଚୌକା) ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକ୍‌ଲେଷ୍ଟୋନ ୪ଟି, ହିଥର ନାଇଟ ୨ଟି ଏବଂ କ୍ୟାଥରିନ ବ୍ରୁଣ୍ଟ, ଆନ୍ୟା ଶ୍ରୁବସୋଲେ, ନାତାଲି ସ୍କିଭର ଓ କେଟ୍ କ୍ରସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶେଫାଳି ବର୍ମା

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୯୬/୯(ଘୋଷଣା)। ଭାରତ ପ୍ରଥମ ଇନିଂସ: ୨୩୧/ଅଲଆଉଟ (ଶେଫାଳି ବର୍ମା-୯୬, ସ୍ମୃତି ମନ୍ଧାନା-୭୮, ଦୀପ୍ତି ଶର୍ମା-୨୯*, ସୋଫି ଏକ୍‌ଲେଷ୍ଟୋନ-୪/୮୮, ହିଥର ନାଇଟ-୨/୭)। ଫଲୋଅନ ପରେ ଭାରତ ଦ୍ୱିତୀୟ ଇନିଂସ: ୮୩/୧(ଶେଫାଳି ବର୍ମା-୫୫*, ଦୀପ୍ତି ଶର୍ମା-୧୮*, କ୍ୟାଥରିନ ବ୍ରୁଣ୍ଟ-୧/୨୧)।

## ଅଲିମ୍ପିକ୍ ଭାରୋତ୍ତୋଳନରୁ ରୋମାନିଆ ବାସନ୍ଦ

**ଲାଉସେନ, ୧୮।୬(ଏପି)**

ଆଗାମୀ ଟୋକିଓ ଅଲିମ୍ପିକ୍ସର ଭାରୋତ୍ତୋଳନ ପ୍ରତିଯୋଗିତାରୁ ରୋମାନିଆକୁ ବାସନ୍ଦ କରାଯାଇଛି। ଡୋପିଂ ପାଇଁ ରୋମାନିଆକୁ ଅଲିମ୍ପିକ୍ସର ଏହି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟରୁ ବାଦ୍ ଦେଇଛି ଅନ୍ତର୍ଜାତୀୟ ୱେଟଲିଫ୍ଟିଙ୍ଗ୍ ଫେଡେରେଶନ। ୫ଟି ଡୋପିଂ ମାମଲା କାରଣରୁ ରୋମାନିଆନ ୱେଟଲିଫ୍ଟିଙ୍ଗ ଫେଡେରେଶନକୁ ପ୍ରତିଯୋଗିତାରୁ ଗୋଟିଏ ବର୍ଷ ବାସନ୍ଦ କରାଯାଇଛି। ୨୦୧୨ ଅଲିମ୍ପିକ୍ସରେ ଭାଗ ନେଇଥିବା ରୋମାନିଆର ଭାରୋତ୍ତୋଳକମାନେ ମଧ୍ୟ ଏଥିରେ ସାମିଲ ରହିଛନ୍ତି। ଏମାନଙ୍କ ନମୁନାରୁ ବିଭିନ୍ନ ନିଷିଦ୍ଧ ପଦାର୍ଥର ସୁରାକ ମିଳିଥିଲା। ଏମାନଙ୍କ ମଧ୍ୟରେ ରହିଛନ୍ତି ଗାବ୍ରିଏଲ ସିନକ୍ରନେ। ଗାବ୍ରିଏଲ ଡ୍ରଗ୍ ଟେଷ୍ଟରେ ବିଫଳ ହେବା କାରଣରୁ ୨୦୧୬ ରିଓ ଅଲିମ୍ପିକ୍ସ ପଦକ ହରାଇଥିଲେ। ଚତୁର୍ଥ ଦେଶ ଭାବେ ରୋମାନିଆ ଏଭଳି ବାସନ୍ଦର ସମ୍ମୁଖୀନ ହୋଇଛି। ପୂର୍ବରୁ ସମାନ କାରଣ ପାଇଁ ଇଜିପ୍ଟ, ମାଲେସିଆ ଓ ଥାଇଲାଣ୍ଡକୁ ଟୋକିଓ ଅଲିମ୍ପିକ୍ସର ଏହି ପ୍ରତିଯୋଗିତାରୁ ବାଦ୍ ଦିଆଯାଇଛି। ସେହିପରି ଡୋପିଂ କାରଣରୁ ରୁଷିଆ, ଇରାନ ଓ ତୁର୍କୀ ଭଳି ଦେଶଗୁଡ଼ିକ ସୀମିତ ସଂଖ୍ୟାରେ ଆଥ୍‌ଲେଟ ଅଲିମ୍ପିକ୍ସକୁ ପଠାଇବେ ବୋଲି କୁହାଯାଇଛି।

# ଦିଲୀପ ହେଲେ ଆଡ୍‌ହକ କମିଟି ଚେୟାରମ୍ୟାନ

**ଭୁବନେଶ୍ୱର, ୧୮।୬ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ହକି ଖେଳର ପରିଚାଳନା ପାଇଁ ଏକ ଆଡ୍‌ହକ କମିଟି ଗଠନ କରାଯାଇଛି। ହକି କିମ୍ବଦନ୍ତୀ ଦିଲୀପ ତିର୍କୀଙ୍କୁ ସର୍ବସମ୍ମତିକ୍ରମେ ଏହାର ଚେୟାରମ୍ୟାନ ଭାବେ ନିଯୁକ୍ତି ଦିଆଯାଇଛି। କମିଟିର ପ୍ରଥମ ବୈଠକ ଶୁକ୍ରବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। କମିଟିରେ ଯେଉଁମାନେ ସଦସ୍ୟ ରହିଛନ୍ତି, ସେମାନେ ହେଲେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ପ୍ରତିନିଧି ଅଧୀପ ଦାସ, ହକି ଇଣ୍ଡିଆର ଉପସଭାପତି ଭୋଳାନାଥ ସିଂ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଉପସଚିବ ଶୈଳେନ୍ଦ୍ର ଜେନା (ସଦସ୍ୟ ଆବାହକ) ଏବଂ ଅନୁଶାସନ ସଚିବ ରାଜେନ୍ଦ୍ର ପାଣି। ସମଗ୍ର ଓଡ଼ିଶାରେ ହକି ଖେଳର ପରିଚାଳନା ଓ ପ୍ରସାର କାର୍ଯ୍ୟ ଦେଖିବା ଆଡ୍‌ହକ କମିଟିର କାର୍ଯ୍ୟ। ଦିଲୀପ ତିର୍କୀ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲର ମଧ୍ୟ ଚେୟାରମ୍ୟାନ ଅଛନ୍ତି। ଓଡ଼ିଶାରୁ ଅଧିକରୁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବା, ତୃଣମୂଳ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ସେ ସମ୍ପୃକ୍ତ ଅଛନ୍ତି। ''ମୁଁ ବର୍ତ୍ତମାନ ଓଡ଼ିଶା ହକି ସହ ଓତପ୍ରୋତ ଭାବେ ଜଡ଼ିତ। କମିଟିର ଚେୟାରମ୍ୟାନ ଭାବେ ଆମେ ଜଣେ ଭେଟେରାନଙ୍କୁ ପାଇଥିବାରୁ ଓଡ଼ିଶାରେ ହକିଖେଳର ସାମଗ୍ରିକ ଉନ୍ନତି ନେଇ ଆମେ ଦୃଢ ଆଶାବାଦୀ'' ବୋଲି ଶୁକ୍ରବାର ବୈଠକରେ ଯୋଗଦାନ ପୂର୍ବକ ତାଙ୍କ ଅଭିଭାଷଣ ରଖି ଅଧୀପ ଦାସ କହିଛନ୍ତି । ଅନ୍ୟପକ୍ଷରେ ଆଡ୍‌ହକ କମିଟିରେ ଚେୟାରମ୍ୟାନ ପଦବୀରେ ନିଯୁକ୍ତି ପାଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି ବୋଲି ପୂର୍ବତନ ଷ୍ଟାର ହକି ଖେଳାଳି ଦିଲୀପ ତିର୍କୀ କହିଛନ୍ତି। ଜିଲା ହକି ଆସୋସିଏଶନଗୁଡ଼ିକର ସୁପରିଚାଳନା, ଓଡ଼ିଶାର ସମସ୍ତ ବୟସବର୍ଗର ହକି ଖେଳାଳିମାନଙ୍କ ସ୍ୱାର୍ଥ ସହ ଜଡ଼ିତ ସବୁପ୍ରକାର କାର୍ଯ୍ୟକୁ ସେ ତ୍ୱରାନ୍ୱିତ କରିବା ଦିଗରେ ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗତ ୧୪ ତାରିଖରେ ହକି ଇଣ୍ଡିଆ ଆଡ୍‌ହକ କମିଟି ଗଠନ କରି ଝାଡ଼ଖଣ୍ଡ ହକି ଆସୋସିଏଶନ ସଭାପତି ଭୋଳାନାଥଙ୍କୁ ଚେୟାରମ୍ୟାନ ଭାବେ ମନୋନୀତ କରିଥିଲା। ଏହାକୁ ନେଇ ଓଡ଼ିଶା କ୍ରୀଡ଼ା ମହଲରୁ ପ୍ରତିବାଦ ସ୍ୱର ଉଠିବା ପରେ ଚାପରେ ହକି ଇଣ୍ଡିଆ ନିଷ୍ପତ୍ତି ପରିବର୍ତ୍ତନ କରିଥିବା ଅନୁମାନ କରାଯାଉଛି।



ଦିଲୀପ ତିର୍କୀ

# ମହିଳା ସାଇକ୍ଲିଂ ରେସ୍ ୨୦୨୨ ଜୁଲାଇରେ

**ପ୍ୟାରିସ୍, ୧୮।୬ (ଏପି):** ଟୁର୍ ଡି' ଫ୍ରାନ୍ସ ୨୦୨୨ ଜୁଲାଇରେ ମହିଳା ସାଇକ୍ଲିଂ ରେସ୍ ଆୟୋଜନ କରିବ। ପୁରୁଷ ବିଭାଗ ରେସ୍ ଶେଷ ହେବା ପରେ ଏହା ପ୍ୟାରିସ୍‌ର ଆଇକନିକ ଚାମ୍ପ-ଇଲିସେସ୍‌ଠାରୁ ଆରମ୍ଭ ହେବ। ଅତୀତରେ ଅନେକଥର ପ୍ରଚେଷ୍ଟା କରି ବିଫଳ ହେବା ପରେ ମହିଳା ୱାର୍ଲ୍ଡ ଟୁର୍ ସାଇକ୍ଲିଂ କ୍ୟାଲେଣ୍ଡରରେ ସ୍ଥାୟୀ ଭାବେ ଏହାକୁ ସାମିଲ କରିବା ଲାଗି ମହିଳା ୱାର୍ଲ୍ଡ ଟୁର୍ ଡି' ଫ୍ରାନ୍ସ ଫେମିଜ୍ ନିଷ୍ପତ୍ତି ନେଇଛି। ରେସ୍‌ର ରୁଟ୍ ଓ ଦୂରତା ସମ୍ପର୍କରେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। ତେବେ ରୁଟ୍‌ର ଏକ ଝଲକ ଭିଡିଓ ଜରିଆରେ ପ୍ରଦର୍ଶନ କରାଯାଇଛି। ଏହା ୨୦୨୨ ଜୁଲାଇ ୨୪ରେ ଆରମ୍ଭ ହେବ। ପ୍ରଫେସନାଲ ମହିଳା ସାଇକ୍ଲିଂର ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ହେବ ବୋଲି ୟୁସିଆଇ ମହିଳା ୱାର୍ଲ୍ଡ ଟିମ୍ ଏସ୍‌ଡି ଓର୍କ୍ସର ଜଣେ ରାଇଡର ଆନ୍ନା ଭାନ୍ ଡର ବ୍ରିଗେନ୍ ପ୍ରକାଶ କରିଛନ୍ତି।









# ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ପାରା ସ୍ପୋର୍ଟ୍ସ ଖେଳାଳି

**ଭୁବନେଶ୍ୱର, ୧୮।୬ (ସ୍ପୋର୍ଟ୍ସ ବ୍ୟୁରୋ):** ସାଧାରଣ ଖେଳାଳିଙ୍କ ଭଳି ରାଜ୍ୟ ସରକାର ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଓଡ଼ିଶା ରାଜ୍ୟ ପାରାଖେଳାଳି ଫୋରମ୍ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ପାରା ଆଥ୍‌ଲେଟମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରି କେବଳ ଓଡ଼ିଶା ନୁହେଁ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତଙ୍କ ସମେତ ଜୟନ୍ତୀ ବେହେରା, ପ୍ରାଚୁର୍ଯ୍ୟ ପ୍ରଧାନ, ସୌନ୍ଦର୍ଯ୍ୟ ପ୍ରଧାନ, ଦିଶେଶ୍ୱର ରାଓ, ଭି. ରମେଶ ରାଓ ଓ ରାଖାଲ ସେଠୀ ପ୍ରମୁଖ ରହିଛନ୍ତି। ଦକ୍ଷତା ବୃଦ୍ଧି ଲାଗି ଖେଳାଳିମାନଙ୍କୁ ଉଚ୍ଚମାନର ଅଭ୍ୟାସ, ଅନ୍ତର୍ଜାତୀୟ ସ୍ତରରେ ତାଲିମ ଓ ଅତ୍ୟାଧୁନିକ କ୍ରୀଡ଼ା ସରଞ୍ଜାମର ଆବଶ୍ୟକତା ରହିଛି। ଏହାବ୍ୟତୀତ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ନିରାପତ୍ତା ପ୍ରତି ଦୃଷ୍ଟି ଦେବା ଦରକାର। ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ଦେଇଥିବା ସାଧାରଣ ଖେଳାଳିଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ମିଳୁଥିଲେ ମଧ୍ୟ ପାରାଆଥ୍‌ଲେଟମାନେ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସବୁଠାରୁ ଦୁଃଖର ବିଷୟ ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ବିଜେତା ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ନିଯୁକ୍ତି ପାଇଁ ଏ ପର୍ଯ୍ୟନ୍ତ କୌଣସି ଅଫର ଦିଆଯାଇନାହିଁ। ଅନ୍ୟ ବହୁ ରାଜ୍ୟ ଯଥା ହରିୟାଣା, ରାଜସ୍ଥାନ, ବିହାର, ମହାରାଷ୍ଟ୍ର, ପଞ୍ଜାବ, ଦିଲ୍ଲୀ ଓ ଗୁଜରାଟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିଥିବା ସାଧାରଣ ଖେଳାଳି ଓ ପାରା ଖେଳାଳିଙ୍କୁ ସମାନ ମାନ୍ୟତା ପ୍ରଦାନ କରାଯିବା ସହ ସରକାରୀ ଚାକିରିରେ ନିଯୁକ୍ତି ବ୍ୟବସ୍ଥା ରହିଛି। ଏହାକୁ ବିଚାର କରି ଓଡ଼ିଶା ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ପାରା ଖେଳାଳି ଫୋରମ୍ ପକ୍ଷରୁ ଅନୁରୋଧ କରାଯାଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## 'ରଘୁନାଥ ମହାପାତ୍ରଙ୍କ କଳାକୃତି ସ୍ଥାନାନ୍ତର କରା ନ ଯାଉ'

ପୁରୀ ଅଫିସ: ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ନିର୍ମିତ ଘୋଡ଼ା ଓ ଯୋଦ୍ଧାଙ୍କ ପଥର ମୂର୍ତ୍ତିକୁ ସ୍ଥାନାନ୍ତରଣ ନ କରିବାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଦାବି କରିଛନ୍ତି। ସେ କହିଛନ୍ତି, ରଘୁନାଥଙ୍କ କଳାକୃତି ସ୍ଥାନାନ୍ତରଣ ନ କରି ମଧ ବିକାଶ କାର୍ଯ୍ୟ କରାଯାଇପାରିବ। ପୁରୀର ଗର୍ବ ସ୍ୱର୍ଗତଃ ମହାପାତ୍ରଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ତାଙ୍କୁ ସମ୍ମାନ ଜଣାଇ ଏହାର ରକ୍ଷଣାବେକ୍ଷଣ କରିବା ପରିବର୍ତ୍ତେ ତାଙ୍କ କଳାକୃତିକୁ ସ୍ଥାନାନ୍ତରଣ କରିବା ମହାନ ଶିଳ୍ପୀଙ୍କ ପ୍ରତି ଅସମ୍ମାନ ହେବ। ଏଣୁ ମୂର୍ତ୍ତି ସ୍ଥାନାନ୍ତରଣ ବାତିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ ଯୋଗେ ସେ ଦାବି ଜଣାଇଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୮।୦୬।୨୦୨୧

୧୭୮୨ ଟଙ୍କା

# ୩ ପ୍ରକଳ୍ପ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୧୮।୬

କରୋନା ବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭର୍ଚୁଆଲ୍ ମୋଡ୍‌ରେ ପୁରୀର ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେହି ୩ଟି ପ୍ରକଳ୍ପ ହେଲା ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା, ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଅକ୍ସିଜେନ୍ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ଏବଂ ଆଇଡିଏଚ୍ କୋଭିଡ୍ ହସ୍ପିଟାଲରେ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ୍ ଅକ୍ସିଜେନ୍ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।




ପୁରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଏବଂ ପ୍ରଶାସନିକ ଅଧିକାରୀମାନେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି, ପ୍ରତ୍ୟେକ ଜୀବନ ମୂଲ୍ୟବାନ ଓ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ବିଶେଷ ଭାବେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ପାଇଁ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଇ-ଗଭର୍ନାନ୍ସ ଅଧିକାରୀ ପିୟୁଷ ଚକ୍ରବର୍ତ୍ତୀ ଭିଡିଓ କନଫରେନ୍ସ ପରିଚାଳନାରେ ସହଯୋଗ କରିଥିଲେ।




ଡାକ୍ତରଙ୍କ ସୁରକ୍ଷା ଦାବିରେ ଶୁକ୍ରବାର ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ ପୁରୀ ଜିଲା ଶାଖା ପକ୍ଷରୁ ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣା।

## ଜିଲା କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ପୁରୀ ଅଫିସ ୧୮।୬

ରାଜ୍ୟ ସରକାର ଚଳିତବର୍ଷର ରବି ଚାଷର ସମସ୍ତ ବଳକା ଧାନ ଚାଷୀଙ୍କଠାରୁ ତୁରନ୍ତ କ୍ରୟ କରିବାକୁ ଦାବିକରି ପୁରୀ ଜିଲା କିଷାନ କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଛି। ଟୋକନ ଅବଧି ବୃଦ୍ଧି, ଅବଧି ସରିଥିବା ଟୋକନକୁ ପୁନଃ କାର୍ଯ୍ୟକ୍ଷମ କରିବା, ସିଧାସଳଖ ଅର୍ଥ ଦେବା ଓ ଧାନ କୁଇଣ୍ଟାଲ ପିଛା ୫ ଶହ ଟଙ୍କା ଦେବାକୁ ଦଳ ଦାବି କରିଛି। ଦାବିପତ୍ର ଦେବା ସମୟରେ ଜିଲା କିଶାନ କଂଗ୍ରେସ ସଭାପତି ଭଗବାନ ଜେନା, ବିରେନ୍ଦ୍ର ଭୂଷଣ ହୋତା, ବସନ୍ତ ସ୍ୱାଇଁ ଏବଂ ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ରଥଖଳାରୁ**

# ୧୪ ନାହାକା ନିର୍ମାଣ ଚାଲିଛି



ପୁରୀ ଅଫିସ, ୧୮।୬

ରଥଖଳାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତିନି ରଥର ପ୍ରତି କୋଣରେ ମୋଟ ୪୪ଟି ଯୋଖା ଫିଟିଂ ଶେଷ ହୋଇଛି। ଏଥି ସହ ୧୪ ନାହାକା ଖମ୍ବୀ ନିର୍ମାଣ ଚାଲିଛି। ୧୪ ନାହାକା ନିର୍ମାଣ ପାଇଁ ରଥ ଅମିନ ୭ଟି ଲେଖାଏ କାଠ ଯୋଗାଇଥିଲେ। ସେଥିମଧ୍ୟରୁ ତାଳଧ୍ୱଜ ରଥର ୪ଟି ଚଉଦ ନାହାକା ଖମ୍ବୀ ନିର୍ମାଣ ସରି ଆଉ ଦୁଇଟିର ଚଉପଟ କାମ ଚାଲିଛି ଚଉପଟ ପରେ ଆଠ କୋଣି ହୋଇ ଦୁଇପଟ ସାଲ ହୋଇ ବିନ୍ଧ ହେବ। ଦେବଦଳନ ରଥର ୪ଟି ୧୪ ନାହାକା ଖମ୍ବୀ ନିର୍ମାଣ ସରି ଆଉ ୨ଟିର ଚଉପଟ କାମ ଚାଲିଛି। ନନ୍ଦିଘୋଷ ରଥର ୭ଟି ଚଉଦ ନାହାକା ଖମ୍ବୀ ନିର୍ମାଣ ସରିଛି। ଏହି ଚଉଦ ନାହାକା ଖମ୍ବୀ ପ୍ରତି ରଥର ଚାରିନାହାକା ଠାରୁ ଅଢ଼େଇ ଫୁଟ ବ୍ୟବଧାନରେ ରଥର ଚାରି ପାର୍ଶ୍ୱରେ ଉଠିବ। ତିନିରଥର ଗୋଟିଏ ଗୋଟିଏ ଚାର ପରିଛା ଚଉପଟ ସରି କାପ ହୋଇ ବିନ୍ଧ ସରିଛି। ତିନିରଥର ଦୁଇଟି ଲେଖାଏ ଧୂଳି ଦଣ୍ଡା ଚଉପଟ କାମ ଶେଷ ହୋଇଛି। ଏହା ସିଂହାସନରେ ପ୍ରଭା ଫିଟିଂ ପାଇଁ ପ୍ରଭା ପଛ ଭାଗରେ ଲାଗିଥାଏ। ତିନିରଥର ତିନି ଭୂଇଁ ପାଇଁ ୧୨ଟି ଲେଖାଏ ଚଉତରା ବିନ୍ଧ ଓ ଆଡ଼ି ବିନ୍ଧ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ୬ଟି ଲେଖାଏ ଓରା ବିନ୍ଧ ସରିଛି। ଜଗତ ପୃଷ୍ଠ ଶ୍ରେଣୀ ଠାକୁରଙ୍କ ଆସ୍ଥାନ ପାଇଁ ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଣସର ପାଇଁ ୧୮ ଫୁଟର ୩ଟି ଅଣସର ଗୟଳ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

**ସଂକ୍ଷେପରେ**

## ଶ୍ରୀଜଗନ୍ନାଥଙ୍କ ସେନାପଟା, ବାହୁଟ ସୋ ପାଇଁ ବଉଳ ବୃକ୍ଷ ଚିହ୍ନଟ

ସାକ୍ଷୀଗୋପାଳ, ୧୮।୬(ଡି.ଏନ୍.ଏ.)- ଚଳିତବର୍ଷ ପୁରୀରେ କେବଳ ରଥଯାତ୍ରା ହେବ। ଏଥିପାଇଁ ସ୍ନାନ ଓ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ, ବଡ଼ଠାକୁରଙ୍କ ପହଣ୍ଡି ବିଜେ ପାଇଁ ଆବଶ୍ୟକ ସେନାପଟା, ବାହୁଟ ସୋ ନିମନ୍ତେ ସାକ୍ଷୀଗୋପାଳ ବକୁଳବନରେ ବଉଳ ବୃକ୍ଷ ଶୁକ୍ରବାର ଚିହ୍ନଟ କରାଯାଇଛି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିର୍ମାଣ ତତ୍ତ୍ୱାବଧାରକ, ଭୋଇ ସେବକ ସାକ୍ଷୀଗୋପାଳ ମନ୍ଦିର ଓ ସ୍ଥାନୀୟ ପ୍ରଶାସନ ସହ ବକୁଳବନ ଶେଷ ଭାଗରେ ସାରୁଗଡିଆ ଗ୍ରାମ ନିକଟରେ ଶୁକ୍ରବାର ବଉଳ ବୃକ୍ଷ ଚୟନ କରିଥିଲେ। ଏହି ଆସରରେ ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା, ଆଇଆଇସି ଦେବୀ ପ୍ରସାଦ ପାତ୍ର, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନ, ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ସର୍ଦ୍ଦାର ଭୋଇସେବକ ରବୀନ୍ଦ୍ର ଭୋଇ, ଧ୍ରୁବଚରଣ ଭୋଇ, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଯାଇ ବୃକ୍ଷଟିକୁ ବରଣ କରାଯିବା ପରେ ଭୋଇ ସେବକମାନେ ନିର୍ଦ୍ଧାରିତ ମାପରେ ବୃକ୍ଷ ଛେଦନ କରିବେ। ବକୁଳ ବନ ସିଦ୍ଧବକୁଳ ମନ୍ଦିରଠାରୁ ବଳଦ ଶଗଡ଼ିରେ ଶ୍ରୀକ୍ଷେତ୍ର ଅଭିମୁଖେ କାଠଶଗଡ଼ି ମେଲାଣି ଦିଆଯିବ। ସ୍ନାନ ଯାତ୍ରା, ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ପହଣ୍ଡି ବେଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ସେନାପଟା ଓ ବାହୁଟ ଗୁପ୍ତସେବା କରାଯାଇଥାଏ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଟଙ୍କା ହଡ଼ପ ମସୁଧା

ନିମାପଡ଼ା,୧୮।୬(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ମଝିପଡ଼ା ଗ୍ରାମର ଜଣେ ଧନୀକ ଶ୍ରେଣୀର ମହିଳା ଚଞ୍ଚକତା କରି ଜାଲ କାଗଜପତ୍ର ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସରକାରୀ ସହାୟତା ଟଙ୍କା ହାତେଇବାକୁ ମସୁଧା ଚଳାଇଛନ୍ତି। ଉକ୍ତ ମହିଳାଙ୍କ ପରିବାରର ୨ଜଣ ବ୍ୟକ୍ତି ସରକାରୀ ଚାକିରି କରୁଥିବାବେଳେ ତାଙ୍କ ବହୁ ଜମିବାଡ଼ି ରହିଥିବା କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚଞ୍ଚକତା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବିରେ ସୁରେନ୍ଦ୍ର ଦାସ, ନୀଳମଣୀ ଭୋଇ, କାଶୀନାଥ ରାଉତ, ସଞ୍ଜୟ ରାଉତ ପ୍ରମୁଖ ଶୁକ୍ରବାର ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାମଚନ୍ଦ୍ର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ରାସ୍ତାରେ ଧାନ ବସ୍ତା, ଲଙ୍ଗଳ ରଖି ଧାରଣା

ଡେଲାଙ୍ଗ,୧୮।୬ (ଡି.ଏନ୍.ଏ.)

**ଧାନକିଣାରେ ଅନିୟମିତତାର ପ୍ରତିବାଦ**

ଡେଲାଙ୍ଗ ବ୍ଲକ ଅଞ୍ଚଳର ଧାନକିଣାରେ ଅନିୟମିତତା ଅଭିଯୋଗ ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ପ୍ରଗତି ସେବା ସମବାୟ ସମିତିର କର୍ମକର୍ତ୍ତାଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟହେତୁ ସ୍ଥାନୀୟ କେତେକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଚାଷୀମାନେ ଶୁକ୍ରବାର ଡେଲାଙ୍ଗ –ଖୋର୍ଦ୍ଧା ରାସ୍ତାରେ ଧାନବସ୍ତା ଓ ଲଙ୍ଗଳ ରଖି ରାସ୍ତା ଅବରୋଧ କରିଥିଲେ। ଅଭିଯୋଗ ଅନୁଯାୟୀ, ୧୦୭ଜଣ ଚାଷୀ ଚଳିତବର୍ଷ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ ପାଇଁ କାଗଜପତ୍ର ଦାଖଲ କରିଥିଲେ। ମାତ୍ର ପରିତାପର ବିଷୟ ଅଦ୍ୟାବଧି କେତେକ ଚାଷୀଙ୍କୁ ଟୋକନ ମିଳି ନ ଥିବାବେଳେ ଅନ୍ୟ କେତେକଙ୍କ ଟୋକନ ବାତିଲ ହୋଇଯାଇଛି। ଏ ନେଇ ଚାଷୀମାନେ ଅଭିଯୋଗ କରିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଷୀମାନଙ୍କ ପଞ୍ଜୀକରଣରେ ବ୍ୟତିକ୍ରମ କରିବା ନେଇ ପ୍ରଗତି ସେବା ସମବାୟ ସମିତି ସମ୍ପାଦକ ବଙ୍କୁ ରାଉତରାୟଙ୍କୁ ନିଲମ୍ବିତ କରାଯାଇଛି। ସିପିଆଇଏମଏଲ ତଥା କୃଷକ ନେତା ଅଶୋକ ପ୍ରଧାନ ଓ କିଶାନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ହୋଇଥିଲେ। ଖବରପାଇ ତହସିଲଦାର ମହେନ୍ଦ୍ର ବଡେଇ, ବିଡିଓ ଦିଲୀପ ଷଡ଼ଙ୍ଗୀ ଓ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ବୁଧବାର ମଣ୍ଡିରୁ ସମସ୍ତ ଚାଷୀଙ୍କ ଧାନ ଉଠାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବାରୁ ଧାରଣାରୁ ହଟିଥିଲେ। ଧାରଣାରେ ଦୁର୍ଗାଚରଣ ରାଉତରାୟ, ବିଶ୍ୱରଞ୍ଜନ ସ୍ୱାଇଁ , ସ୍ୱରାଜ ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ମନମୋହନ ସ୍ୱାଇଁ, ସର୍ବେଶ୍ୱର ମନ୍ତ୍ରୀ, ବିଜୟ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅଚ୍ୟୁତ ନାୟକ ପ୍ରମୁଖ ଶତାଧିକ ଚାଷୀ ସାମିଲ ଥିଲେ।



ଚାଷୀମାନେ ରାସ୍ତାରେ ଧାନବସ୍ତା ରଖି ଧାରଣା ଦେଇଛନ୍ତି।


**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**

Odishaର ପ୍ରତ୍ୟେକ ଅଞ୍ଚଳରୁ ପ୍ରାର୍ଥୀ / ପ୍ରାର୍ଥିନୀ ଆବଶ୍ୟକ।

ଯୋଗ୍ୟତା 10th/+2 above

ଦରମା - 7,000/- ରୁ 42,000/-

8895029591



**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ୪୨୭୦-ଜିଆରସି-ସିଭ-ସି-II-୦୮-୨୦୨୧, ତାରିଖ: ୧୮।୦୬।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/II/, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ରାଉରକେଲା-ଝାରସୁଗୁଡ଼ା ୩ୟ ଲାଇନ୍: ଡେପୁଟି ସିଇ/ସିଓଏନ/ଝାରସୁଗୁଡ଼ା, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ଝାରସୁଗୁଡ଼ା ୟାର୍ଡ (କିମି ୫୧୬/୦୦)ରୁ ଇବ୍. ସୋଗ୍ରା (କିମି ୪୫୭.୦୦) ମଧ୍ୟରେ ବଳକା ଏ.ଟି. ୱେଲ୍ଡିଂ କାର୍ଯ୍ୟ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ₹୯୭.୪୨ ଲକ୍ଷ। ସମାପ୍ତି ଅବଧି: ୬ ମାସ। ବନ୍ଦ ହେବା ତାରିଖ: ତା୧୨।୦୭।୨୦୨୧ରିଖ। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-125)



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିକି-ବିଏସ୍‌ପି-ଟି-୨୫-୨୧-୨୨, ତାରିଖ: ୦୨।୦୬।୨୦୨୧

କାର୍ଯ୍ୟ: ସିନିୟର ଡିଇଏନ୍/ଉତ୍ତର, ବିଳାସପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରୋବୋଟିକ୍ ପଦ୍ଧତି ଦ୍ୱାରା କ୍ରସିଂର ରିକଣ୍ଡିସନିଂ। ଟେଣ୍ଡର ମୂଲ୍ୟ (ଟଙ୍କାରେ): ₹୭୨,୦୩,୩୭୨.୦୦/-। ଇଏମ୍‌ଡି (ଟଙ୍କାରେ): ₹୦୦.୦୦/-। ସମାପ୍ତି ଅବଧି: ୧୨ ମାସ।

ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୮।୦୬।୨୦୨୧ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ୧୨।୦୭।୨୦୨୧, ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ବାବଦରେ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିକି.)

CPR/10/59 ଏସ୍.ଇ.ସି. ରେଳପଥ/ବିଏସ୍‌ପି

South East Central Railway @Secrail



**ARMY INSTITUTE OF MANAGEMENT (AIMK)**

New Town, Rajarhat, Kolkata-700160

(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA offers 2-Year Full Time Residential MBA Programme with Specialisations in Marketing, HR, Finance, Business Analytics, MIS & Operations.

Admission for 2021-23 Session open to students from Army & Non-Army background.

MBA aspirants may appear in the upcoming JEMAT-2021 of MAKAUT for admission. For further details of JEMAT-2021, please visit the link: https://cetmat.examflix.in/ Candidates with valid CAT-2020 score can also apply.

Complementary training for students aiming for commission in the Indian Armed Forces.

Contact us: 9051034040, 7980010533, 9477123072 | Email: admission_cell@aim.ac.in

THE AIMK ADVANTAGE

1. 24 years of academic excellence. 2. Affordability: best return on investment. 3. Brand new campus with state of the art facilities. 4. Army connect: leadership, management & control. 5. Near 100 percent placement. 6. Ranked B-School in India. 7. Reputed faculty with corporate and academic experience. 8. Cosmopolitan student profile.



**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**

(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)

ଫୋନ୍ ନଂ. ୦୬୭୪-୨୪୩୧୬୧୧, ୨୪୩୧୬୧୨

**ଧର୍ମପଦ ପୁରସ୍କାର ପାଇଁ ପ୍ରସ୍ତାବ ଆହ୍ୱାନ**

**ଶେଷ ତାରିଖ: ୨୦ ଜୁଲାଇ ୨୦୨୧**

ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଚଳିତବର୍ଷ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ରାଜ୍ୟର ବୟୋଜ୍ୟେଷ୍ଠ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଆବେଦନକାରୀ ଶିଳ୍ପୀଙ୍କର ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରସ୍ତାବକାରୀ ନିଜର ନାମ କିମ୍ବା ଅନ୍ୟ ଶିଳ୍ପୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ, ପ୍ରମାଣ ପତ୍ର ସହ ଆସନ୍ତା ତା୨୦।୦୭।୨୦୨୧ରିଖ ମଧ୍ୟରେ ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪ କିମ୍ବା E-mail: odishalka1962@gmail.com ଜରିଆରେ ପଠାଇବାକୁ ଅନୁରୋଧ କରାଯାଉଛି। ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଏକାଡେମୀ ଦ୍ୱାରା ଗ୍ରହଣୀୟ ହେବ ନାହିଁ।

ସଚିବ

ଓଡ଼ିଶା ଲଳିତ କଳା ଏକାଡେମୀ


# ୩ ବ୍ଲକକୁ ଯୋଡ଼ିବ ବୋଇତଭଙ୍ଗା ସେତୁ

ଗୋପ,୧୮।୬(ଡି.ଏନ୍.ଏ.)

ସାଢ଼େ ୭ କୋଟି ଟଙ୍କା ବ୍ୟୟରେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତଥା ଗୋପ- ସୁବର୍ଣ୍ଣପୁର ରାସ୍ତାରେ ନିର୍ମିତ ବୋଇତଭଙ୍ଗା ସେତୁ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ୨୦୦୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋପ-ଗବକୁଣ୍ଡ ରାସ୍ତା ଧନୁଆ ନଦୀ ଉପରେ ଥିବା ବୋଇତଭଙ୍ଗା ସେତୁର ଶିଳାନ୍ୟାସ କରିଥିଲେ। ସେ ସମୟରେ ମୁଖ୍ୟମନ୍ତ୍ରୀ ୨ ବର୍ଷରେ ଏହା ଶେଷ ହେବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁ ଏହି ସେତୁ ନିର୍ମାଣରେ ବିଳମ୍ବ ଘଟିଥିଲା। ପରେ ମନ୍ତ୍ରୀ ଦାଶଙ୍କ ଉଦ୍ୟମ ଯୋଗୁ ୧୨ବର୍ଷ ପରେ ସେତୁ ନିର୍ମାଣ ଶେଷ ହୋଇଛି। ଶୁକ୍ରବାର ମନ୍ତ୍ରୀ ଦାଶ ସୁବର୍ଣ୍ଣପୁରରେ ପହଞ୍ଚିବା ପରେ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ବୋଇତଭଙ୍ଗା ସେତୁ ପର୍ଯ୍ୟନ୍ତ ନେଇଥିଲେ। ମନ୍ତ୍ରୀ ଫିତା କାଟି ସେତୁ ଉପରେ ଚାଲିବା ପରେ ଏକ ସଭାରେ ଯୋଗଦେଇ ଏହି ସେତୁ ଦ୍ୱାରା ଗୋପ, ସାକ୍ଷୀଗୋପାଳ ଓ ପୁରୀ ସଦର ବ୍ଲକକୁ ସିଧାସଳଖ ସଂଯୋଗ କରିବ ବୋଲି ଲୋକଙ୍କୁ କହିଥିଲେ। ଏପରିକି ପ୍ରାୟ ୨୦ପଞ୍ଚାୟତର ଲୋକ ଏହି ସେତୁ ଦ୍ୱାରା ଯାତାୟାତରେ ଉପକୃତ ହେବେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବିଜେଡି ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସରପଞ୍ଚ ଅକ୍ଷୟ ନିଶଙ୍କ, ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ରାମାନୁଜ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ପାର୍ଥଦେବ ସାହୁ, କନିଷ୍ଠ ଯନ୍ତ୍ରୀ ସୁବାସ ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୋଇତଭଙ୍ଗା ସେତୁ ଉଦ୍‌ଘାଟନ କରୁଛନ୍ତି।


**क्षेत्रिय शिक्षा संस्थान, भुवनेश्वर**

**REGIONAL INSTITUTE OF EDUCATION, BHUBANESWAR**

(राष्ट्रिय शैखिक अनुसंधान और प्रशिक्षण परिषद्)

(National Council of Educational Research & Training)

Sachivalaya Marg, Bhubaneswar-751022

**ADMISSION NOTICE 2021-22**

Advt. No: 399 Dated: 31.05.2021

The Regional Institute of Education, NCERT, Bhubaneswar will offer the following programmes/ courses for the academic session 2021-22.

(1)B.Sc., B.Ed.(Four year)
(2)B.A, B.Ed. (Four year)
(3)B.Ed. (Two year)
(4)M.Ed.(Two year)
(5)M.Phil. in Education

For admission to above programmes / courses except M.Phil in Education, online applications are invited from eligible applicants to appear in common Entrance Examination (CEE). Regional Institute of Education (RIE), Bhopal is the Nodal Centre for CEE-2021. The online application/registration of the candidates for various programmes will be done through **https://www.cee.ncert.gov.in**. The process of application/registration of CEE-2021 is open from **20.05.2021** and the last date of application / registration is **30.06.2021**. For any query, please contact CEE-2021 Helpdesk phone numbers 0755-20661467/ 07552661468 or the e-mail ID. **cee2021help@gmail.com** of RIE, Bhopal.

For admission to M.Phil. in Education, a separate Notice will be issued by this Institute / Utkal University.

**PRINCIPAL**



**OFFICE OF THE REGULATED MARKET COMMITTEE, BHANJANAGAR**

**Dist.- GANJAM, Pin-761126**

**"e" Procurement Notice**

**Bid Identification No. RMC- BHANJANAGAR-01/2021-22**

**TCN No. 403 Dt.18.06.2021**

The Sub-Collector, Bhanjanagar-cum-Chairman, R.M.C., BHANJANAGAR - invites percentage rate bids in Single & Double cover system (TECHNICAL BID & PRICE BID) in online mode for the work in the table below from the eligible contractors as follows:

| Sl. No. | Name of the work | Approximate value of work (Rs.) | EMD @ 1% Rs. (Approx.) Online | Cost of tender paper Rs. (Online) | Class of contractor | Period of completion | Cover System |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| i | Cluster-I: Construction of Model Mandi at Tanarada Market yard under RMC, Bhanjanagar | 2,62,91,959.00 | NA (Bid Security Declaration) | 10,000.00 | 'A' & 'B' | 10 (Ten) calendar months | Double cover |
| ii | Cluster-II: Construction of agri-market infrastructure at Buguda MY, RMC, Bhanjanagar | 90,78,927.00 | NA (Bid Security Declaration) | 10,000.00 | 'A' & 'B' | 10 (Ten) calendar months | Double cover |
| iii | Cluster-III: Construction of agri-market infrastructure at Sheragada MY, RMC, Bhanjanagar | 48,84,014.00 | NA (Bid Security Declaration) | 10,000.00 | 'A' & 'B' | 8 (Eight) calendar months | Single cover |

1. Date & time of availability of bid documents in the portal: From 05.00 P.M. of 22.06.2021 to 05.00 P.M. of 08.07.2021.
2. Last date/time of receipt of bids in the portal: 05.00 P.M. of 08.07.2021.
3. Date & time of opening of technical bids: 11.00 A.M. of 15.07.2021.
4. Further details can be seen from the e-procurement portal https://tenderodisha.gov.in.
5. Any addendum / corrigendum / cancellation of tender can also be seen in the said website only.

Sd./- Sub Collector, Bhanjanagar cum Chairman
RMC, Bhanjanagar

## କରୋନା ନେଲାଣି ୫୦ ଜୀବନ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଉପଖଣ୍ଡରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଶୁକ୍ରବାର ୧୨୪ଜଣ ସଂକ୍ରମିତ ହୋଇଥିବା ବେଳେ ୮୭ଜଣ ସୁସ୍ଥ ହୋଇଛନ୍ତି। ଏହି ଉପଖଣ୍ଡରେ ଶୁକ୍ରବାର ସୁଦ୍ଧା ୨,୪୭,୩୫୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୫,୧୧୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪,୩୧୭ ସୁସ୍ଥ ହୋଇଛନ୍ତି। ୫୦ଜଣଙ୍କ ମୃତ୍ୟୁ ଘଟିଛି। ୭୪୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଅନ୍ୟପକ୍ଷେ ଦ୍ୱିତୀୟ ଲହରରେ ବର୍ତ୍ତମାନ ସୁଦ୍ଧା ୬୨୩୪ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୫୪୭୭ଜଣ ସୁସ୍ଥ ହୋଇଛନ୍ତି। ୯ଜଣଙ୍କ ମୃତ୍ୟୁ ଘଟିଛି। ସୁସ୍ଥ ହାର ୮୭.୮୬ ପ୍ରତିଶତ ରହିଛି ବୋଲି ଉପଜିଲାପାଳ କହିଛନ୍ତି।

# ଲଘୁ ଖଣିଜ ଚାଲାଣ ରୋକିବାକୁ ଟାସ୍କ ଫୋର୍ସ

■ ପ୍ରଶାସନ ଓ ପୋଲିସ ମିଳିତ ଯାଞ୍ଚ କରିବେ
■ ଚଢ଼ାଉ ବେଳେ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୧୮।୬**

ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲ ଅଞ୍ଚଳରୁ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ହେଉଛି। ଫଳରେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। କରୋନା ସଂକ୍ରମଣ ପାଇଁ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ବିଭିନ୍ନ ଅଞ୍ଚଳରୁ ଶହ ଶହ ଟ୍ରକ୍, ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଜରିମାନା ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଏହାକୁ ରୋକିବା ଲାଗି ଖୋର୍ଦ୍ଧା ଉପଖଣ୍ଡ ପକ୍ଷରୁ ୨ଟି ଟାସ୍କ ଫୋର୍ସ ଗଠନ କରାଯାଇଛି। ବେଗୁନିଆ, ବୋଲଗଡ଼ ଏବଂ ଖୋର୍ଦ୍ଧାକୁ ନେଇ ଟାସ୍କ ଫୋର୍ସ-୧ ଏବଂ ଚିଲିକା, ବାଣପୁର ଓ ଟାଙ୍ଗୀ ତହସିଲକୁ ନେଇ ଟାସ୍କ ଫୋର୍ସ-୨ଗଠନ କରାଯାଇଛି। ଏହି ଟାସ୍କ ଫୋର୍ସରେ ତହସିଲଦାର, ରାଜସ୍ୱ କର୍ମଚାରୀ ଏବଂ ପୋଲିସ ଅଧିକାରୀ ରହିବେ। ପୂର୍ବରୁ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଅଲଗା ଅଲଗା ଚଢ଼ାଉ କରାଯାଉଥିଲା। ଏଣିକି ପ୍ରଶାସନିକ ଅଧିକାରୀ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିବେ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ବେଆଇନ ଭାବେ ପଥର ଖଣି, ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ବେହୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଉପସ୍ଥିତ ଥିଲେ। ଏଥିସହ ସମସ୍ତ ତହସିଲଦାର, ସଦର ଏସ୍‌ଡିପିଓ, ଥାନାଧିକାରୀମାନେ ଉପସ୍ଥିତ ଥିଲେ। ଚୋରା ଖଣିଜ ପଦାର୍ଥ ରୋକିବା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଣିକି ଖଣିରେ ମିଳିତ ଚଢ଼ାଉ କରାଯିବ। ବେଆଇନ ଭାବେ ପଥର, ବାଲି, ଖଣିଜ ପଦାର୍ଥ ଚୋରା ଚାଲାଣ କରୁଥିବା ମାଫିଆମାନେ ସୁଧୁରି ଯାଆନ୍ତୁ। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।


ବୈଠକରେ ଉପଜିଲାପାଳ ଅଶୋକ ବେହୁରିଆ ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ୨୦୧ ପଜିଟିଭ୍, ୧୯୩ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୮।୬:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ନିୟନ୍ତ୍ରଣ ସ୍ଥିତିରେ ରହିଛି। ଦୈନିକ ସଂକ୍ରମଣ ହ୍ରାସ ପାଉଛି। ଶୁକ୍ରବାର ୨୦୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୯୩ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୭, ବାଲିପାଟଣା ୧୬, ଭୁବନେଶ୍ୱର ବ୍ଲକ ୩୪, ଜଟଣୀ ୧୭, ଖୋର୍ଦ୍ଧା ୩୦, ବେଗୁନିଆ ୮, ବୋଲଗଡ଼ ୬, ଟାଙ୍ଗୀ ୨୩, ଚିଲିକା ୧୭ ଏବଂ ବାଣପୁରର ୨୩ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ମୋଟ୍ ୩,୭୮,୦୪୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୪,୭୨୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୩,୫୪୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୯ଜଣଙ୍କ ମୃତ୍ୟୁ ଘଟିଛି। ୧୧୧୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଆଜି ୨ କେନ୍ଦ୍ରରେ ଦିଆଯିବ ଟିକା

**ଖୋର୍ଦ୍ଧା ଅଫିସ,୧୮।୬:** କରୋନା ନିୟନ୍ତ୍ରଣ ଲାଗି ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଟେଷ୍ଟିଂ ଏବଂ ଟିକାକରଣ ଜାରି ରହିଛି। ଶନିବାର ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ପିଏନ କଲେଜରେ ୩୦୦ ଏବଂ ବେଗୁନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୦ଜଣ ୪୫ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦିଆଯିବ। ସେହିପରି ୧୫ କେନ୍ଦ୍ରରେ କୋଭିଡ୍ ପରୀକ୍ଷା କରାଯିବ। ସେଥିରେ ବେଗୁନିଆ ବ୍ଲକ ନିଧିପୁର, ହଜ୍, ଚାନ୍ଦିଆପାଲା, ସାଗରଗାଁ ପ୍ରାଥମିକ ବିଦ୍ୟାଳୟ, ଗବଡିହପାଟଣା ବିଦ୍ୟାଳୟ, ମଣିବନ୍ଧ ପିଏଚସି(ନୂତନ), ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ, ପୁବୁସାହି, ବଙ୍ଗିଦା ଓ ବାଜପୁର ପିଏଚ୍‌ସି ସମେତ ମୋବାଇଲ ଟିମ୍ ବୁଲି କୋଭିଡ୍ ପରୀକ୍ଷା କରିବେ। ଟାଙ୍ଗୀ ସିଏଚ୍‌ସି, ବାଣପୁରରେ ଭଟ୍ଟପଡା ଗ୍ରାମ, ବାଲୁଗାଁ ଏନ୍‌ଏସି ଅଡିଟୋରିୟମ ହଲ୍, ପରିଙ୍ଗାସାରି ବିଦ୍ୟାଳୟ, ଆଙ୍ଗୁଳ ଏବଂ ଏଚ.କେ. ବରଡିହ ବିଦ୍ୟାଳୟ କୁମଣ୍ଡଳପାଟଣାରେ ପରୀକ୍ଷଣ ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

### ୬ ଘଣ୍ଟା ପରେ ସ୍ଥିତି ନିୟନ୍ତ୍ରଣ
### ଏସିଡ୍ ଟ୍ୟାଙ୍କର ଲିକ୍ ଘଟଣା

**ଟାଙ୍ଗୀ(ଖୋର୍ଦ୍ଧା),୧୮।୬(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥ ଚାନ୍ଦପୁର ଥାନା ଅଧୀନ ଅସକୋଇ ଖାଲ ଛକ ନିକଟରେ ଗୁରୁବାର ରାତିରେ ହାଇଡ୍ରୋକ୍ଲୋରିକ ଏସିଡ୍ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହୋଇଥିଲା। ପ୍ରାୟ ୬ଘଣ୍ଟା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୂଚନା ମୁତାବକ. ଏହି ଟ୍ୟାଙ୍କର ଗଞ୍ଜାମରୁ କୋଲକାତା ଅଭିମୁଖେ ଯାଉଥିଲା। ଅସକୋଇ ଖାଲ ଛକ ନିକଟରେ ଗୁରୁବାର ରାତି ସାଢ଼େ ୮ଟାରେ ଉକ୍ତ ଟ୍ୟାଙ୍କରର ଭାଲ୍‌ବ କଟିଯିବାରୁ ଏସିଡ୍ ଲିକ୍ ହୋଇଥିଲା। ଫଳରେ ପରିବେଶ ଧୂଆଁମୟ ହୋଇଯାଇଥିଲା। ଖୋର୍ଦ୍ଧା, ଟାଙ୍ଗୀ ଓ ଜଙ୍କିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆୟତ୍ତ ପାଇଁ ପାଣି ସ୍ପ୍ରେ କରିଥିଲେ। ଚାନ୍ଦପୁର ପୋଲିସ ପହଞ୍ଚି ଯାନବାହନକୁ ଅନ୍ୟପାର୍ଶ୍ୱରେ ଛାଡ଼ିଥିଲେ। ଗଞ୍ଜାମରୁ ବୈଷୟିକ ବିଶେଷଜ୍ଞମାନେ ପହଞ୍ଚି ଗାଡ଼ିରେ ଥିବା ସମସ୍ତ ହାଇଡ୍ରୋକ୍ଲୋରିକ ଏସିଡ୍‌କୁ ଖାଲି କରିବା ସହ ଗ୍ୟାସ୍‌କୁ ରାସାୟନିକ ପ୍ରତିକ୍ରିୟା ବିହୀନ କରିବା ପାଇଁ ଗୁଣ୍ଡ ଚୂନ ପଥର ପକାଇଥିଲେ। ଦୀର୍ଘ ୬ଘଣ୍ଟା ପରେ ସ୍ଥିତି ଆୟତ୍ତ ହୋଇଥିଲା। ପରେ ଟ୍ୟାଙ୍କର ଗଞ୍ଜାମ ଅଭିମୁଖେ ଫେରିଯାଇଥିଲା।

### ଖୋର୍ଦ୍ଧା ଉପଖଣ୍ଡରେ ଗଡ଼ିବନି ରଥ

**ଖୋର୍ଦ୍ଧା ଅଫିସ,୧୮।୬:** କରୋନା ସଂକ୍ରମଣ ପାଇଁ ଚଳିତ ବର୍ଷ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କେଉଁଠି ରଥଯାତ୍ରା ଆୟୋଜନ ହେବନି ବୋଲି ସରକାର ଘୋଷଣା କରିଛନ୍ତି। ସରକାରଙ୍କ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ କୌଣସି ସ୍ଥାନରେ ରଥଯାତ୍ରା ଆୟୋଜନ କରାଯିବ ନାହିଁ। ଏନେଇ ଉପଜିଲାପାଳ ଅଶୋକ ବେହୁରିଆ କଟକଣା ଜାରି କରିଛନ୍ତି। ଉପଜିଲାପାଳ ଏନେଇ ସମସ୍ତ ତହସିଲଦାରଙ୍କୁ ଚିଠି ଲେଖିଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସଂକ୍ରମଣ ଏଡ଼ାଇବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ସ୍ଥାନୀୟସ୍ତରରେ ଥିବା ସମସ୍ତ ମନ୍ଦିର ପରିଚାଳନା କମିଟି ସହିତ ପ୍ରଶାସନିକ ଅଧିକାରୀ, ପୌର ଅଧିକାରୀ, ପୋଲିସ ଉପସ୍ଥିତିରେ ଆଲୋଚନା ଲାଗି ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ରଥଯାତ୍ରା ସମୟରେ କେବଳ ନୀତିକାନ୍ତି ପାଳନ କରାଯିବ। କଟକଣା ମଧ୍ୟରେ ସମସ୍ତ ବିଧି ପରମ୍ପରା ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା, ନବଯୌବନ ଦର୍ଶନ, ବିନା ଭକ୍ତରେ ସମ୍ପନ୍ନ କରାଯିବ। ରଥଯାତ୍ରାରେ ବିଧି ପାଳନ କରାଯିବ। ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। ବିଧି ପାଳନ ବେଳେ ଅଳ୍ପ ସଂଖ୍ୟକ ସେବାୟତଙ୍କୁ ନେଇ ନୀତି କରାଯିବ।

## ପ୍ରଧାନ ଡାକଘରେ ଖୋଲିହେବ ଫିଲାଟେଲିକ୍ ଜମାଖାତା

**ପୁରୀ ଅଫିସ, ୧୮।୬**

ଜୁନ୍ ୨୧ରେ ବିଶ୍ୱ ଯୋଗ ଦିବସ ଅବସରରେ ଭାରତୀୟ ଡାକ ବିଭାଗ ଏକ ବିଶେଷ ରଦ୍ଦକରଣ ଜାରି କରିବାକୁ ନିଷ୍ପତ୍ତି ନେଇଛି। ଏହି ଅବସରରେ ସର୍ବବୃହତ ଏକକାଳୀନ ଡାକଟିକଟ ସଂଗ୍ରହ ସ୍ମୃତିଚାରଣ ଭାବେ ଏକ କାର୍ଯ୍ୟକ୍ରମ କରିବାକୁ ଯାଉଛି। ଉଭୟ ହିନ୍ଦୀ ଓ ଇଂଲିଶ ଭାଷାରେ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୧ ଲେଖାଥାଇ କାଳିର ଏକ ଚିତ୍ରିତ ରୂପାଙ୍କନ କିମ୍ବା ଛାପ ରୂପେ ଏହି ବିଶେଷ ରଦ୍ଦକରଣ ଉପଲବ୍ଧ ହେବ। ଡାକଟିକଟରେ ମୋହର ଲଗାଇ ଏଗୁଡ଼ିକର ପୁନଃବ୍ୟବହାର ରୋକାଯିବାକୁ ରଦ୍ଦକରଣ କୁହାଯାଇଥାଏ। ଏହିପରି ରଦ୍ଦକରଣ ମୂଲ୍ୟବାନ ସଂଗ୍ରହ ଓ ଡାକଟିକଟ ଅଧ୍ୟୟନର ବିଷୟ। ଡାକଟିକଟ ସଂଗ୍ରହ ନେଇ ଉତ୍ସାହ ବୃଦ୍ଧି ତଥା ଏହି ସଉକ କିମ୍ବା କଳାକୁ ପୁନର୍ଜୀବିତ କରିବା ପାଇଁ ଭାରତୀୟ ଡାକ ବିଭାଗ ଯୋଜନା କରିଛି। ଯେଉଁମାନେ ଫିଲାଟେଲିକ୍ ବ୍ୟୁରୋ ଓ ନିର୍ଦ୍ଦିଷ୍ଟ ଡାକଘର କାଉଣ୍ଟରରୁ ଡାକଟିକଟ ସଂଗ୍ରହ କରୁଛନ୍ତି ସେମାନେ ଦେଶର ଯେକୌଣସି ପ୍ରଧାନ ଡାକଘରେ ୨ଶହ ଟଙ୍କା ଜମାକରି ଫିଲାଟେଲିକ୍ ଜମାଖାତା ଖୋଲିପାରିବେ। ଯାହାଦ୍ୱାରା ଡାକଟିକଟ ଓ ବିଶେଷ ଆବରଣ ଭଳି ସାମଗ୍ରୀ ପାଇପାରିବେ। ସ୍ମରଣୀୟ ଡାକଟିକଟ କେବଳ ଫିଲାଟେଲିକ୍ ବ୍ୟୁରୋ ଓ ଫିଲାଟେଲିକ ଜମାଖାତାରେ ଉପଲବ୍ଧ ହେବ। ପୁରୀ ପ୍ରଧାନ ଡାକଘର ଆନୁକୁଲ୍ୟରେ ଡାକଟିକଟ ସଂଗ୍ରହର ବ୍ୟାପକ ଆଦୃତି ରହିଛି। ଏହି ଡାକଘର ମାଧ୍ୟମରେ ଫିଲାଟେଲିକ୍ ଜମାଖାତା ଖୋଲାଯାଉଛି। ବିଭିନ୍ନ ସମୟରେ ଫିଲାଟେଲିକ୍ କୁଇଜ୍ ଆୟୋଜନ ହେଉଛି। ଡାକଟିକଟ ସଂଗ୍ରାହକଙ୍କ ସହ ନିୟମିତ ଯୋଗାଯୋଗ ରହିଛି। ୨୦୧୫ରେ ଭାରତୀୟ ଡାକ ବିଭାଗ ଅନ୍ତର୍ଜାତୀୟ ଯୋଗ ଦିବସ ଉପରେ ଏକ ଯୋଡ଼ା ଓ କ୍ଷୁଦ୍ରାକାର ଡାକଟିକଟ ଫର୍ଦ୍ଦ ଜାରି କରିଥିଲା। ୨୦୧୭ରେ ମିଳିତ ଜାତିସଂଘ ଡାକ ପ୍ରଶାସନ ନ୍ୟୁୟର୍କରେ ଆନ୍ତର୍ଜାତିକ ଯୋଗ ଦିବସକୁ ସ୍ମରଣୀୟ କରିବା ଲାଗି ୧୦ଟି ଯୋଗାସନର ଏକ ଡାକଟିକଟ ସେଟ୍ ଜାରି କରିଥିଲେ।

## ମହିଳାଙ୍କ ସମେତ ୫ ଗିରଫ
### ୩୬୮ ଲିଟର ମଦ, କାର ଜବତ

**ଖୋର୍ଦ୍ଧା ଅଫିସ,୧୮।୬**

ଲକ୍‌ଡାଉନରେ ଗ୍ରାମାଞ୍ଚଳରେ ବଢ଼ିଚାଲିଛି ଚୋରା ମଦ କାରବାର। ଶୁକ୍ରବାର ସକାଳେ ଭୁବନେଶ୍ୱର ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗୋଡିପଡା ଟୋଲଗେଟରେ ଏକ କାର୍ ସହ ୩୪୦ଲିଟର ମଦ ଜବତ କରିଛି। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା କଳାପଦର ଗ୍ରାମର କାର୍ ଡ୍ରାଇଭର ଜିତେନ୍ଦ୍ର ବଳିଆରସିଂ(୨୫), ଭାଇ ଶ୍ରୀକାନ୍ତ ବଳିଆରସିଂ(୨୪) ଓ ଶ୍ରଦ୍ଧାଞ୍ଜଳି ସାହୁ(୧୯)। ସୂଚନା ମୁତାବକ, ଖଲ୍ଲିକୋଟରୁ ୩ଜଣ ଏକ କାର୍ (ଓଡି୦୫ଏଠ୭୨୯୧)ରେ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଖବରପାଇ ଫ୍ଲାଇଙ୍ଗ ସ୍କ୍ୱାଡ୍ ଟୋଲଗେଟ ନିକଟରେ ଲୁଚି ରହିଥିଲା। ସନ୍ଦେହରେ କାର୍‌କୁ ଅଟକାଇ ଯାଞ୍ଚ ବେଳେ ମଦ ଜବତ ହୋଇଥିଲା। ସେହିପରି ଖୋର୍ଦ୍ଧା ଅବକାରୀ ପୋଲିସ ମଳିପଡ଼ା ଓ ଗୁରୁଜଙ୍ଗରେ ଚଢ଼ାଉ କରି ୨୮ଲିଟର ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମଳିପଡ଼ାର ରାଜୀବ ବିଶ୍ୱାଳ(୩୮) ଏବଂ ଗୁରୁଜଙ୍ଗର ରତ୍ନାକର ନାୟକ(୫୦)। ରାଜୀବ ଗାଁ ମୁଣ୍ଡ ଗଛମୂଳେ ମଦ ବିକ୍ରି କରୁଥିଲେ। ଖବରପାଇ ଅବକାରୀ ଟିମ୍ ପହଞ୍ଚି ଗ୍ରାହକ ବେଶରେ ତାଙ୍କୁ ଧରିଥିଲେ। ରତ୍ନାକରଙ୍କୁ ଘର ନିକଟରୁ ଗିରଫ କରିଥିଲେ।

## ବୃଷବନ୍ଧ ପାହାଡ଼ରେ ବ୍ଲାଷ୍ଟିଂ ବନ୍ଦ ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଖୋର୍ଦ୍ଧା ଅଫିସ,୧୮।୬**

ଟାଙ୍ଗୀ ବ୍ଲକ ଆଡ଼ିଆପଡ଼ା ଗ୍ରାମ ନିକଟ ବୃଷବନ୍ଧ ପାହାଡ ବେଆଇନ ଖନନ, ବ୍ଲାଷ୍ଟିଂ ବନ୍ଦ ଦାବିରେ ଶୁକ୍ରବାର ଏକାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ଗ୍ରାମର ପରିବେଶ ନଷ୍ଟ ହେବା ସହ ଅନେକ ଘରର ଆଜବେଷ୍ଟସ ଉଡିଗଲାଣି। ପଥର ଖଣ୍ଡ, ଧୂଳି ଚାଷଜମିରେ ପଡ଼ିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପାହାଡ଼ ଦେଇ ଗ୍ରାମକୁ ଯାତାୟାତ ବେଳେ ପଥର ଖଣ୍ଡ ପଡି ଅଧିକାଂଶ ଲୋକେ ଆହତ ହେଉଛନ୍ତି। ପୋଖରୀ ପାଣି ଦୂଷିତ ହୋଇ ଅନୁପଯୁକ୍ତ ହୋଇପଡିଛି। ଗୋରୁ, ଛେଳି ପାହାଡ ପାଦଦେଶରେ ଚରିବା ବେଳେ ପଥର ଖଣ୍ଡ ପଡି ଆହତ ହେଉଛନ୍ତି। ଏଥିସହ ଅନେକଙ୍କ କାନ୍ଥରେ ଫାଟ ସୃଷ୍ଟି ହେବା ସହ ଘର ଛାତ ନଷ୍ଟ ହେଲାଣି। ଅଧିକାଂଶ ସମୟରେ ମୃଦୁ ଭୂମିକମ୍ପ ଭ୍ରମ ସୃଷ୍ଟି ହେଉଛି। ଜଣେ ବ୍ୟକ୍ତି ଏକର ୬ଶହ ଡେସିମିଲ ପାଇଁ ଲିଜ୍ ନେଇଛନ୍ତି। ତେବେ ବେଆଇନ ଭାବେ ନିକଟରେ ଥିବା ଅନ୍ୟ ୩ ଖଣିରୁ ପଥର ଖନନ କରୁଛନ୍ତି। ବେଆଇନ ଭାବେ ଅନ୍ୟମାନଙ୍କୁ ପଥର ଖନନ ଲାଗି ଅନୁମତି ଦେଇଛନ୍ତି। ସମସ୍ତେ ପାହାଡ଼ ଚାରିପଟ ଲୁଟିବାରେ ଲାଗିଛନ୍ତି। ଆଗକୁ ଏହି ପାହାଡ଼ ସମ୍ପୂର୍ଣ୍ଣ ଲଣ୍ଡା ହୋଇଯିବା ସହ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ମଧ୍ୟ ହରାଇବେ। ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପାହାଡ଼ ଖନନ ବନ୍ଦ କରିବା ସହ ଲିଜ୍‌କୁ ରଦ୍ଦ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଯାଁଳା,୧୮।୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଲକ୍‌ଡାଉନ ଜାରି ରହିଛି। ଏଥିସହ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଶୁକ୍ରବାର ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଅଙ୍ଗନୱାଡି ଓ ଆଶାକର୍ମୀମାନେ ଡାକବାଜି ଯନ୍ତ୍ର ମାଧ୍ୟମରେ କରୋନା ଲକ୍ଷଣ ଠାରୁ ଆରମ୍ଭ କରି ଏହାର ପ୍ରତିକାର ପର୍ଯ୍ୟନ୍ତ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡମେମ୍ବର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଗାଁ କଲ୍ୟାଣ ସମିତି ଦ୍ୱାରା ପରିଚାଳିତ ହୋଇଥିଲା।

### ଲୁଗା ଗୋଦାମ ସିଲ୍, ଦଣ୍ଡ ଗଣିଲେ ୧୧ ଗ୍ରାହକ

**ଜଟଣୀ,୧୮।୬(ଡି.ଏନ୍.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବା ପାଇଁ ନିର୍ଦ୍ଦେଶ ରହିଛି। ଖୋର୍ଦ୍ଧା ଜିଲା ଜଟଣୀ ସହରର କେତେଜଣ ବ୍ୟବସାୟୀ ଏହି ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଜଟଣୀ ପୌରାଞ୍ଚଳ ଅଧୀନ ରାଜାବଜାର ଇମାମବାଡ଼ାର ଏକ ହୋଲସେଲ ଲୁଗା ଗୋଦାମ ଉପରେ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଏକ ଟିମ୍ ସହ ଚଢ଼ାଉ କରିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୧୧ ଗ୍ରାହକଙ୍କଠାରୁ ୫୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ ଦୋକାନକୁ ସିଲ୍ କରାଯାଇଛି। ଏହି ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସ୍ୱର୍ଣ୍ଣ


@ ଅନନ୍ୟା


@ କଲ୍ୟାଣୀ


@ ପ୍ରିୟାଂଶୀ


@ ବ୍ରହ୍ମାନନ୍ଦ


@ ଗୋପାଳ

# ୩୫.୯୮ ଲକ୍ଷ ଶ୍ରମଦିବସ ସୃଷ୍ଟି ହେବ

### ଜିଲା ପରିଷଦ ୮ମ ସାଧାରଣ ବୈଠକ

■ ରୂପାନ୍ତରଣ କାର୍ଯ୍ୟକ୍ରମରେ ୩୮ ହାଇସ୍କୁଲ ସାମିଲ
■ ଆବାସ ଯୋଜନାରେ ୩୬୫୨ଗୃହ ନିର୍ମାଣ ହୋଇଛି


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଖୋର୍ଦ୍ଧା ଅଫିସ,୧୮।୬**

ଖୋର୍ଦ୍ଧା ଜିଲା ପରିଷଦର ୮ମ ସାଧାରଣ ବୈଠକ ଭର୍ଚୁଆଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଥିଲେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ୨୦୨୧-୨୨ରେ ୩୫ଲକ୍ଷ ୯୮ହଜାର ୯ଶହ ଶ୍ରମ ଦିବସ ସୃଷ୍ଟି କରାଯିବ। ଏଥିପାଇଁ ୧୩୬କୋଟି ୬୯ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଶ୍ରମ ଦିବସ, କାର୍ଯ୍ୟରେ ସ୍ୱଚ୍ଛତା ଉପରେ ବିଧାୟକମାନେ ଗୁରୁତ୍ୱ ଦେଇଥିଲେ।

ଜିଲାରେ ଜୁନ ମାସରେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ସୁସ୍ଥ ହାର ବୃଦ୍ଧି ପାଇଛି। ଟିକାକରଣ ଏବଂ କୋଭିଡ୍ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି ବୋଲି ଜିଲାପାଳ ସନତ୍ ମହାନ୍ତି କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ ବୃହତ ପାନୀୟଜଳ ଓ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଥିଲେ, ଜିଲାରେ ୩୮ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହି ହାଇସ୍କୁଲଗୁଡିକ ଭିତ୍ତିଭୂମି ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ଭାବ୍ୟ ବନ୍ୟା ମୁକାବିଲା ଏବଂ ଦୁର୍ବଳ ନଦୀବନ୍ଧ ମରାମତି ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ଜଳସେଚନ ଡିଭିଜନ ନିର୍ବାହୀଯନ୍ତ୍ରୀ କହିଛନ୍ତି। ପୂର୍ତ୍ତ ବିଭାଗ ଯନ୍ତ୍ରୀ କହିଥିଲେ, ଚଳିତ ବର୍ଷ ୪ଟି ନୂଆ ରାସ୍ତା ପାଇଁ ପ୍ରକଳ୍ପ ଅନୁମୋଦନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲାର ୧୦ ବ୍ଲକରେ ୩୬୫୨ ଗୃହ ନିର୍ମାଣ ହୋଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ରାଜ୍ୟ ସରକାର ଜନତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍‌ରେ ବାପା-ମା'ଙ୍କୁ ହରାଇଥିବା ଅନାଥ ଶିଶୁଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ସହ ଶିକ୍ଷାଦାନ ଲାଗି ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ପ୍ରଗତି ପଥରେ ସମସ୍ତଙ୍କ ସହଯୋଗ ଜରୁରୀ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜିଲାରେ କୋଭିଡ୍‌ର ସୁପରିଚାଳନା ଲାଗି ଜିଲା ପ୍ରଶାସନର ପ୍ରଶଂସା କରିବା ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ପରାମର୍ଶ ଦେଇଥିଲେ। ବୈଠକରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତିଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏଥର କେବଳ ବିଧି ପାଳନ

■ ଜାଗୁଲାଇପାଟଣାରେ ହେବନି ରଥଯାତ୍ରା
■ ଚଳନ୍ତି ପ୍ରତିମା ଯିବେ ଗୁଣ୍ଡିଚା ଘର



**ଖୋର୍ଦ୍ଧା ଅଫିସ,୧୮।୬**

ଚଳିତବର୍ଷ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରଥଯାତ୍ରା ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧା ଉପକଣ୍ଠ ଜାଗୁଲାଇପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମଦେବଙ୍କ ରଥଯାତ୍ରା ଆୟୋଜନ ଫିକା ପଡ଼ିଛି। ଅକ୍ଷୟତୃତୀୟାରେ ବିଧି ପୂର୍ବକ ପରମ୍ପରାନୁସାରେ ରଥକାଠ ଅନୁକୂଳ ହୋଇଥିଲା। ସରକାରଙ୍କ ଘୋଷଣା ପରେ ରଥଯାତ୍ରା ଆଶା ମଉଳିଯାଇଛି। ରଥଯାତ୍ରା ନ ହେଲେ ମଧ୍ୟ ସମସ୍ତ ବିଧି ପରମ୍ପରା ଅନୁଯାୟୀ ପାଳନ କରାଯିବ ବୋଲି ମନ୍ଦିରର ପୂଜକ କମଳାକାନ୍ତ ମହାରାଜ କହିଛନ୍ତି। ଜୁନ୍ ୨୪ରେ ଦେବସ୍ନାନ ଯାତ୍ରା, ଅଣସର ବିଧି, ରଥଯାତ୍ରା ସମସ୍ତ କାର୍ଯ୍ୟ ନୀତିକାନ୍ତିରେ କରାଯିବ। ବିଗତ ବର୍ଷ ମଧ୍ୟ ରଥଯାତ୍ରା ଆୟୋଜନ ହୋଇ ନ ଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଗୁଣ୍ଡିଚା ଘରେ ବିଜେ କରିଥିଲେ। ଚଳିତବର୍ଷ ତଦନୁସାରେ ବିଧି ପାଳନ କରାଯିବ ବୋଲି ସେ କହିଛନ୍ତି।

ଖୋର୍ଦ୍ଧାଠାରୁ ୫କି.ମି. ଦୂରରେ ରହିଛି ଜାଗୁଲାଇପାଟଣା। ଏଠାରେ ବିଜେ କରିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ। ସୁଦର୍ଶନଙ୍କ ସହ ତିନି ଠାକୁରଙ୍କ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ଶ୍ରୀ ଚୈତନ୍ୟ, ରଘୁନାଥ, ଗଣେଶ, ହନୁମାନ, ଭୈରବେଶ୍ୱର, ରଘୁବୀର ଦାସ ମହାରାଜଙ୍କ ସମାଧି ପୀଠ ରହିଛି। ଠାକୁରଙ୍କ ଦର୍ଶନ ଲାଗି ଭକ୍ତଙ୍କ ଗହଳି ରହିଥାଏ। ଦୈନିକ ଭୋର ୪ଟାରେ ଦ୍ୱାରଫିଟା ନୀତି, ୫ଟାରେ ମଙ୍ଗଳ ଆଳତି, ମଧ୍ୟାହ୍ନରେ ସଙ୍ଖୁଡି ଭୋଗ, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ରାତ୍ର ୧୦ଟାରେ ପହୁଡ ନୀତି ସମ୍ପନ୍ନ ହୋଇଥାଏ। ମହାପ୍ରଭୁଙ୍କ ଦୈନିକ ରୀତିନୀତି ଲାଗି ଏଠାରେ କୌଣସି ସେବାୟତ ନାହାନ୍ତି। ଏଠାରେ ରହୁଥିବା ବାବାଜିମାନେ ଠାକୁରଙ୍କ ପୂଜାପାଠ କରନ୍ତି। ୧୯୮୦ରୁ ଏଠାରେ ଘୋଷଯାତ୍ରା ଆୟୋଜିତ ହେଉଛି। ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ବିଜେ କରି ଗୁଣ୍ଡିଚା ମନ୍ଦିର ଯାଆନ୍ତି। ୧୯୮୨ ମସିହାରୁ ଏଣ୍ଡାଓମେଣ୍ଟ ଅଧୀନରେ ରହିଛି। ମନ୍ଦିର ପରିଚାଳନା ନେଇ ଏକ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି। ଖୋର୍ଦ୍ଧା ଉପଜିଲାପାଳ ଏହି ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ରହିଛନ୍ତି।